(ପୃଷ୍ଠା-୧୬+୨୦)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୨୧/୨୦୨୩ (୧୬+୨୦ ପୃଷ୍ଠା) | Bhubaneswar, Wednesday, June 21/2023 | Page 16+20 | ₹ 7.00

୪୯ଶ ଭାଗ ୨୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 206 | ମୂଲ୍ୟ₹୭/-



**ମଞ୍ଜୁ ହ୍ୟାଣ୍ଡବଲ୍‌ରୁ ରେସ୍ ୱାକର**
ହ୍ୟାଣ୍ଡବଲ୍ ଖେଳ ଛାଡ଼ି ଦେଶର ଟପ୍ ରେସ୍ ୱାକର ହୋଇପାରିଛନ୍ତି ମଞ୍ଜୁ ରାଣୀ।

୧୬

୦୨

**ଟ୍ରକ୍ ଡ୍ରାଇଭରଙ୍କ କ୍ୟାବିନ୍‌ରେ ଏସି ଲାଗିବ**
ଟ୍ରକ୍ ଡ୍ରାଇଭରଙ୍କ କ୍ୟାବିନ୍‌ରେ ଏୟାର କଣ୍ଡିଶନ୍ ବାଧ୍ୟତାମୂଳକ କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି।





# ବାଟରେ ଅଟକିଲା ଦର୍ପଦଳନ, ନନ୍ଦିଘୋଷ

- **୧୦ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ**
- **ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ରଥ ଟାଣିଲେ**

ପୁରୀ,୨୦।୬ (ଅଜିତ୍ ମହାନ୍ତି)

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଅବସରରେ ବିଶ୍ୱନିୟନ୍ତା କାଳିଆ ଠାକୁରଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି କର୍ମବେଦି ଶ୍ରୀମନ୍ଦିର ଛାଡ଼ି ନବଦିନ ଯାତ୍ରାରେ ରଥାରୂଢ଼ ହୋଇ ଜନ୍ମବେଦି ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନି ରଥ। ଦୀର୍ଘ ୧ବର୍ଷ ପରେ ବଡ଼ଦାଣ୍ଡରେ ପୁଣି ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ଜଗତର ନାଥ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ଛାଡ଼ି ଅପେକ୍ଷାରତ ଅଗଣିତ ଭକ୍ତଙ୍କ ଗହଣକୁ ଚାଲି ଆସିଛନ୍ତି। ତେବେ ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ସଅଳ ନୀତିକାନ୍ତି ଯୋଗୁ ପ୍ରାୟ ୧ଘଣ୍ଟା ପୂର୍ବରୁ ରଥଟଣା ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ଅଧାରେ ଅଟକିଯାଇଛନ୍ତି ଦର୍ପଦଳନ ଓ ନନ୍ଦିଘୋଷ ରଥ। ☞ପୃଷ୍ଠା-୪

# ୭ ଭାରତୀୟ କଫ୍ ସିରପ କଳା ତାଲିକାଭୁକ୍ତ

- **ଭାରତ, ଇଣ୍ଡୋନେସିଆର ସିରପ ପିଇ ୩୦୦ ଶିଶୁଙ୍କ ମୃତ୍ୟୁ ଅଭିଯୋଗ**
- **ତଦନ୍ତ ପରେ ଡବ୍ଲ୍ୟୁଏଚ୍‌ଓର କଡ଼ା କାର୍ଯ୍ୟାନୁଷ୍ଠାନ**
- **ବିଷାକ୍ତ ଔଷଧକୁ ନେଇ 'ଶୂନ ସହନଶୀଳ' ନୀତି ଆପଣାଇଛି ଭାରତ: ମାଣ୍ଡବ୍ୟ**

ନୂଆଦିଲ୍ଲୀ,୨୦।୬

ଭାରତ ଓ ଇଣ୍ଡୋନେସିଆର ଔଷଧ ନିର୍ମାଣକାରୀ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ୨୦ ସିରପକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଙ୍ଗଳବାର କଳାତାଲିକାରେ ସ୍ଥାନିତ କରିଛି। ତନ୍ମଧ୍ୟରେ ଭାରତରେ ପ୍ରସ୍ତୁତ ୭ କଫ୍ ସିରପ ରହିଛି। ଏହି ଅପମିଶ୍ରିତ ତଥା ନିମ୍ନମାନର ସିରପଗୁଡ଼ିକୁ ସେବନ କରି ବିଶ୍ୱର ପ୍ରାୟ ୩୦୦ ଶିଶୁ ପ୍ରାଣ ହରାଇବା ପରେ ଡବ୍ଲ୍ୟୁଏଚ୍‌ଓ ଏପରି ପଦକ୍ଷେପ ନେଇଛି।

ଗତବର୍ଷ ଉଜ୍‌ବେକିସ୍ତାନ, ଗାମ୍ବିଆ ଓ ନାଇଜେରିଆ ସମେତ କେତେକ ଦେଶରେ ଭାରତୀୟ କଫ୍ ସିରପ ପିଇ ପ୍ରାୟ ୩୦୦ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଭାରତୀୟ କଫ୍ ସିରପ ପିଇଥିବା ୨୦୦ରୁ ଊର୍ଦ୍ଧ୍ୱ ଶିଶୁ ପ୍ରାଣ ହରାଇଥିବାବେଳେ ଇଣ୍ଡୋନେସିଆ କଫ୍ ସିରପ ଯୋଗୁ ଅବଶିଷ୍ଟ ପିଲାଙ୍କ ଜୀବନ ଯାଇଥିବା ଡବ୍ଲ୍ୟୁଏଚ୍‌ଓ ତଦନ୍ତରୁ ଜାଣିବାକୁ ପାଇଛି। ସିରପ ବ୍ୟତୀତ କେତେକ ଭିଟାମିନକୁ ମଧ୍ୟ ବ୍ଲାକ୍‌ଲିଷ୍ଟରେ ରଖାଯାଇଛି। ଏହା ପୂର୍ବରୁ ଡବ୍ଲ୍ୟୁଏଚ୍‌ଓ ଭାରତରେ ନିର୍ମିତ ଅପମିଶ୍ରିତ ଔଷଧଗୁଡ଼ିକୁ ନେଇ ସତର୍କତା ଜାରି କରିଥିଲା। ତଦନ୍ତ ଶେଷ ହେବା ପରେ ଏନେଇ କଳାତାଲିକା ପ୍ରକାଶ କରାଯାଇଛି। ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟରେ ହରିୟାଣାର ମେଡେନ୍ ଫାର୍ମାସ୍ୟୁଟିକାଲ୍ସ, ନୋଏଡାର ମାରିଅନ୍ ବାୟୋଟେକ୍, ଚେନ୍ନାଇର ଗ୍ଲୋବାଲ ଫାର୍ମା, ଇନ୍ଦୋରର ରିଏମାନ୍ ଲାବ୍ ପ୍ରାଇଭେଟ୍ ଲିଃ ଏବଂ ପଞ୍ଜାବର କ୍ୟୁପି ଫାର୍ମା କେମ୍ ରହିଛି। ଉକ୍ତ କମ୍ପାନୀଗୁଡ଼ିକର ସିରପରେ ଡାଇଏଥିଲିନ୍ ଏବଂ ଏଥିଲିନ୍ ଗ୍ଲାଇକୋଲ ☞ପୃଷ୍ଠା-୪



**ବାପା ହେଲେ ରାମଚରଣ** ୧୩




**ଆଜିର ସମ୍ପାଦକୀୟ**
ବିଶେଷ କିଛି ହେବନାହିଁ

# ୭ ଜିଲାରେ ଗ୍ରୀଷ୍ମଛୁଟି ବଢ଼ିଲା

ଭୁବନେଶ୍ୱର/ସମ୍ବଲପୁର,୨୦।୬ (ଅନୁରାଧା ମହାରଣା/ଶୁଭାଶିଷ ପାଢ଼ୀ)

ରାଜ୍ୟର ୭ ଜିଲାରେ ଗ୍ରୀଷ୍ମ ଛୁଟି ଅବଧିକୁ ବୃଦ୍ଧି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତିକ୍ରମେ ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁରର ଜିଲାପାଳମାନେ ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ଦୃଷ୍ଟିରେ ରଖି ସେମାନଙ୍କ ଜିଲାରେ ଥିବା ବିଦ୍ୟାଳୟ ପାଇଁ ଛୁଟି ଅବଧିକୁ ପରିବର୍ତ୍ତନ କରିଛନ୍ତି। ସମ୍ବଲପୁର ଜିଲାରେ ସମସ୍ତ ବିଦ୍ୟାଳୟ ଜୁନ୍ ୨୧ ପରିବର୍ତ୍ତେ ୨୨ରେ ଖୋଲିବ। ଅନ୍ୟ ୬ ଜିଲାରେ ୨୩ରେ ସ୍କୁଲ ଖୋଲିବ। ଏହି ସବୁ ଜିଲାରେ ସକାଳ ୬ଟା ୩୦ରୁ ୧୦ଟା ମଧ୍ୟରେ ପାଠପଢ଼ା ହେବ। ୯ଟା ୩୦ରୁ ୧୦ଟା ମଧ୍ୟରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ମିଳିବ। ୨୬ ତାରିଖଠାରୁ ☞ପୃଷ୍ଠା-୪

# ସିଗ୍‌ନାଲ ଜେଇଙ୍କୁ ସାଢ଼େ ୬ ଘଣ୍ଟା ଜେରା

**ବାହାନଗା ଟ୍ରେନ୍ ଦୁର୍ଘଟଣା**

- **୧୨ଘଣ୍ଟା ପରେ ଘର ସିଲ୍ ଖୋଲିଲା**
- **ଜେରା ପରେ ହେପାଜତକୁ ନେଲା ସିବିଆଇ**
- **କୌଣସି ଅଧିକାରୀ ନିଖୋଜ ନାହାନ୍ତି: ସିପିଆର୍‌ଓ**

ବାଲେଶ୍ୱର/ଭୁବନେଶ୍ୱର,୨୦।୬ (ମାନସ ବିଶ୍ୱାଳ, ଅଭିଜିତ୍ ଦାସ)

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ସୋର ସେକ୍ସନ ସିଗ୍‌ନାଲ ଜେଇ ଅମିର ଖାନ୍ ସିବିଆଇ ନଜରରେ। ସୋମବାର ସନ୍ଧ୍ୟାରେ ସିବିଆଇ ଟିମ୍ ଜେଇ ଖାନ୍‌ଙ୍କ ସୋର କମରପୁରସ୍ଥିତ



ସିବିଆଇ ହେପାଜତରେ ଜେଇ ଅମୀର ଖାନ୍

ଭଡ଼ା ଘରକୁ ସିଲ୍ କରିଥିଲା। ଏହାର ୧୨ ଘଣ୍ଟା ପରେ ମଙ୍ଗଳବାର ସକାଳେ ଜେଇଙ୍କ ଉପସ୍ଥିତିରେ ୬ଜଣିଆ ସିବିଆଇ ଟିମ୍ ଘର ସିଲ ଖୋଲିଛି। ସେଠାରେ ଖାନ୍‌ଙ୍କୁ ଦୀର୍ଘ ସାଢ଼େ ୬ଘଣ୍ଟା ଧରି ଜେରା କରାଯିବା ସହ ବିଭିନ୍ନ କାଗଜପତ୍ର ଏବଂ ଆକାଉଣ୍ଟକୁ ମଧ୍ୟ ଯାଞ୍ଚ କରାଯାଇଥିଲା। ପରେ ଜେଇ ଖାନ୍‌ଙ୍କୁ ସିବିଆଇ ହେପାଜତକୁ ନେବା ସହିତ କିଛି ଦରକାରୀ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ତେବେ ଏନେଇ ସିବିଆଇ ଟିମ୍ କିମ୍ବା ଜେଇ ଖାନ୍ ଗଣମାଧ୍ୟମ ଆଗରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

ପ୍ରକାଶ ଯେ, ସୋମବାର ୩ ଜଣିଆ ସିବିଆଇ ଟିମ୍ ସୋରସ୍ଥିତ ଖାନ୍‌ଙ୍କ ଭଡ଼ା ଘରେ ଚଢ଼ାଉ କରିଥିଲେ। ☞ପୃଷ୍ଠା-୪

# ଯୁକ୍ତ୨ ନାମଲେଖା ଆବେଦନ ଅବଧି ୨୬କୁ ବୃଦ୍ଧି

ଭୁବନେଶ୍ୱର,୨୦।୬(ଅନୁରାଧା ମହାରଣା)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଏକାଦଶ ବା ଯୁକ୍ତ ୨ ନାମଲେଖା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ରମାନେ ସାମ୍ସ ପୋର୍ଟାଲ ଜରିଆରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ପୂର୍ବରୁ ଏହା ଜୁନ୍ ୨୦ ରହିଥିଲା। ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅନୁରୋଧକ୍ରମେ ଏପରି ନିଷ୍ପତ୍ତି ନିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିବର୍ତ୍ତିତ ସୂଚୀ ଅନୁଯାୟୀ ପ୍ରଥମ ମେଧା ତାଲିକା ଜୁଲାଇ ୨ରେ ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟ ନାମଲେଖା ଜୁଲାଇ ୩ରୁ ଆରମ୍ଭ ହୋଇ ୮ ତାରିଖରେ ସରିବ। ଦ୍ୱିତୀୟ ମେଧା ତାଲିକା ଜୁଲାଇ ୧୬ରେ ପ୍ରକାଶ କରାଯିବ। ଏହି ପର୍ଯ୍ୟାୟ ☞ପୃଷ୍ଠା-୪

# ସାଲିଭାରୁ ଗର୍ଭ ପରୀକ୍ଷା

ଲଣ୍ଡନ,୨୦।୬

ଏଣିକି ମହିଳାମାନେ ଅତି ସହଜରେ ଜାଣିପାରିବେ ସେମାନେ ଗର୍ଭବତୀ ଅଛନ୍ତି କି ନାହିଁ। ସାଲିଭା (ଲାଳ) ଦ୍ୱାରା ମହିଳାମାନେ ଗର୍ଭଧାରଣ ସମ୍ପର୍କରେ ଜାଣିପାରିବେ। ପ୍ରେଗ୍‌ନାନ୍ସି ପରୀକ୍ଷାକୁ ସରଳ କରିବା ଲାଗି ଜେରୁଜେଲମର ଷ୍ଟାର୍ଟଅପ୍ କମ୍ପାନୀ ସାଲିଗ୍ନୋଷ୍ଟିକ୍ ସାଲିଷ୍ଟିକ୍ ନାମକ ଏକ ଉପକରଣ ତିଆରି କରିଛି। ଏହା ଜରିଆରେ ମହିଳାମାନେ ଯେକୌଣସି ସମୟରେ ଗର୍ଭଧାରଣ ପରୀକ୍ଷା କରିପାରିବେ। ବର୍ତ୍ତମାନ ବ୍ରିଟେନ୍ ଓ ଆୟରଲାଣ୍ଡ ବଜାରରେ ସାଲିଷ୍ଟିକ୍ ଉପଲବ୍ଧ ଅଛି।

 କୋଭିଡ୍ ଟେଷ୍ଟ କିଟ୍ ତିଆରି କରିବା ପାଇଁ ବ୍ୟବହୃତ ଟେକ୍ନୋଲୋଜି ଜରିଆରେ ଏହି ପ୍ରେଗ୍‌ନାନ୍ସି ଟେଷ୍ଟ କିଟ୍ ପ୍ରସ୍ତୁତ କରାଯାଇଛି। ସାଲିଷ୍ଟିକ୍‌ର ବଜାର ମୂଲ୍ୟ ୯.୯୯ ପାଉଣ୍ଡ (ପାଖପାଖି ୧୦୪୪ ଟଙ୍କା) ରହିଛି । ଗର୍ଭବତୀ ଅବସ୍ଥାରେ ମହିଳାଙ୍କ ସାଲିଭାରୁ ବିଶେଷ ପ୍ରକାରର ଏଚ୍‌ସିଜି ହରମୋନ୍ ନିଷ୍କ୍ରିୟ ହୋଇଥାଏ। ଏହି ହରମୋନ୍ ସହାୟତାରେ ମହିଳା ଗର୍ଭବତୀ ଥିବା ସାଲିଷ୍ଟିକ୍ ଦ୍ୱାରା ସହଜରେ ଜଣାପଡ଼ିଥାଏ।



ସାଲିଷ୍ଟିକ୍‌କୁ ପାଟିରେ ପୂରାଇ କିଛି ସମୟ ରଖିବା ପରେ ଏଥିରେ ଥିବା ପ୍ଲାଷ୍ଟିକ୍ ଟ୍ୟୁବ୍‌ରେ ସାଲିଭା ଜମା ହୋଇଥାଏ। ବାୟୋଲୋଜିକାଲ ରିଆକ୍ସନ ଦ୍ୱାରା ୫ରୁ ୧୫ ମିନିଟ୍ ମଧ୍ୟରେ ଗର୍ଭଧାରଣ ସମ୍ପର୍କରେ ଜଣାପଡ଼ିଯାଏ। ଅତିକମ୍‌ରେ ୩ ମିନିଟ୍ ଭିତରେ ସାଲିଷ୍ଟିକ୍ ସାହାଯ୍ୟରେ ଗର୍ଭପରୀକ୍ଷା କରାଯାଇପାରିବ। ମାସିକ ଋତୁସ୍ରାବ ଡେରି ହେବାର ପ୍ରଥମ ଦିନ ସାଲିଷ୍ଟିକ୍ ଦ୍ୱାରା ମହିଳା ଗର୍ଭବତୀ ଅଛନ୍ତି କି ନାହିଁ ତାହା ଜଣାପଡ଼ିଯିବ। ଅନ୍ୟପକ୍ଷେ ଖାଦ୍ୟ ଖାଇବାର ☞ପୃଷ୍ଠା-୪



### ପଞ୍ଜାବରେ ରାଜ୍ୟପାଳଙ୍କ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କୁଳପତି

ପଞ୍ଜାବର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରାଜ୍ୟପାଳଙ୍କ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କୁଳପତି ରହିବେ। ଏନେଇ ବିଧାନସଭାରେ ମଙ୍ଗଳବାର ଏକ ବିଲ୍ ଗୃହୀତ ହୋଇଛି। ପଞ୍ଜାବ ବିଶ୍ୱବିଦ୍ୟାଳୟ ଆଇନ (ସଂଶୋଧନ) ବିଲ୍, ୨୦୨୩ ଗୃହରେ କିଛି ସମୟର ବିତର୍କ ପରେ ପାରିତ ହୋଇଛି। ରାଜ୍ୟପାଳ ବନୱାରିଲାଲ ପୁରୋହିତ ଓ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ମଧରେ ବିଭିନ୍ନ ପ୍ରସଙ୍ଗରେ ମତଭେଦ ଲାଗିରହିଥିବାରୁ ଏଏପି ସରକାର ଏହି ପଦକ୍ଷେପ ନେଇଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସ୍ୱାମୀ ପ୍ରେମାନନ୍ଦ ଗିରଫ

**ହାଇଦ୍ରାବାଦ,୨୦।୬:** ବିଶାଖାପାଟଣାର ଜ୍ଞାନନନ୍ଦ ଆଶ୍ରମରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ନିର୍ଯାତନା ଅଭିଯାଗରେ ଆଶ୍ରମର ସାଧୁ ସ୍ୱାମୀ ପ୍ରେମାନନ୍ଦ (୬୪)ଙ୍କୁ



ପୋଲିସ ଗିରଫ କରିଛି। ନାବାଳିକା ଜଣକ ଆଶ୍ରମରୁ ଲୁଚି ଟ୍ରେନ୍‌ରେ ବିଜୟୱାଡ଼ା ଯାଇ ଦିଶା ଥାନାରେ ସାଧୁଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଭାଇଜାଗ ପୋଲିସ ସ୍ୱାମୀ ପୂର୍ଣ୍ଣ ନନ୍ଦ ଓରଫ୍ ସ୍ୱାମୀ ପ୍ରେମାନନ୍ଦଙ୍କୁ ଗିରଫ କରିଥିଲା। ଜ୍ଞାନନନ୍ଦ ଆଶ୍ରମରେ ଅନାଥ ପିଲା ରହିବା ସହ ଏଠାରେ ଏକ ବୃଦ୍ଧାଶ୍ରମ ମଧ ରହିଛି। ପୀଡ଼ିତା ନାବାଳିକା ଯେତେବେଳେ ଛୋଟଥିଲେ ତାଙ୍କ ମା' ବାପାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ଆଈ ନାବାଳିକାଙ୍କୁ ଜ୍ଞାନନନ୍ଦ ଆଶ୍ରମରେ ଛାଡ଼ି ଥିଲେ। ଗତ ୧୩ ତାରିଖରେ ନାବାଳିକା ଜଣକ ଆଶ୍ରମରୁ କୌଣସି ଆଡ଼େ ଚାଲିଯାଇଥିବାବେଳେ ୧୫ରେ ଏ ନେଇ ଆଶ୍ରମ ପକ୍ଷରୁ ଭାଇଜାଗ ଥାନାରେ ଅଭିଯୋଗ କରାଯାଇଥିଲା। ବର୍ଷକରୁ ଅଧିକ ଦିନ ଧରି ସ୍ୱାମୀ ପ୍ରେମାନନ୍ଦ ନାବାଳିକାଙ୍କୁ ଆଶ୍ରମରେ ବନ୍ଧକ ବନେଇ ରଖିଥିବା ଭାଇଜାଗ ଅତିରିକ୍ତ ପୋଲିସ କମିଶନର ବିବେକାନନ୍ଦ କହିଛନ୍ତି। ପୂର୍ବରୁ ୨୦୧୨ରେ ୧୩ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ସ୍ୱାମୀ ପ୍ରେମାନନ୍ଦଙ୍କୁ ଭାଇଜାଗ ପୋଲିସ ଗିରଫ କରିଥିଲା।

### ଜାନୁୟାରୀ ୧୪ରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା

**ଲକ୍ଷ୍ନୌ,୨୦।୬:** ଆସନ୍ତା ବର୍ଷ ଜାନୁୟାରୀ ୧୪ ମକର ସଂକ୍ରାନ୍ତି ଅବସରରେ ଅଯୋଧ୍ୟାର ଭବ୍ୟ ରାମ ମନ୍ଦିର ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଭିଷେକ କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲିବ। କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରାଯିବ ବୋଲି ରାମମନ୍ଦିର ନିର୍ମାଣ କମିଟିର ସଭାପତି ନୃପେନ୍ଦ୍ର ମିଶ୍ର କହିଛନ୍ତି। ତେବେ ଅଭିଷେକ କାର୍ଯ୍ୟକ୍ରମର ପ୍ରସାରଣ ଟେଲିଭିଜନରେ କରାଯିବାର ଯୋଜନା ରହିଛି।

### ଟ୍ରକ୍ ଡ୍ରାଇଭରଙ୍କ କ୍ୟାବିନ୍‌ରେ ଏସି ଲାଗିବ

**ନୂଆଦିଲ୍ଲୀ,୨୦।୬:** ଟ୍ରକ୍ ଡ୍ରାଇଭରଙ୍କ କ୍ୟାବିନ୍‌ରେ ଏୟାର କଣ୍ଡିଶନ୍‌ର ଲାଗିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ଗାଡ଼ି ନିର୍ମାଣକାରୀ କମ୍ପାନୀଗୁଡ଼ିକ ଏଣିକି ଟ୍ରକ୍ ଡ୍ରାଇଭର କ୍ୟାବିନ୍‌ରେ ଏୟାର କଣ୍ଡିଶନ୍ ଲଗାଇବା ନେଇ ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତୀୟ ଫାଇଲ୍‌ରେ କେନ୍ଦ୍ରମନ୍ତ୍ରୀ ସ୍ୱାକ୍ଷର କରିଥିବା ମହିନ୍ଦ୍ରା ଏଜିଷ୍ଟିକ୍ ପକ୍ଷରୁ ମଙ୍ଗଳବାର ଆୟୋଜିତ 'ଦେଶ ଚାଳକ' କାର୍ଯ୍ୟକ୍ରମରେ ଗଡକରୀ କହିଛନ୍ତି।

### ହତ୍ୟାକାରୀଙ୍କୁ ସର୍ବସମ୍ମୁଖରେ ଗୁଳି କଲେ

**କାବୁଲ,୨୦।୬:** ଆଫଗାନିସ୍ତାନରେ ମଙ୍ଗଳବାର ଜଣେ ହତ୍ୟାକାରୀଙ୍କୁ ମସ୍‌ଜିଦ ପଡ଼ିଆରେ ଗୁଳି କରାଯାଇଛି। ତାଲିବାନୀ ଶାସକ କାବୁଲ ଦଖଲ କରିବା ପରେ ସର୍ବସମ୍ମୁଖରେ ଅପରାଧୀଙ୍କୁ ଗୁଳି କରିବାର ଏହା ଦ୍ୱିତୀୟ ଘଟଣା। ଏ ପ୍ରକାର ଦଣ୍ଡ ଅନ୍ୟମାନଙ୍କ ପାଇଁ ଶିକ୍ଷା ହେବ ବୋଲି ତାଲିବାନୀ ଶାସକଙ୍କ ବିଶ୍ୱାସ ରହିଛି। ୨୦୨୧ ଅଗଷ୍ଟରେ ବଳପୂର୍ବକ ତଲିବାନୀ ଶାସକ କାବୁଲ ଦଖଲ କରିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ତାଙ୍କ ସ୍ତ୍ରୀ ସୁଦେଶ ଧନକର।

### ଚାଇନା ସହ ସ୍ୱାଭାବିକ ସମ୍ପର୍କ ପାଇଁ ସୀମାରେ ଶାନ୍ତି ଜରୁରୀ: ମୋଦି

**ନୂଆଦିଲ୍ଲୀ,୨୦।୬:** ଚାଇନା ସହ ସ୍ୱାଭାବିକ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ସୀମାରେ ଶାନ୍ତି ଜରୁରୀ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। ଆମେରିକାକୁ ପ୍ରଥମ ରାଜକୀୟ ଗସ୍ତ ପୂର୍ବରୁ ୱାଲ୍ ଷ୍ଟ୍ରିଟ୍ ଜର୍ନାଲକୁ ସାକ୍ଷାତ୍‌କାର ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବିବାଦଗୁଡ଼ିକର ସମାଧାନ



ଯୁଦ୍ଧରେ ନୁହେଁ, ବରଂ କୂଟନୀତି ଓ ଆଲୋଚନା ଜରିଆରେ ସମ୍ଭବ। ୟୁକ୍ରେନ୍ ପ୍ରସଙ୍ଗରେ ସେ କହିଛନ୍ତି, ଭାରତ ନିରପେକ୍ଷ ବୋଲି କେତେଜଣ ଲୋକ କହୁଛନ୍ତି। କିନ୍ତୁ ଭାରତ ଶାନ୍ତିର ପକ୍ଷଧର। ସବୁ ଦେଶ ଅନ୍ତର୍ଜାତୀୟ ଆଇନ, ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଦେବା ଉଚିତ ବୋଲି ଭାରତ ବିଶ୍ୱାସ କରେ।

### ଆମେରିକାରେ ମସ୍କଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨୦।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତ ବେଳେ ବିଦ୍ୟୁତିକ କାର୍ ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ସିଇଓ ଏଲନ ମସ୍କଙ୍କୁ ଭେଟିବେ। ୨୦୧୫ରେ ମୋଦି କାଲିଫର୍ନିଆସ୍ଥିତ ଟେସ୍‌ଲା କାରଖାନା ଭ୍ରମଣ ସମୟରେ ମସ୍କଙ୍କୁ ଭେଟିଥିଲେ। ମସ୍କ ଟୁଇଟର କିଣିବା ପରେ ମୋଦିଙ୍କ ସହ ଏହା ତାଙ୍କର ପ୍ରଥମ ସାକ୍ଷାତ ହେବାକୁ ଯାଉଛି। ଭାରତରେ ଟେସ୍‌ଲା କାରଖାନା ପାଇଁ ମସ୍କ ଯୋଜନା କରୁଥିବାବେଳେ ମୋଦିଙ୍କ ସହ ଭେଟକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି।

# ଟାଇଟାନିକ୍ ପାଇଁ ଟାଇଟନ୍ ନିଖୋଜ



ଟାଇଟନ୍ ବୁଡ଼ାଜାହାଜ



ହାମିଶ୍ ହାର୍ଡିଂ



ଶାହଜାଦା ଦାଉଦ

**ୱାଶିଂଟନ୍,୨୦।୬**

- ବୁଡ଼ାଜାହାଜରେ ୫ ଜଣ ଥିଲେ
- ଆମେରିକା, କାନାଡା ପକ୍ଷରୁ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ

୧୯୧୨ ଏପ୍ରିଲ ୧୫ରେ ଉତ୍ତର ଆଟଲାଣ୍ଟିକ୍ ମହାସାଗରରେ ବୁଡ଼ିଯାଇଥିବା ବ୍ରିଟିଶ୍ ଜାହାଜ ଟାଇଟାନିକ୍‌ର ଭଗ୍ନାବଶେଷ ଦେଖିବାକୁ ଯାଇଥିବା ଏକ ବୁଡ଼ାଜାହାଜ ରବିବାର ନିଖୋଜ ହୋଇଯାଇଛି। ଟାଇଟନ୍ ନାମକ ଏହି ଭେସେଲରେ ଥିବା ୫ ଜଣ ବ୍ୟକ୍ତିଙ୍କୁ ଅଦ୍ୟାବଧି ଠାବ କରାଯାଇପାରିନାହିଁ। ଉକ୍ତ ବୁଡ଼ାଜାହାଜରେ ମାତ୍ର ୯୬ ଘଣ୍ଟା ପାଇଁ ଜୀବନରକ୍ଷକ ଅମ୍ଳଜାନ ରହିଥିବାରୁ ସେମାନଙ୍କ ବଞ୍ଚିବା ସମ୍ଭାବନା କ୍ଷୀଣ ବୋଲି କୁହାଯାଉଛି। ଆମେରିକା ତଟରକ୍ଷୀ ବାହିନୀ ପକ୍ଷରୁ ତଲାସି ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଏକ ସି୧୩୦ ବିମାନକୁ ମଧ ନିୟୋଜିତ କରାଯାଇଛି। ଆକାଶମାର୍ଗରୁ ଭିଜୁଆଲ ଓ ରାଡାର ଜରିଆରେ ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ ଜାରି ରହିଛି। କାନାଡା କୋଷ୍ଟ ଗାର୍ଡ ଏବଂ ସଶସ୍ତ୍ର ବଳ ମଧ ଏହି ଆହ୍ୱାନପୂର୍ଣ୍ଣ କାର୍ଯ୍ୟରେ ସାମିଲ ହୋଇଛି। ୬.୫ ମିଟର (୨୧ ଫୁଟ୍) ଲମ୍ବର ରିସର୍ଚ୍ଚ ଭେସେଲ ଟାଇଟନ୍ ଟାଇଟାନିକ୍ ବୁଡ଼ିଥିବା ସ୍ଥାନରେ ପହଞ୍ଚିବା ପାଇଁ ରବିବାର ବାହାରିଥିଲା। ଯାତ୍ରା ଆରମ୍ଭର ମାତ୍ର ଅଢ଼େଇ ଘଣ୍ଟା ପରେ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବା ସୋମବାର ରାତିରେ ଏହାର ପରିଚାଳନାକାରୀ ସଂସ୍ଥା ଓସେନ୍ ଗେଟ୍ ଏକ୍ସପେଡିଶନ୍ସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ପର୍ଯ୍ୟଟକ ବୁଡ଼ାଜାହାଜରେ ୯୬ ଘଣ୍ଟା ପାଇଁ ଅକ୍ସିଜେନ ଥିଲା। ସେଥିରୁ ୭୦ ଘଣ୍ଟାର ଅକ୍ସିଜେନ ବାକି ରହିଥିବା କୁହାଯାଉଛି। ବୁଡ଼ାଜାହାଜର ଓଜନ ୧୦,୪୩୨ କେ.ଜି. ହୋଇଥିବାବେଳେ ଏହା ୧୩,୧୦୦ ଫୁଟ୍ ଗଭୀରକୁ ପହଞ୍ଚିବାକୁ ସକ୍ଷମ ବୋଲି କମ୍ପାନୀ ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି।

ବୁଡ଼ାଜାହାଜରେ ଥିବା ୫ ବ୍ୟକ୍ତିଙ୍କ ମଧ୍ୟରୁ ବ୍ରିଟିଶ ନାଗରିକ ହାମିଶ୍ ହାର୍ଡିଂ ଅନ୍ୟତମ। ୫୮ ବର୍ଷୀୟ ଆଭିଏଟର୍ ତଥା ସ୍ପେସ୍ ଟୁରିଷ୍ଟ ହାମିଶ୍ ହେଉଛନ୍ତି ଆକ୍ସନ ଆଭିଏଶନର ଅଧକ୍ଷ। ଟାଇଟାନିକ୍ ମିଶନରେ ସାମିଲ ହେଉଥିବାରୁ ସେ ଗର୍ବିତ ବୋଲି ରବିବାର ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ସେହିପରି କରାଚୀରେ ମୁଖ୍ୟାଳୟ ଥିବା ଏନ୍‌ଗ୍ରୋ କମ୍ପାନୀ ଉପାଧକ୍ଷ ଶାହଜାଦା ଦାଉଦ ମଧ ଉକ୍ତ ବୁଡ଼ାଜାହାଜରେ ଥିଲେ। ଏହି ପାକିସ୍ତାନୀ ବ୍ୟବସାୟୀଙ୍କ ସହ ତାଙ୍କ ପୁଅ ସୁଲେମାନ୍ ମଧ ଦୁଃସାହସିକ ଯାତ୍ରାରେ ସାମିଲ ଥିବା 'ରଏଟର୍ସ' ଉଲ୍ଲେଖ କରିଛି। ଓସେନ୍ ଗେଟ୍ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଷ୍ଟକ୍‌ଟନ୍, ଫରାସୀ ପାଇଲଟ୍ ପଲ୍ ହେନେରି ନାର୍ଜିଓଲେଟ୍ ମଧ ସେଥିରେ ଥିଲେ।



୪୬,୦୦୦ ଟନ୍ ଓଜନ ବିଶିଷ୍ଟ ଟାଇଟାନିକ୍ ୧୯୧୨ ଏପ୍ରିଲରେ ଇଂଲଣ୍ଡରୁ ୨,୨୨୪ ଯାତ୍ରୀ ଓ କ୍ରିଉଙ୍କୁ ନେଇ ନ୍ୟୁୟର୍କକୁ ଯାତ୍ରା ଆରମ୍ଭ କରିଥିବାବେଳେ ନର୍ଥ ଆଟଲାଣ୍ଟିକ୍ ଓସେନରେ ବୁଡ଼ିଯାଇଥିଲା। ଏଥିରେ ୧,୫୦୦ ଜଣଙ୍କ ମୃତ୍ୟୁ ଘଟିଥିଲା, ଯାହାଙ୍କ ମଧ୍ୟରୁ ଅଧିକାଂଶ ବିତ୍ତଶାଳୀ ଓ ସମ୍ଭ୍ରାନ୍ତ ବ୍ୟକ୍ତି ଥିଲେ। ୧୯୮୫ରେ ଆମେରିକା-ଫ୍ରାନ୍ସର ଏକ ମିଳିତ ଅଭିଯାନ ବେଳେ ଏହାର ଭଗ୍ନାବଶେଷକୁ ଠାବ କରାଯାଇଥିଲା। ଏହି କାହାଣୀ ଉପରେ ଆଧାରିତ ହଲିଉଡ୍ ଫିଲ୍ମ 'ଟାଇଟାନିକ୍' ୧୯୯୭ରେ ସୁପରହିଟ୍ ହୋଇଥିଲା।

### ସାଜିଦ୍ ମିରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା: କଣ୍ଟା ସାଜିଲା ଚାଇନା



**ଜାତିସଂଘ, ୨୦।୬**

୨୬/୧୧ ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସାଜିଦ୍ ମିରଙ୍କୁ କଳାତାଲିକା ଭୁକ୍ତ କରିବା ପ୍ରସ୍ତାବକୁ ଚାଇନା ରଦ୍ଦ କରିଛି। ଜାତିସଂଘ ସୁରକ୍ଷା କାଉନ୍‌ସିଲ୍ ଅନ୍ତର୍ଗତ ୧୨୬୭ ଅଲ କାଏଦା କଟକଣା କମିଟି ଅଧିନରେ ସାଜିଦଙ୍କୁ ବୈଶ୍ୱିକ ଆତଙ୍କବାଦୀ ଘୋଷଣା କରିବା ସହ ତାଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରିବା ଏବଂ ଯାତ୍ରାରେ କଟକଣା ଲଗାଇବା ପାଇଁ ଆମେରିକା ଓ ଭାରତ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା। ଗତ ସେପ୍ଟେମ୍ବରରେ ଉକ୍ତ ପ୍ରସ୍ତାବକୁ ଚାଇନା ସ୍ଥଗିତ କରି ରଖିବା ପରେ ଏବେ ଏହାକୁ ରଦ୍ଦ କରିଛି।

## ଗ୍ରୀଷ୍ମ ପ୍ରବାହରେ ଅଧିକ ପ୍ରଭାବିତ ରାଜ୍ୟକୁ ୫ ଜଣିଆ କେନ୍ଦ୍ରୀୟ ଟିମ୍ ପଠାଯିବ

**ନୂଆଦିଲ୍ଲୀ,୨୦।୬**



ମନସୁଖ ମାଣ୍ଡବ୍ୟ

ଗ୍ରୀଷ୍ମ ପ୍ରବାହ ବଢ଼ିବା ଯୋଗୁ ବିଭିନ୍ନ ରାଜ୍ୟରେ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ବଢ଼ିବା ସହ ବହୁ ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜ୍ୟଗୁଡ଼ିକର ସ୍ଥିତି ଜଟିଳ ହୋଇପଡ଼ିଥିବାବେଳେ ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି। ଗ୍ରୀଷ୍ମ ପ୍ରବାହ ଦ୍ୱାରା ଅଧିକ ପ୍ରଭାବିତ ରାଜ୍ୟଗୁଡ଼ିକର ସ୍ଥିତି ସମୀକ୍ଷା ପାଇଁ ୫ ଜଣିଆ କେନ୍ଦ୍ରୀୟ ଟିମ୍ ପଠାଯିବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଉଚ୍ଚାଧିକାରୀ, ଭାରତୀୟ ପାଣିପାଗ ବିଭାଗର କର୍ମଚାରୀଙ୍କୁ ନେଇ ଏହି ଟିମ୍ ଗଠନ କରାଯିବ। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) ପକ୍ଷରୁ ନିର୍ଦ୍ଦେଶ ଜାରି କରାଯିବ। ଜନସାଧାରଣଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ମାଣ୍ଡବ୍ୟ କହିଛନ୍ତି। ଆଗାମୀ ଦିନରେ ଉତ୍ତର ପ୍ରଦେଶ, ବିହାର, ହରିୟାଣା, ତାମିଲନାଡୁ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିଦର୍ଭ, ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ଭୀଷଣରୁ ଅତି ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାକୁ ଥିବା ପାଣିପାଗ ଏଜେନ୍ସି ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପକ୍ଷେ କାଲିଠାରୁ ଉତ୍ତର ଏବଂ ମଧ ଭାରତୀୟ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ହ୍ରାସ ପାଇବ। ତାପମାତ୍ରା ବଢ଼ିବା ଯୋଗୁ ଉତ୍ତର ପ୍ରଦେଶ, ବିହାର ଏବଂ ଓଡ଼ିଶାରେ ଅଂଶୁଘାତରେ ଅନେକଙ୍କ ମୃତ୍ୟୁ ଘଟିଛି। ତାପମାତ୍ରା ବଢ଼ିବା ଯୋଗୁ ବହୁ ରାଜ୍ୟରେ ଗ୍ରୀଷ୍ମ ଛୁଟିକୁ ବଢ଼ାଇ ଦିଆଯାଇଛି।



ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମ୍‌ରେ ରଥଯାତ୍ରା ବେଳେ ଭକ୍ତଙ୍କ ଭିଡ଼। (ଫଟୋ: ଚମନ ଗୌତମ)

### ସୀମିତ ଇଣ୍ଟନେଟ୍ ସେବା ଯୋଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ମଣିପୁର ହିଂସା**

**ଗୁଆହାଟୀ,୨୦।୬:** ଦେଢ଼ମାସରୁ ଅଧିକ ଦିନ ହେବ ମଣିପୁରରେ ହିଂସା ଲାଗି ରହିଥିବା କାରଣରୁ ରାଜ୍ୟରେ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ରାଜ୍ୟରେ ଇଣ୍ଟରନେଟ୍ ସେବା ଚାଲୁ କରିବା ଲାଗି କୋର୍ଟରେ କରାଯାଇଥିବା ଆବେଦନ କରାଯାଇଥିଲା। ମଙ୍ଗଳବାର ହାଇକୋର୍ଟ ଆବେଦନର ଶୁଣାଣିକରି ରାଜ୍ୟରେ ସୀମିତ ଇଣ୍ଟରନେଟ୍ ସେବା ଯୋଗାଇଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଇଣ୍ଟରନେଟ ବନ୍ଦ ଥିବାରୁ ପିଲାମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ରାଜ୍ୟ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଇଣ୍ଟରନେଟ ସେବା ଯୋଗାଇବା ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଣିପୁରର ଉତ୍ତରପୂର୍ବ ଅଞ୍ଚଳରେ କୁକି ଓ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହେବା ପରେ ମେ ୪ରୁ ରାଜ୍ୟବ୍ୟାପୀ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ମେଇତି ସମ୍ପ୍ରଦାୟକୁ ଏସ୍‌ଟି ବର୍ଗରେ ସାମିଲ ପାଇଁ ହାଇକୋର୍ଟଙ୍କ ରାୟକୁ କୁକି ସମ୍ପ୍ରଦାୟ ବିରୋଧ କରିଥିଲା।

# ହିଂସା ପାଇଁ ଲାଇସେନ୍ସ ନୁହେଁ ନିର୍ବାଚନ

### ପଶ୍ଚିମବଙ୍ଗ ପଞ୍ଚାୟତ ଭୋଟ: ମମତା ସରକାରଙ୍କୁ ସୁପ୍ରିମକୋର୍ଟ ଝଟ୍‌କା

**ନୂଆଦିଲ୍ଲୀ,୨୦।୬**

ହିଂସା ପାଇଁ ନିର୍ବାଚନ ଏକ ଲାଇସେନ୍ସ ନୁହେଁ କହି ସୁପ୍ରିମକୋର୍ଟ ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସରକାରଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଜୁଲାଇ ୮ରେ ଅନୁଷ୍ଠିତ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ ମୁତୟନ ପାଇଁ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପଶ୍ଚିମବଙ୍ଗ ସରକାର ଓ ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି) ଚ୍ୟାଲେଞ୍ଜ କରିଥିବାବେଳେ ସର୍ବୋଚ୍ଚ ଅଦାଲତ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି।

ଜଷ୍ଟିସ୍ ବି.ଭି. ନାଗରତ୍ନ ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଉପରୁ ତଳ ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଥିବାରୁ ଆମେ ପ୍ରଶଂସା କରୁଛୁ। କିନ୍ତୁ ଏହି ନିର୍ବାଚନଗୁଡ଼ିକରେ ହିଂସାକୁ ଅନୁମତି ଦିଆଯାଇପାରିବ ନାହିଁ। ହାଇକୋର୍ଟ ମୁକ୍ତ ଓ ଅବାଧ ନିର୍ବାଚନ ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ କେନ୍ଦ୍ର ଅର୍ଦ୍ଧସାମରିକ ବଳ ମୁତୟନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟରେ କୌଣସି ପ୍ରକାର ହସ୍ତକ୍ଷେପ କରାଯିବା ଆବଶ୍ୟକ ବୋଲି ଆମେ ମନେକରୁନାହୁଁ। ଜଷ୍ଟିସ୍ ନାଗରତ୍ନ କହିଛନ୍ତି, ଆମ ପାଖରେ ପର୍ଯ୍ୟାପ୍ତ ପୋଲିସ କର୍ମଚାରୀ ନାହାନ୍ତି କହି ଅନ୍ୟ ରାଜ୍ୟରୁ ପୋଲିସ ବଳ ମଗାଇବା ପାଇଁ ପୂର୍ବରୁ ପଶ୍ଚିମବଙ୍ଗ ସରକାର ଅନୁରୋଧ କରିଥିଲେ। ଏହାକୁ ହାଇକୋର୍ଟ ବୁଝିପାରିଛନ୍ତି। କେନ୍ଦ୍ରୀୟ ବଳ ମୁତୟନ ପାଇଁ କେନ୍ଦ୍ର ସରକାର ଖର୍ଚ୍ଚ ବହନ କରିବେ। ୭୫,୦୦୦ ବୁଥ୍ ପ୍ରତିଷ୍ଠା କରିବାକୁ ପଡ଼ିବ। ରାଜ୍ୟ ସରକାର ବାହାରୁ ପୋଲିସ ରିକ୍ୟୁଜିଶନ୍ କରାଇଥିବା କହିଛନ୍ତି। ଶୁଣାଣିବେଳେ ଏହା ଉପରେ ପଶ୍ଚିମବଙ୍ଗ ସରକାରଙ୍କ ଓକିଲ ସିଦ୍ଧାର୍ଥ ଅଗ୍ରୱାଲ କହିଥିଲେ, ରାଜ୍ୟ ପୋଲିସ ବଳ ନିର୍ବାଚନ ବେଳେ ଆଇନଶୃଙ୍ଖଳା ବଜାୟ ରଖିପାରିବେ ନାହିଁ ବୋଲି ସ୍ୱୀକାର କରିନାହାନ୍ତି। ଖଣ୍ଡପୀଠ କହିଥିଲେ, ଲୋକେ ଯଦି ନାମାଙ୍କନପତ୍ର ଦାଖଲ କରିପାରିବେ ନାହିଁ ତେବେ ମୁକ୍ତ ଓ ଅବାଧ ନିର୍ବାଚନ ହେଉଛି ବୋଲି କିପରି କୁହାଯାଇପାରିବ। ନିର୍ବାଚନ ପରିଚାଳନା ହେଉଛି ରାଜ୍ୟ ନିର୍ବାଚନ କମିଶନଙ୍କ ଦାୟିତ୍ୱ। ଅତୀତରେ ଘଟିଥିବା ହିଂସାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଯଥାର୍ଥ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।




# ସବୁ ଜିଲାରେ ସକାଳୁଆ ସ୍କୁଲ ପାଇଁ ଦାବି

**ଭୁବନେଶ୍ୱର,୨୦।୬ (ଅନୁରାଧା ମହାରଣା)**

ରାଜ୍ୟର କିଛି ଜିଲାକୁ ବାଦ୍‌ଦେଇ ପ୍ରାୟ ସମସ୍ତ ଜିଲାର ସ୍କୁଲ ବୁଧବାରଠାରୁ ଖୋଲୁଛି। ନିୟମିତ କାର୍ଯ୍ୟସୂଚୀ ଅନୁସାରେ, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ହେଲେ ଏହାକୁ ନୂତନ ପେନ୍‌ଶନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ବିରୋଧ କରିଛି। ରାଜ୍ୟରେ ତାପମାତ୍ରା ହ୍ରାସ ନ ହେବା ପର୍ଯ୍ୟନ୍ତ ସ୍କୁଲ ସମୟକୁ ସକାଳ ୬ଟାରୁ ସାଢ଼େ ୯ଟା କରାଯିବା ପାଇଁ ସଂଘ ଦାବି କରିଛି। ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ଏବେ ଦିନ ୧୦ଟାରୁ ୪ଟା ମଧ୍ୟରେ ଘରୁ ବାହାରିବା ସମ୍ଭବ ହେଉନାହିଁ। ପାଣିପାଗ ବିଭାଗର ସୂଚନାନୁସାରେ, ମଙ୍ଗଳବାର ଉପକୂଳବର୍ତ୍ତୀ, ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ସକାଳ ୯ଟାରୁ ବିଭିନ୍ନ ସ୍ଥାନର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିଲା। ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାର କେତେକ ଜିଲାର ସ୍କୁଲ ଛୁଟିକୁ ୨୨ ଏବଂ ୨୪ ତାରିଖ ପର୍ଯ୍ୟନ୍ତ ବଢ଼ାଇଥିବାବେଳେ କିଛି ଜିଲାରେ ସକାଳୁଆ ସ୍କୁଲ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ସଂଘ ସ୍ୱାଗତ କରୁଥିବାବେଳେ ଅନ୍ୟ ଅଞ୍ଚଳରେ ମଧ୍ୟ ସକାଳୁଆ ସ୍କୁଲ କରିବା ପାଇଁ ସେ ଦାବି କରିଛନ୍ତି। ସଂଘର ସାଧାରଣ ସଂପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି, ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି। ଅଧିକାଂଶ ସ୍କୁଲ ଘର ଆଜବେଷ୍ଟସ କିମ୍ବା ଏକ ମହଲା ଛାତ ବିଶିଷ୍ଟ। ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହରେ ବିଦ୍ୟୁତ୍ ସଂଯୋଗ ବା ପଙ୍ଖାର ସୁବିଧା ନାହିଁ। କିଛି ଉପାନ୍ତ ଅଞ୍ଚଳର ବିଦ୍ୟୁତ୍ ସୁବିଧା ନ ଥିବା ବିଦ୍ୟାଳୟରେ ଛାତ୍ରୀଛାତ୍ର ଦିନ ୧୦ଟାରୁ ୪ ପର୍ଯ୍ୟନ୍ତ ସ୍କୁଲ୍‌ରେ ରହି ପାଠପଢ଼ିଲେ ଅଂଶୁଘାତର ଭୟ ରହୁଛି। ତେଣୁ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ କହିଛନ୍ତି। ସଂଘର ମହାସଚିବ ବିଶ୍ୱଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ପଞ୍ଚାନନ ଜେନା, ମିଡ଼ିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା ଏବଂ ଆବାହକ ନିରୋଦ ରଥ ପ୍ରମୁଖ ସରକାରଙ୍କ ଉଦ୍ଦେଶ୍ୟରେ ସମାନ ଦାବି ଉପସ୍ଥାପନ କରିଛନ୍ତି।

# ୧୧ ଜିଲାରେ ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୦।୬ (ଅନିଲ ଦାସ)**

ପ୍ରଚଣ୍ଡ ଗରମ ସାଙ୍ଗକୁ ଗୁଳୁଗୁଳି ସମଗ୍ର ରାଜ୍ୟକୁ କଲବଲ କରୁଛି। ନିଦାଘ ଗ୍ରୀଷ୍ମରୁ ମୁକ୍ତି ପାଇଁ ସମସ୍ତେ ମୌସୁମୀ ବର୍ଷାକୁ ଚାହିଁ ରହିଛନ୍ତି। ଦକ୍ଷିଣ-ପଶ୍ଚିମ ମୌସୁମୀ ପାଇଁ ପାଗ ଅନୁକୂଳ ହେଉଛି। ଆଜି ଆସିବ କାଲି ଆସିବ ହୋଇ ୧୧ ଦିନ ଗଡ଼ିଗଲାଣି। ରାଜ୍ୟକୁ ସ୍ୱାଭାବିକ ଭାବେ ଜୁନ୍ ୧୦ ତାରିଖ ସୁଦ୍ଧା ମୌସୁମୀ ପ୍ରବେଶ କରିଥାଏ। ତେବେ ଚଳିତ ବର୍ଷ ୧୧ ଦିନ ବିଳମ୍ବ ହୋଇଥିଲେ ମଧ୍ୟ କେବେ ମୌସୁମୀ ଆଗମନ ହେବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। କେରଳରେ ମୌସୁମୀ ଜୁନ୍ ୮ ତାରିଖରେ ପ୍ରବେଶ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାର ୧୦ ଦିନ ମଧ୍ୟରେ ଅର୍ଥାତ୍ ୧୮ ତାରିଖ ସୁଦ୍ଧା ଓଡ଼ିଶାରେ ପ୍ରବେଶ କରିବା କଥା। ମାତ୍ର ଚଳିତ ବର୍ଷ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ମୌସୁମୀ ପାଇଁ ପାଗ ଅନୁକୂଳ ହେଉ ନ ଥିବାରୁ ତାହା ଆଗକୁ ବଢ଼ିପାରୁ ନାହିଁ। ତେବେ ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ଓଡ଼ିଶାରେ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି, ମଙ୍ଗଳବାର କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନୂଆପଡ଼ା, ଗଞ୍ଜାମ ଓ ଗଜପତି ଜିଲାରେ ମେଘ ବାଦଲ ଦେଖାଦେଇଛି । କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ମଧ୍ୟ ହେଉଛି। ଦକ୍ଷିଣ ଦିଗରୁ ବାୟୁ ପ୍ରବାହିତ ହେଉଥିବା ବେଳେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ର ପ୍ରଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବ ବୋଲି ଅନୁମାନ କରାଯାଉଛି।

କାଳବୈଶାଖୀଜନିତ ଝଡ଼ବର୍ଷା ଯୋଗୁ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସପାଇଛି। ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୨.୧, ଝାରସୁଗୁଡ଼ା ୪୨, ସୋନପୁର ୪୧.୮, ସୁନ୍ଦରଗଡ଼ ୪୧, ହୀରାକୁଦ ୪୧.୯, ବଲାଙ୍ଗୀର ୪୧.୨, ବାରିପଦା ୪୦, ଭବାନୀପାଟଣା ୪୦ ଏବଂ ବରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୦.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ଗତ କିଛିଦିନ ହେବ ହିଟ୍‌ୱେଭକୁ ପାଣିପାଗ ବିଭାଗ ପକ୍ଷରୁ ଉଠାଇ ଦିଆଯାଇଛି। ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, କନ୍ଧମାଳ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

# ରଥଗଡ଼ାରେ ଟଳିପଡ଼ିଲେ ବୃଦ୍ଧ

**ଢେଙ୍କାନାଳ ଅଫିସ, ୨୦।୬(ରତନ ନାୟାର)**

ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ ପାଇଁ ଧାଇଁ ଆସିଥିଲେ ଗାଁରୁ ସହରକୁ। ଚକାନୟନକୁ ଦେଖୁ ଦେଖୁ ଉଡ଼ିଗଲା ଜୀବନ। ପବିତ୍ର ଘୋଷଯାତ୍ରାରେ ଏଭଳି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ରଥଗଡ଼ାରେ। ମୃତକ ହେଲେ ୧୫ନଂ. ୱାର୍ଡ ଅଧୀନ ମୁକ୍ତାଦେଇପୁର ଶାସନର ବୃଦ୍ଧ ନିରୋଦ କୁମାର ରଥ (୭୧)।

ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରାରେ ଠାକୁରଙ୍କ ଦର୍ଶନ କରିବା ଏବଂ ରଥ ଟାଣିବା ପାଇଁ ମଙ୍ଗଳବାର ନିରୋଦ ଶ୍ରୀ ସିଦ୍ଧବଳରାମ ଜୀଉଙ୍କ ମନ୍ଦିରକୁ ଆସିଥିଲେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବା ବେଳକୁ ସେ ହଠାତ୍ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଂଶୁଘାତର ଶିକାର ହୋଇ ନିରୋଦଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ନିରୋଦ ହେଉଛନ୍ତି ୧୫ନଂ. ୱାର୍ଡର ପୂର୍ବତନ କାଉନ୍‌ସିଲର ବିଷ୍ଣୁପ୍ରିୟା ରଥଙ୍କ ସ୍ୱାମୀ। ସେ ଦୀର୍ଘଦିନ ଧରି ତହସିଲ କାର୍ଯ୍ୟାଳୟରେ ନବସନ୍ଦା କାର୍ଯ୍ୟ କରି ସୁପରିଚିତ ଥିଲେ।

# ପାଣିରେ ବୁଡି ଯୁବକ ମୃତ

**ପଦ୍ମପୁର,୨୦।୬(ପ୍ରଦୀପ୍ତ ଦାଶ):** ପଥର ଖାଦାନରେ ଗାଧୋଇବାବେଳେ ପାଣିରେ ବୁଡିଯିବାରୁ ବରଗଡ ଜିଲା ପଦ୍ମପୁର ବ୍ଲକ ଦହିତା ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲି ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଦ୍ୟାଧର ସାମନି। ସୋମବାର ସେ ଗାଧୋଇବା ପାଇଁ ଗ୍ରାଫାଇଟ ଖାଦାନକୁ ଯାଇ ପାଣିରେ ବୁଡିଯାଇଥିଲେ। ମଙ୍ଗଳବାର ସକାଳୁ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଲୋକମାନେ ବୁଡେନ ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଦ୍ମପୁରକୁ ପଠାଇଛି।






ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ଜୁନ୍, ୨୦୨୩



# ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଡ଼ିଆ ଘାଟର ବାଟର ଛାଇ**
**ଯେତେ କୂଟ କରେ ଆପଣା ଭାଇ।**

ଭାଇ ସହ ଭାଇର ରକ୍ତର ସମ୍ପର୍କ ରହିଥାଏ। ଭାଇ ହିଁ ସବୁଠାରୁ ବଳି ପ୍ରିୟ ଓ ଅନ୍ତରଙ୍ଗ ହୋଇଥାଏ। ଏପରିସ୍ଥଳେ ଭାଇ ସହ କୂଟକପଟ ବା କଳିଗୋଳ କରିବା ଆଦୌ ଉଚିତ ହୋଇ ନ ଥାଏ। ତେବେ ଆଜିକାଲି ଅନେକ ସ୍ୱାର୍ଥପର ବ୍ୟକ୍ତି ଲୋଭ ବଶତଃ ନିଜ ସମ୍ପତ୍ତିବାଡି ତଥା ଭାଗବଣ୍ଟା ନେଇ ଭାଇ ସହ ଗଣ୍ଡଗୋଳ କରୁଥିବା ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଉଡ଼ ହୁଡ଼ିଲେ ଦିନେ**
**ଚଷା ହୁଡ଼ିଲେ ବରଷେ।**

କୌଣସି କାରଣବଶତଃ ଗଉଡ଼ କ୍ଷୀର ଦୁହିଁ ନ ପାରିଲେ ଗଉଡ଼କୁ କ୍ଷୀର ଦୁହିଁବା ଲାଗି ତା'ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ସେହିପରି ଚାଷ କାର୍ଯ୍ୟରେ ହେଳା କରିଥିବା ଚାଷୀଟିକୁ ପୁନଶ୍ଚ ଚାଷ କାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ହୋଇଥାଏ। ତେଣୁ ସମୟକୁ ଅଯଥାରେ ନଷ୍ଟ ନ କରି ଉଚିତ ସମୟରେ ଉଚିତ କାର୍ଯ୍ୟ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ରାଜସ୍ଥାନ ସରକାରଙ୍କ ଦ୍ୱାରା ପରିଚାଳିତ ଇନ୍ଦିରା ରୋଷେଇ ବର୍ତ୍ତମାନ ସାରା ରାଜ୍ୟରେ ବେଶ୍ ଲୋକପ୍ରିୟ ଏବଂ ସବୁ ବର୍ଗର ଲୋକଙ୍କର ପସନ୍ଦର ସ୍ଥାନ ପାଲଟିଛି। ନିକଟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଇନ୍ଦିରା ରୋଷେଇ ପରିଦର୍ଶନ କରି ଲୋକଙ୍କ ସହିତ ଏହାର ଖାଦ୍ୟ ଖାଇବା ସହ ମାନ ପରୀକ୍ଷଣ କରିଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳ କ୍ଷେତ୍ରରେ ମୋଟ ୯୯୨ଟି ଇନ୍ଦିରା ରୋଷେଇ ଥିବାବେଳେ ଉକ୍ତ ରୋଷେଇ କେନ୍ଦ୍ର ଜରିଆରେ ରାଜସ୍ଥାନବାସୀଙ୍କ ସମେତ ପ୍ରତ୍ୟେକ ଭାରତୀୟ ଓ ବିଦେଶୀ ନାଗରିକଙ୍କୁ ୮ ଟଙ୍କା ମୂଲ୍ୟରେ ସୁଷମ ଖାଦ୍ୟ ପରିବେଷଣ କରାଯାଇ ପାରୁଛି। ୨୦୨୦ରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା ଇନ୍ଦିରା ରୋଷେଇ ୨୦୨୩ ଜୁନ୍ ସୁଦ୍ଧା ରାଜ୍ୟରେ ୧୩.୦୪ କୋଟି ପ୍ଲେଟ୍ ଖାଦ୍ୟ ପରଷାଯାଇଛି।

# ୨ ଜଣଙ୍କ ଜୀବନ ନେଲା ହାତୀ

**ଅନୁଗୋଳ, ୨୦।୬ (ଅମିତ କୁମାର ସାମଲ)**

ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳରେ ମଙ୍ଗଳବାର ୨ ଜଣଙ୍କ ଜୀବନ ନେଇଛି ହାତୀ। ମୃତକ ହେଲେ ସାନକନ୍ତକୁଳ ଗ୍ରାମର ଶ୍ରୀନିବାସ ସାହୁ(୬୫) ଓ ଗଡ଼ତରାସ ପଞ୍ଚାୟତ ଅରାଡିହ ଗ୍ରାମର ଅରୁଣ ପ୍ରଧାନ(୫୫)। ଏହି ଘଟଣା ଜଣାପଡ଼ିବା ପରେ ସାନକନ୍ତକୁଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକମାନେ ବନ କର୍ମଚାରୀମାନଙ୍କୁ ଟଣାଓଟରା କରିଥିଲେ। ଘଟଣାସ୍ଥଳରେ ବନ୍ତଲା ଥାନା ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରକାଶ ଯେ, ନିକଟସ୍ଥ ଜଙ୍ଗଲରୁ ଚାଲିଆସିଥିବା ଏକ ଦନ୍ତା ହାତୀ ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଥମେ ସାନକନ୍ତକୁଳ ଗ୍ରାମର ଶ୍ରୀନିବାସଙ୍କୁ ଆକ୍ରମଣ କରିଥିଲା। ଶ୍ରୀନିବାସ ଗାଁ ନିକଟ ବାଉଁଶ ବୁଦାରୁ ବାଉଁଶ ସଂଗ୍ରହ କରିବାକୁ ଯାଇଥିବା ବେଳେ ହାତୀ ତାଙ୍କୁ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ଏହି ଘଟଣାର ପ୍ରାୟ ଅଧଘଣ୍ଟା ପରେ ଉକ୍ତ ହାତୀ ସାନକନ୍ତକୁଳ ଗ୍ରାମରୁ ଅଢ଼େଇ କିଲୋମିଟର ଦୂର ଗଡ଼ତରାସ ପଞ୍ଚାୟତ ଅରାଡିହ ଗ୍ରାମରେ ପଶି ବାଉଁଶ ବାଡ଼ ଦେଉଥିବା ଅରୁଣଙ୍କୁ ଆକ୍ରମଣ କରିଥିଲା। ଖବରପାଇ ବନ ବିଭାଗ ଅରୁଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ହାତୀ ଆକ୍ରମଣ ଘଟଣାକୁ ନେଇ ସାନକନ୍ତକୁଳରେ ଉତ୍ତେଜନା ଦେଖାଦେଇଥିଲା। ଲୋକମାନେ ବନ କର୍ମଚାରୀଙ୍କୁ ଟଣାଓଟରା ସହ ଅଟକ ରଖିଥିଲେ। ବନ୍ତଲା ଥାନା ଅଧିକାରୀ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ନେଇ ବନ୍ତଲା ବନାଞ୍ଚଳ ଅଧିକାରୀ ନିଳଦ୍ରୀନାଥ ସାହୁ କହିଛନ୍ତି, ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଗୋଟିଏ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାନକନ୍ତକୁଳ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।

# ଅପହୃତା ନାବାଳିକା ବୋରିଗୁମ୍ମାରୁ ଉଦ୍ଧାର

## ଅପହରଣ କରି ବଳାତ୍କାର ଅଭିଯୋଗ

**ଜୟପୁର, ୨୦।୬ (ପବନ ପାଣିଗ୍ରାହୀ)**

ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଟାଉନଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଛନଭିନ୍ କରି ତାଙ୍କୁ ବୋରିଗୁମ୍ମାରୁ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଧରିଛି। ନାବାଳିକାଙ୍କୁ ଅପହରଣ କରାଯାଇ ତାଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ବୋରିଗୁମ୍ମା ଥାନା ଫୁଫୁଗାଁରେ ନାବାଳିକା ଥିବା ପୋଲିସ ସୂଚନା ପାଇ ସେଠାରୁ ତାଙ୍କୁ ଉଦ୍ଧାର କରି ନାବାଳକଙ୍କୁ ଧରିଥିଲା। ଡାକ୍ତରି ମଇନା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସମ୍ପୃକ୍ତ ନାବାଳକଙ୍କୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି ।

**ପ୍ରଥମ ପୃଷ୍ଠାରୁ...**

## ୭ ଭାରତୀୟ କଫ୍ ସିରପ ...

ପରିମାଣ ଅଧିକ ମାତ୍ରାରେ ରହିଥିବା ଡବ୍ଲ୍ୟୁଏଚ୍ଓ ତଦନ୍ତରୁ ସ୍ପଷ୍ଟ ହୋଇଛି। ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନ୍ସନ୍(ସିଡିସି) ଏବଂ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମଧ୍ୟ ଭାରତରେ ନିର୍ମିତ କଫ୍ ସିରପ୍ ଯୋଗୁ ଏତେ ସଂଖ୍ୟକ ପିଲାଙ୍କ ମୃତ୍ୟୁ ଘଟିଥିବା ମିଳିତ ତଦନ୍ତରୁ ଜାଣିବାକୁ ପାଇଥିଲେ।

ଭାରତର କସ୍ମେଟିକ୍ସ, ଫାର୍ମାସ୍ୟୁଟିକାଲ୍ସ ଏବଂ ଡାକ୍ତରୀ ଉପକରଣଗୁଡ଼ିକର ଜାତୀୟ ନିୟାମକ ସଂସ୍ଥା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍ସିଓ) ପକ୍ଷରୁ କୁହାଯାଇଛି ଯେ, ରପ୍ତାନି ପୂର୍ବରୁ ଔଷଧଗୁଡ଼ିକର ଉପଯୁକ୍ତ ମାନର ହୋଇଥିବା ନେଇ ସୁନିଶ୍ଚିତ କରିବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନୂଆ ବ୍ୟବସ୍ଥା କରିଛି। ଭାରତର ୪ କେନ୍ଦ୍ରୀୟ ଏବଂ ୨ ଆଞ୍ଚଳିକ ଔଷଧ ଯାଞ୍ଚକାରୀ ଲାବରେଟୋରି କିମ୍ବା କୌଣସି ଏନ୍ଏବିଏଲ୍ ସ୍ୱୀକୃତିପ୍ରାପ୍ତ ଲାବ୍‌ଠାରୁ 'ସାର୍ଟିଫିକେଟ୍ ଅଫ୍ ଆନାଲିସିସ୍' ହାସଲ କରିଥିବା କମ୍ପାନୀ ହିଁ ସିରପ ରପ୍ତାନି କରିପାରିବେ ବୋଲି ଗତ ମେ'ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଅନୁମତି ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଡବ୍ଲ୍ୟୁଏଚ୍ଓର ଉପରୋକ୍ତ ପଦକ୍ଷେପ ପରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ବିଷାକ୍ତ ଔଷଧକୁ ନେଇ ଭାରତ 'ଶୂନ ସହନଶୀଳ' ନୀତି ଆପଣାଇଛି। ୭୧ଟି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେଗୁଡ଼ିକ ମଧ୍ୟରୁ ୧୮ କମ୍ପାନୀକୁ ବନ୍ଦ କରାଗଲାଣି। ଔଷଧ ସେବନ କରି କେହି ଯେପରି ମୃତ୍ୟୁମୁଖରେ ନ ପଡ଼ିବେ ତାହା ସୁନିଶ୍ଚିତ କରିବା ଲାଗି ଗୁଣବତ୍ତାଯୁକ୍ତ ଉତ୍ପାଦନ ଉପରେ ବିସ୍ତୃତ ଅଧ୍ୟୟନ କରାଯାଉଛି। ଔଷଧର ମାନକୁ ନେଇ ଯେତେବେବେଳେ ବି ପ୍ରଶ୍ନ ଉଠିବ ତଥ୍ୟର ଯାଞ୍ଚ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ବାଟରେ ଅଟକିଲା ....

ଘଣ୍ଟଘଣ୍ଟା, ନୃତ୍ୟ, ସଙ୍ଗୀତ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଭକ୍ତିର ସହ ରଥକୁ ଭିଡ଼ି ନେଇଥିଲେ। ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନି ସହ ଭକ୍ତମୟ ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଘୋର ଘୋର ନାଦ ଦେଇ ରଥ ସବୁ ଶ୍ରୀଗୁଣ୍ଡିଚା ଅଭିମୁଖେ ଗଡ଼ିଥିଲା। ତେବେ ପ୍ରବଳ ଖରା ଗୁଲୁଗୁଳି ସତ୍ତ୍ୱେ ୧୦ରୁ ୧୨ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ଶ୍ରୀକ୍ଷେତ୍ରରେ ହୋଇଥିଲା। ତେବେ ଗୋଟିଏ ଦୁଇଟି ଘଟଣାକୁ ଛାଡ଼ିଦେଲେ ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି।

ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଭୋର ୫ଟା ୨୦ରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ସମ୍ପନ୍ନ କରିଥିଲେ। ପରେ ଭୋର ୫ଟା ୫୦ରେ ମଙ୍ଗଳ ଆଳତି, ସକାଳ ୫ଟା ୫୫ରେ ମଇଲମ, ତଡ଼ପ ଲାଗି ୬ଟା, ଅବକାଶ ୬ଟା୧୦, ସୂର୍ଯ୍ୟପୂଜା ୬.୩୦, ଦ୍ୱାରପାଳ ପୂଜା ୬.୫୦ରେ ହେବା ସହ ବେଶ ୬ଟା ୪୦ ଶେଷ ହୋଇଥିଲା। ସେହିପରି ଗୋପାଳ ବଲ୍ଲଭ ଓ ସକାଳ ଧୂପ ସକାଳ ୮ଟା ୫, ରଥ ପ୍ରତିଷ୍ଠା ୮ଟା ୧୫, ମଙ୍ଗଳାର୍ପଣ ୮ଟା ୨୦, ମଙ୍ଗଳାର୍ପଣ ପରେ ପୁଷ୍ପାଞ୍ଜଳି ୮ଟା ୨୫, ଡୋର ଲାଗି ୮ଟା ୨୫ରେ ହୋଇ ୮.୩୦ ସୁଦ୍ଧା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା ସୁଭଦ୍ରା ପହଣ୍ଡି ହୋଇଥିବା ବେଳେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ରଥକୁ ଆସିଥିଲେ। ୧୨ ଟା ୫ରେ ଦାରୁବିଗ୍ରହଙ୍କ ପହଣ୍ଡି ଶେଷ ହୋଇଥିଲା। ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧୨ଟା ୨୦ରେ ରଥାରୂଢ଼ ହୋଇଥିଲେ। ଠାକୁରମାନଙ୍କୁ ସୋଲ ଚିତା ଲାଗି କରାଯାଇଥିଲା ୧୨ଟା ୪୦ରେ। ମଇଲମ ପରେ ବେଶ ହୋଇ ଶେଷ ହୋଇଥିଲା ୧୨ଟା ୫୫। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରଥକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାପରେ ଗଜପତି ମହାରାଜା ସୁନା ଖଡ଼ିକାରେ ଛେରାପହଁରା ପାଇଁ ତିନି ରଥକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଛେରାପହଁରା କରିଥିଲେ। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶେଷରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ତିନି ରଥର ଛେରାପହଁରା ଅପରାହ୍ନ ୨ଟା ୪୫ରେ ସରିଥିବାବେଳେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା ୨ଟା ୫୫ରେ।

ଏହାପରେ ଅପରାହ୍ନ ୩ଟାରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଅତି ଭକ୍ତି ଏବଂ ଉତ୍ସାହର ସହିତ ବଡ଼ଠାକୁରଙ୍କ ରଥକୁ ଟାଣିଥିଲେ। ପରେ ମା' ସୁଭଦ୍ରାଙ୍କ ରଥ ଟଣା ୩ଟା ୪୦ରେ ହୋଇଥିଲା ଏବଂ ଶେଷରେ ମହାପ୍ରଭୁଙ୍କ ରଥ ୪ଟା ୫୫ରେ ଟଣା ଆରମ୍ଭ ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଶ୍ରଦ୍ଧାଳୁମାନେ ରଥକୁ ଶ୍ରୀଗୁଣ୍ଡିଚା ଅଭିମୁଖେ ଟାଣି ନେଇଥିଲେ। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଟଣା ଆରମ୍ଭ ହେବା ସମୟରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ରଥ ଦଉଡ଼ି ଧରି ଜୟ ଜଗନ୍ନାଥ କହି ରଥ ଟାଣିଥିଲେ। ଏହି ସମୟରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କ ସମେତ ଅନେକ ମନ୍ତ୍ରୀ ଏବଂ ନେତା ମଧ୍ୟ ଉପସ୍ଥିତ ଥିଲେ। ତେବେ ରଥଟଣା ବେଳେ ରଥଗୁଡ଼ିକ ମୋଡ଼ ନେବା ସମୟରେ ସମୟ ନେଇଥିବାରୁ ରଥଗୁଡ଼ିକ ସନ୍ଧ୍ୟା ସୁଦ୍ଧା ଗୁଣ୍ଡିଚାମନ୍ଦିରରେ ପହଞ୍ଚିପାରି ନ ଥିଲା। ତେବେ ପ୍ରଶାସନ ପକ୍ଷରୁ ଲାଇଟ୍ ଲଗାଯାଇ ରଥ ଟଣାଯାଇଥିଲା। ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୧୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଗରମ ଓ ଖରାକୁ ଦେଖି ପ୍ରଶାସନ ପକ୍ଷରୁ ପାଣି ସିଞ୍ଚନ କରାଯାଇଥିଲା। ତେବେ ସନ୍ଧ୍ୟା ୭ଟା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଶରଧାବାଲିରେ ପହଞ୍ଚି ଥିବାବେଳେ ମା' ସୁଭଦ୍ରାଙ୍କ ରଥ ସଂଗ୍ରାମ କ୍ଲବ ନିକଟରେ ରହିଛି। ସେହିପରି ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମଧ୍ୟ ଅକ୍ଷୟପାତ୍ର ଫାଉଣ୍ଡେଶନ ପାଖରେ ଅଟକି ରହିଛି।

### ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)

ପବିତ୍ର ରଥଯାତ୍ରା ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟୁଇଟ୍‌କରି କହିଛନ୍ତି , ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ସମସ୍ତ ଦେଶବାସୀଙ୍କୁ ବିଶେଷକରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଯେ, ଭକ୍ତି ଓ ସମର୍ପଣର ଏ ମହାପର୍ବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ। ଜୟ ଜଗନ୍ନାଥ।

ଉପରାଷ୍ଟ୍ରପତି ଜଗଦୀପ୍ ଧନକର ଟୁଇଟ୍ କରି କହିଛନ୍ତି, ସମସ୍ତଙ୍କୁ ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ଶୁଭେଚ୍ଛା। ମହାପ୍ରଭୁଙ୍କ ଆଶୀର୍ବାଦରେ ସମସ୍ତ ଜଗନ୍ନାଥପ୍ରେମୀଙ୍କ ସୁଖ, ଶାନ୍ତି ଏବଂ ସମୃଦ୍ଧି କାମନା କରୁଛି। ଏହା ସମଗ୍ର ଦେଶବାସୀଙ୍କ ପାଇଁ ଏକ ଖୁସିର ମୁହୂର୍ତ୍ତ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍‌କରି ସମସ୍ତଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇବା ସହିତ ଏହି ଅଭୂତପୂର୍ବ ମୁହୂର୍ତ୍ତକୁ ସମସ୍ତେ ପାଳନ କରିବାକୁ କହିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଏହି ଅଭୂତପୂର୍ବ ଯାତ୍ରା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଟୁଇଟ୍ କରି କହିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସନାତନ ସଂସ୍କୃତିର ଏକ ବଡ ଉତ୍ସବ। ଏହାକୁ ଦେଶର କୋଟି କୋଟି ସଂଖ୍ୟାର ଲୋକମାନେ ଭକ୍ତିଭାବ ସହ ମାନିଥାଆନ୍ତି। ସମସ୍ତଙ୍କୁ ରଥଯାତ୍ରା ଅବସରରେ ହାର୍ଦ୍ଦିକ ଶୁଭକାମନା। ରଥଯାତ୍ରାର ଏହି ପର୍ବ ସଭିଙ୍କ ଜୀବନରେ ଶାନ୍ତି, ସମୃଦ୍ଧି ଓ ବୈଭବ ଆଣିଦେଉ ବୋଲି ସେ କହିଛନ୍ତି।

## ସିଗ୍‌ନାଲ ଜେଇଙ୍କୁ ...



ସୋର ସେକ୍ସନ ସିଗନାଲ ଜେଇଙ୍କ ଭଡ଼ା ଘରେ ସିବିଆଇ ଟିମ୍ ।

ଖାନ୍ ଓ ତାଙ୍କ ସ୍ତ୍ରୀ ଘରେ ନ ଥିବାରୁ ସିବିଆଇ ଅପେକ୍ଷା କରି ସନ୍ଧ୍ୟାରେ ଘର ସିଲ୍ କରି ଆସିଥିଲା। ହେଲେ ସୋର ଥାନାର ଦୁଇଜଣ ପୋଲିସ କର୍ମଚାରୀ ଘର ଜଗି ରହିଥିଲେ। ଜେଇଙ୍କ ସ୍ତ୍ରୀ ପଶ୍ଚିମବଙ୍ଗସ୍ଥିତ ବାପ ଘରକୁ ଯାଇଥିବା ସୂଚନା ମିଳିଛି। ଗତ ଜୁନ୍ ୨ତାରିଖରେ ଘଟିଥିବା ଏହି ଘଟଣାର ତଦନ୍ତ ଭାର ସିବିଆଇ ନେବାପରଠୁ ଏହା ପଛର କାରଣ ଖୋଜୁଛି। ଏଯାଏ ଷ୍ଟେଶନ ମ୍ୟାନେଜରଙ୍କ ସହ ୧୨ଜଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଏକାଧିକ ଥର ପଚରାଉଚୁରା କରିବା ସହ ବୟାନ ରେକର୍ଡ କରିଛନ୍ତି ତଦନ୍ତକାରୀ ଟିମ୍। ଦୁର୍ଘଟଣା ମନୁଷ୍ୟକୃତ ନା ଯାନ୍ତ୍ରିକ ତ୍ରୁଟିଜନିତ, ତାହା ଜାଣିବା ପାଇଁ ବୈଷୟିକ ଅଧିକାରୀଙ୍କ ସହାୟତା ବି ଲୋଡ଼ାଯାଇଛି। ଷ୍ଟେଶନର ପ୍ୟାନେଲ୍ ବୋର୍ଡ, ରିଲେ ରୁମ୍ ଓ ସିଗ୍‌ନାଲ୍ ରୁମ୍ ସିଲ୍ ହୋଇଥିବାବେଳେ କିଛି ଯାନ୍ତ୍ରିକ ଉପକରଣ ମଧ୍ୟ ଜବତ ହୋଇଛି। ଗତ ଦୁଇ ବର୍ଷ ଧରି ପଶ୍ଚିମବଙ୍ଗ ଡାକୁନୀ ଅଞ୍ଚଳର ଅମିର ଖାନ ସୋର ଷ୍ଟେଶନରେ ନିଯୁକ୍ତି ପାଇ ମାର୍କୋଣା, ରାଣିତାଲ, ବାହାନଗା ଷ୍ଟେଶନ ଦାୟିତ୍ୱ ତୁଲାଉଥିଲେ।

ଉଲ୍ଲେଖଯୋଗ୍ୟ, ବାହାନଗା ଟ୍ରେନ ଦୁର୍ଘଟଣାକୁ ଇତିମଧ୍ୟରେ ୧୮ଦିନ ବିତିଥିବାବେଳେ ଏଥିରେ ୨୯୨ ଜଣଙ୍କ ମୃତ୍ୟୁ ଘଟିଛି। ଏପରି କି ବହୁ ଲୋକ ଆହତ ଓ ଗୁରୁତର ହୋଇଛନ୍ତି। ରେଳ ମନ୍ତ୍ରୀଙ୍କ ସୁପାରିସ୍ କ୍ରମେ ସିବିଆଇ ଏହାର ତଦନ୍ତ କରୁଛି। ସିବିଆଇ ଟିମ୍ ବାଲେଶ୍ୱରରେ ଡେରା ପକାଇଛନ୍ତି ଏବଂ ବାହାନଗା ଷ୍ଟେଶନକୁ ବାରମ୍ବାର ଗସ୍ତ କରୁଛନ୍ତି। ପୂର୍ବରୁ ସିବିଆଇର ଏକ ୪ଜଣିଆ ଟିମ୍ ଦୁର୍ଘଟଣା ସମୟରେ କ୍ଷତିଗ୍ରସ୍ତ ଟ୍ରାକର ସ୍କାନିଂ କରି ସାରିଛନ୍ତି। ଏହାପୂର୍ବରୁ ସିବିଆଇର ୨ଜଣିଆ ଟିମ୍ ଦୁର୍ଘଟଣାସ୍ଥଳ ବୁଲି ଦେଖିଥିଲେ। ପରେ ବିଭିନ୍ନ ସ୍ଥାନରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ। ରିଲେ ରୁମ୍‌କୁ ଯାଇ ସେଠାରେ ମଧ୍ୟ ତନାଘନା କରିଥିଲେ। ଷ୍ଟେଶନରେ ଥିବା ବିଭିନ୍ନ କମ୍ପ୍ୟୁଟରର ହାର୍ଡ ଡିସ୍କ ଜବତ କରିଥିଲେ। ଏହାବ୍ୟତୀତ ସେଠାରେ ରେକର୍ଡ ହୋଇଥିବା ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ। ପରେ ବାହାନଗା ବଜାର ଷ୍ଟେଶନ ଭିତରେ ଥିବା ପ୍ରାଇଭେଟ ନମ୍ବର ଏକ୍ସଚେଞ୍ଜ ବୁକ୍ ଯାଞ୍ଚ କରିଥିଲେ।

ଅପରପକ୍ଷରେ ବାହାନଗାରେ ରେଳ ଦୁର୍ଘଟଣା ପରେ ଷ୍ଟେଶନ ମାଷ୍ଟର ଓ ପଏଣ୍ଟସ୍ ମ୍ୟାନ ନିଖୋଜ ହେବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଦକ୍ଷିଣପୂର୍ବ ରେଳପଥ ସିପିଆରଓ ଆଦିତ୍ୟ ଚୌଧୁରୀ ମଙ୍ଗଳବାର ଖଣ୍ଡନ କରିଛନ୍ତି। ଦୁର୍ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଘଟଣା ପରବର୍ତ୍ତୀ ମୁହୂର୍ତ୍ତରେ ସିବିଆଇ ବାହାନଗା ଦୁର୍ଘଟଣାର ଷ୍ଟେଶନ ମାଷ୍ଟର, ପଏଣ୍ଟସ୍ ମ୍ୟାନ ଓ ଅନ୍ୟ କେତେକ ଅଧିକାରୀଙ୍କୁ ନିଜ ହେପାଜତରେ ରଖିଥିଲା। କୌଣସି ଅଧିକାରୀ ନିଖୋଜ ନାହାନ୍ତି ବୋଲି ଚୌଧୁରୀ ଏକ ଭିଡିଓ ବାର୍ତ୍ତାରେ ସ୍ପଷ୍ଟୀକରଣ ଦେଇଛନ୍ତି।

ଅନ୍ୟପକ୍ଷରେ ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇପାରିନି। ହାତଗଣତି ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଥିବାବେଳେ ବହୁ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ ଅଛି। ସେହିପରି କିଛି ଟ୍ରେନ୍‌ର ଗତିପଥକୁ ବଦଳାଯାଇଛି। ଅନ୍ୟପଟେ ଦୁଇଟି ପାସେଞ୍ଜରକୁ ଛାଡ଼ିଦେଲେ ବାକି ସବୁ ପାସେଞ୍ଜର ବନ୍ଦ ରହିଛି।

## ଯୁକ୍ତ୨ ନାମଲେଖା ...

ନାମଲେଖା ପ୍ରକ୍ରିୟା ଜୁଲାଇ ୧୯ ମଧ୍ୟରେ ସରିବ। ସେହିପରି ଅନଲାଇନ୍ ସ୍ପଟ୍ ନାମଲେଖା ପ୍ରକ୍ରିୟା ଜୁଲାଇ ୨୬ ଓ ୨୭ ଦୁଇଦିନ ଧରି ଚାଲିବ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ୨୯ ଜୁଲାଇରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ କରାଯିବ। ସୂଚନାଥାଉ କି, ମଙ୍ଗଳବାର ରାତି ୮ଟା ସୁଦ୍ଧା ୪,୪୯, ୫୭୯ଜଣ ଛାତ୍ରୀଛାତ୍ର ଯୁକ୍ତ୨ରେ ନାମ ଲେଖାଇବାକୁ ଆବେଦନ କରିଥିବାବେଳେ ୪,୮୨,୬୨୭ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ୪,୪୫,୦୧୩ ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି।

## ୭ ଜିଲାରେ ...

ନିୟମିତ ସମୟାନୁସାରେ ବିଦ୍ୟାଳୟ ଚାଲିବ। ସୁବର୍ଣ୍ଣପୁର ଜିଲାରେ ୨୩ ତାରିଖରେ ବିଦ୍ୟାଳୟ ଖୋଲିବା ସହ ସକାଳୁଆ ସ୍କୁଲ ହେବ। ସକାଳ ୬ଟା ୩୦ରୁ ସାଢ଼େ ୯ଟା ଯାଏ ପାଠପଢ଼ା ଚାଲିବ। ୨୬ ତାରିଖଠାରୁ ନିୟମିତ ସମୟାନୁସାରେ ପାଠପଢ଼ା ହେବ ବୋଲି କୁହାଯାଇଛି। ସେହିପରି ନୂଆପଡା ଜିଲାରେ ମଧ୍ୟ ୨୩ ତାରିଖରେ ଖୋଲିବ ସ୍କୁଲ। ସକାଳ ୬ଟା ୩୦ରୁ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ୨୬ ତାରିଖଠାରୁ ନିୟମିତ ସମୟାନୁସାରେ ବିଦ୍ୟାଳୟ ଚାଲିବ। ଏ ନେଇ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୯ ତାରିଖରେ ସମସ୍ତ ବିଦ୍ୟାଳୟ ଖୋଲିବାର ଥିଲା। ମାତ୍ର ଗ୍ରୀଷ୍ମ ପ୍ରବାହ ଓ ରଥଯାତ୍ରାକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ଛୁଟି ଅବଧିକୁ ୨୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏପରିକି ସ୍ଥାନୀୟ ଗ୍ରୀଷ୍ମ ପ୍ରଭାବ ସ୍ଥିତିକୁ ନେଇ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତିରେ ଜିଲାପାଳମାନେ ପରିବର୍ତ୍ତନ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବାରୁ ଉପରୋକ୍ତ ୫ ଜିଲାର ଜିଲାପାଳମାନେ ଗ୍ରୀଷ୍ମଛୁଟିକୁ ବୃଦ୍ଧି କରିଛନ୍ତି।

## ସାଲିଭାରୁ ...

୩୦ ମିନିଟ୍ ପରେ ସାଲିଷ୍ଟିକ୍ ଦ୍ୱାରା ଗର୍ଭପରୀକ୍ଷା କରାଯାଇପାରିବ। ଜେରୁଜେଲମର ହେବ୍ରେଉ ୟୁନିଭର୍ସିଟି ବିଶେଷଜ୍ଞଙ୍କ ଦ୍ୱାରା ସାଲିଗ୍ନୋଷ୍ଟିକ୍ ଷ୍ଟାର୍ଟଅପ୍ କମ୍ପାନୀ ଖୋଲାଯାଇଛି। ୨୦୧୬ରେ ସାଲିଷ୍ଟିକ୍ ସମ୍ପର୍କରେ କମ୍ପାନୀ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଇସ୍ରାଏଲର ପାଖାପାଖି ୩୦୦ ମହିଳାଙ୍କୁ ନେଇ ଏହାର କ୍ଲିନିକାଲ ଟ୍ରାଏଲ୍ କରାଯାଇଥିଲା। ପରିସ୍ରାରୁ ଗର୍ଭ ପରୀକ୍ଷା ଜାଣିବା କୌଶଳ ୫୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। କିନ୍ତୁ ବର୍ତ୍ତମାନ ସାଲିଷ୍ଟିକ୍ ଜରିଆରେ ସହଜ ଏବଂ ହାଇଜିନ୍ ମେଥଡ୍‌ରେ ମହିଳାମାନ ଗର୍ଭଧାରଣ ପରୀକ୍ଷା କରିପାରିବେ ବୋଲି ସାଲିଷ୍ଟିକ୍‌ର ବଜାର ବିକ୍ରି କରାଉଥିବା ସୁପରଡ୍ରଗ୍‌ର ନିର୍ଦ୍ଦେଶକ କାରିସ୍ ନ୍ୟୁସନ୍ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ମିତ୍ରଗୃହୀ ବୁଧଙ୍କ ଯୋଗୁ ଆଜି ମନରେ ଉତ୍ତେଜନାକୁ ନିୟନ୍ତ୍ରିତ କରି ସହୃଦୟତାର ସହ ବାକ୍ୟାଳାପ କରିବାରେ ସମର୍ଥ ହେବେ। ପାରିବାରିକ ସମ୍ପର୍କକୁ ପ୍ରାଧାନ୍ୟ ଦେଇ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିପାରେ। ମୁହଁ ସାମନାରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ**
ପଡ଼ୋଶୀ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ରବିଙ୍କ ପ୍ରଭାବରୁ ଜଣେ ପଦସ୍ଥଙ୍କ ସାନ୍ନିଧ ଲାଭ କରି ସ୍ୱାର୍ଥ ହାସଲ ଚେଷ୍ଟା କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥିଲେ ମଧ୍ୟ ସନ୍ତାନ ହେତୁକ ପୀଡ଼ା ଅନୁଭବ କରିବେ।

**ମିଥୁନ**
ଚନ୍ଦ୍ର କେନ୍ଦ୍ରସ୍ଥ ରାହୁ ହେତୁ ମନର ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣରେ ରଖିପାରିବେ ନାହିଁ। ଆଜି ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତ କରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି। କୌଣସି କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ରାଶ୍ୟାଧିପତି ସ୍ୱଗୃହୀ ଯୋଗୁ ପରିସ୍ଥିତି ପ୍ରତି ସଚେତନ ରହି କାମ କରିବାରେ ସଫଳ ହେବେ। କୁଟୁମ୍ବ ଲୋକଙ୍କ ସହ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆତ୍ମବିଭୋର ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ**
ଶନି ଦୃଷ୍ଟ ଗୁରୁଙ୍କ ହେତୁ ସମସ୍ୟାଭାରରେ ଅତିଷ୍ଠ ହୋଇ ମାନସିକ ଅସ୍ଥିରତା ଅଶାନ୍ତି ସୃଷ୍ଟି କରିବ। କିନ୍ତୁ କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅଫିସିଆଲି କାମକ୍ଷେତ୍ରରେ ଟେନ୍‌ସନ ଦୂର ହେବାରେ ଉପରିସ୍ଥ କର୍ମଚାରୀ ସାହାଯ୍ୟ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ।

**କନ୍ୟା**
ଚତୁର୍ଥସ୍ଥାନ ବୃହସ୍ପତି ଦୃଷ୍ଟ ଯୋଗୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ଆଳସ୍ୟଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**
ଚନ୍ଦ୍ର ଯୁକ୍ତ ଶୁକ୍ରଜନିତ କାହାକୁ କିଛି ନ କହିଲେ ମଧ୍ୟ ମନ ଭିତରଟା ବିଶେଷ ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କଠାରୁ ଦୂରତା ରଖି କାମ କରିବା ଭଲ। ଫେରି ଯାଉଥିବା ବନ୍ଧୁଟି ଲେଉଟି ଆସିବା ଯୋଗୁ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ଭୁଲ୍ ବୁଝାମଣା ହେତୁ ସମସ୍ୟା ବୃଦ୍ଧିର ଆଶଙ୍କା ଦେଖାଦେବ।

**ବିଛା**
ଅଷ୍ଟମସ୍ଥ ରବିଙ୍କ ଯୋଗୁ କର୍ମକ୍ଷେତ୍ର ପ୍ରତି ଆନୁଗତ୍ୟ ଉପରିସ୍ଥଙ୍କୁ ଖୁସି କରାଇବାରେ ବିଫଳ ହେବେ। ବ୍ୟବସାୟ କ୍ଷେତ୍ରରେ ଆପଣ ଯେତେ ପାଇଲେ ମଧ୍ୟ ଖୁସି ହୋଇପାରିବେ ନାହିଁ। ଦୋକାନ, ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ପରିବାର ସଦସ୍ୟଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**
ରାହୁ ଯୁକ୍ତ ଗୁରୁଙ୍କ ଯୋଗୁ କୌଣସି ପରିଚିତଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ କିନ୍ତୁ କାମ ଅଟକିବ ନାହିଁ। ଅଫିସରେ ଅବସର ସମୟରେ ସହକର୍ମୀଙ୍କ ସହ ମିଷ୍ଟାଳାପରୁ ଖୁସି ରହିବେ। ଶିକ୍ଷା ଓ ପରୀକ୍ଷାରେ ପିଲାଙ୍କ ସଫଳତାକୁ ନେଇ ଆନନ୍ଦ ଅନୁଭବ କରିବେ।

**ମକର**
ସପ୍ତମସ୍ଥ ଏକାଧିକଗ୍ରହଜନିତ କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀ କାମହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ**
ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶୁକ୍ରଙ୍କ ସୁପ୍ରଭାବରୁ କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି। କର୍ମକ୍ଷେତ୍ରରେ ବାଦାନୁବାଦ ଜନିତ ଅଶାନ୍ତି ଲାଗି ରହିବା କାରଣରୁ ମନ ଅସ୍ଥିର ରହିବ।

**ମୀନ**
ସଂଯମତା ଅଭାବରୁ କର୍ମ କ୍ଷେତ୍ରରେ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ଚନ୍ଦ୍ରଙ୍କ ପ୍ରଭାବରେ ପିଲାଙ୍କ ସମସ୍ୟା ସମାଧାନ ପୂର୍ବକ ଖୁସି ଅନୁଭବ କରିବେ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବାହାରକୁ ଯିବା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଆଷାଢ଼ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର, ଜୁନ୍ ୨୧ ତାରିଖ, ଅନ୍ତର୍ଜାତୀୟ ଯୋଗ ଦିବସ, ଦିବା ଘ.୧୦.୪୧ମି. ଗତେ ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୭.୫୦ମି. ଗତେ ଘ.୦୮.୩୦ମି. ମଧ୍ୟେ ଘ.୧୦.୦୯ମି.ଗତେ ଘ.୧୧.୨୨ମି. ମଧ୍ୟେ ଶୁଭ ଶୁଦ୍ଧବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୭ମି. ମଧ୍ୟେ ରାହୁକାଳ।

# ବାଧ୍ୟତାମୂଳକ ହେବ ବର୍ଷାଜଳ ସଂରକ୍ଷଣ

## ୫୨ ବ୍ଲକ, ୨୭ ସହରରେ କାର୍ଯ୍ୟକାରୀ ହେଉଛି ଛାତ ଯୋଜନା

ଭୁବନେଶ୍ୱର,୨୦।୬(ଅନିଲ ଦାସ)

ଜଳବାୟୁ ପରିବର୍ତ୍ତନ ସହିତ ରାଜ୍ୟରେ ବର୍ଷା ପରିମାଣ ଦ୍ରୁତ ଗତିରେ ହ୍ରାସ ପାଉଛି। ଜୀବନଯାପନ ପାଇଁ ଭୂଗର୍ଭ ଜଳ ଉପରେ ମାତ୍ରାଧିକ ନିର୍ଭରଶୀଳତା ବଢ଼ିଯାଇଛି। ଫଳରେ ଭୂତଳ ଜଳ ଉପରେ ଚାପ ପଡୁଛି। ଏପରି ସ୍ଥଳେ ଜଳ ସଂରକ୍ଷଣ ଜରୁରୀ ହୋଇପଡ଼ିଲାଣି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବର୍ଷାଜଳ ସଂରକ୍ଷଣ ପାଇଁ ଛାତ ଯୋଜନା-୨୦୨୨ ଆରମ୍ଭ କରିଛନ୍ତି। ଆସନ୍ତା ୫ ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଭୂଗର୍ଭ ଜଳ ସମସ୍ୟା ଥିବା ରାଜ୍ୟର ୨୭ଟି ସହର ଏବଂ ୫୨ଟି ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ସରକାରୀ ଓ ବେସରକାରୀ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ କରାଯିବ। ବେସରକାରୀ ଲୋକଙ୍କ ପାଇଁ ଏହି ଯୋଜନାରେ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ବ୍ୟବସ୍ଥା ରହିଛି। ତେବେ ବ୍ୟକ୍ତିଗତ ଘର ପାଇଁ ବର୍ଷାଜଳ ଅମଳକୁ ବାଧ୍ୟତାମୂଳକ କରାଯାଇ ନାହିଁ। ଆପାର୍ଟମେଣ୍ଟଗୁଡ଼ିକ ପାଇଁ ବର୍ଷା ଜଳ ସଂରକ୍ଷଣ ବାଧ୍ୟତାମୂଳକ ହୋଇଥିବା ବେଳେ ଆଗାମୀ ଦିନରେ ଏହାକୁ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ କରାଯିବ ବୋଲି ଭୂତଳ ଜଳ ସଂରକ୍ଷଣ ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଭୂତଳ ଜଳ ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ରାଜ୍ୟର ୮ଟି ବ୍ଲକରେ ଭୂଗର୍ଭସ୍ଥ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସପାଉଛି। ସେହି ବ୍ଲକଗୁଡ଼ିକ ହେଲା ତାଳଚେର, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା, ଭୁବନେଶ୍ୱର ଓ ନୟାଗଡ଼। ଏହିସବୁ ବ୍ଲକରେ ଭୂଗର୍ଭ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ଭୂତଳ ଜଳ ସେମି କ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉକ୍ତ ବ୍ଲକଗୁଡ଼ିକରେ ଯଦି ଭୂଗର୍ଭସ୍ଥ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ଡହଳବିକଳ ହେବାକୁ ପଡ଼ିବ। ଗ୍ରାଉଣ୍ଡ ୱାଟର ରିସୋର୍ସ ଆସେସ୍‌ମେଣ୍ଟ(ଜିଡବ୍ଲ୍ୟୁଆର୍‌ଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩, ୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି।

ସୂଚନାଯୋଗ୍ୟ, ଭୂଗର୍ଭସ୍ଥ ଜଳ ସ୍ତର ବୃଦ୍ଧି କରିବାକୁ ରାଜ୍ୟ ସରକାର ୨୦୧୫ରେ ଛାତ ଉପର ଭୂତଳ ଜଳ ପ୍ରକଳ୍ପ ଯୋଜନା ଆରମ୍ଭ କରିଥିଲେ। ଜଳ ସଂରକ୍ଷଣ ପାଇଁ ଏହି ଯୋଜନାରେ ପ୍ରୋତ୍ସାହନ ରାଶି ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲା। ଏହା ଲୋକମାନଙ୍କ ମଧ୍ୟରେ ଦ୍ରୁତ ଆଦୃତି ଲାଭ କରିଥିଲା। ତେବେ ୨୦୧୯ରେ ଏହି ଯୋଜନା ବନ୍ଦ ହୋଇ ଯାଇଥିଲା। ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୫ରୁ ୨୦୧୯ ମଧ୍ୟରେ ୯,୪୩୮ଟି ବେସରକାରୀ ଏବଂ ୩୫୮ଟି ସରକାରୀ ଗୃହ ଛାତ ଉପରେ ଜଳ ସଂରକ୍ଷଣ ପୁନଃଭରଣ ଯୋଜନା କାର୍ଯ୍ୟକାରୀ କରାଯାଇଛି।

## ପୃଥିବୀ ଗୋଟିଏ ପଟକୁ ୮୦ ସେ.ମି. ଢଳିଛି



ଅତ୍ୟଧିକ ଭୂତଳ ଜଳ ବ୍ୟବହାର ମଧ୍ୟ ପୃଥିବୀ ଉପରେ ପ୍ରଭାବ ପକାଇବା ଆରମ୍ଭ କରିଛି। ଜିଓଫିଜିକାଲ ରିସର୍ଚ୍ଚ ଲେଟର୍ସରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୧୯୯୩ରୁ ୨୦୧୦ ମଧ୍ୟରେ ଅଧିକ ପରିମାଣ ଭୂତଳ ଜଳ ବାହାର କରାଯିବା କାରଣରୁ ପୃଥିବୀକୁ ଗୋଟିଏ ପଟକୁ ୮୦ ସେଣ୍ଟିମିଟର (୩୧.୫ ଇଞ୍ଚ) ପର୍ଯ୍ୟନ୍ତ ଢଳାଇ ଦେଇଛି। ପୂର୍ବରୁ ଏକ ଅଧ୍ୟୟନରେ କୁହାଯାଇଥିଲା ଯେ ଭୂଗର୍ଭ ଜଳର ଅସନ୍ତୁଳନ ଯୋଗୁ ପୃଥିବୀ ନିଜ କକ୍ଷରୁ କିଛିମାତ୍ରାରେ ପରିବର୍ତ୍ତନ ହୋଇଛି। ଭୂବିଜ୍ଞାନୀଙ୍କ ଅଧ୍ୟୟନ ଅନୁଯାୟୀ ୧୯୯୩ରୁ ୨୦୧୦ ମଧ୍ୟରେ ମନୁଷ୍ୟ ଦ୍ୱାରା ଭୂଗର୍ଭରୁ ୨,୧୫୦ ଗିଗାଟନ ଭୂଗର୍ଭ ଜଳକୁ ବାହାର କରାଯାଇଛି। ଏଥିଯୋଗୁ ୬ ଇଞ୍ଚ ସମୁଦ୍ର ଜଳ ପତ୍ତନ ମଧ୍ୟ ବୃଦ୍ଧି ପାଇଛି। ଭୂଗର୍ଭ ଜଳ ଯେ ପୃଥିବୀର ବିବର୍ତ୍ତନକୁ ପରିବର୍ତ୍ତନ କରିପାରେ ତାହା ପ୍ରଥମ ଥର ପାଇଁ ୨୦୧୬ରେ ଆବିଷ୍କାର କରାଯାଇଥିଲା। ପୃଥିବୀରେ ଦେଖାଦେଉଥିବା ପରିବର୍ତ୍ତନ କେବଳ ଯେ ଗ୍ଲେସିୟରରେ ବରଫ ତରଳିବା ଯୋଗୁ ହେଉଥିବା ନେଇ କୁହାଯାଉଥିବା ବେଳେ ଏବେ ଭୂତଳ ଜଳ ଯୋଗୁ ଏପରି ହେଉଥିବା ଗବେଷଣାରୁ ଜଣାପଡ଼ିଛି।

### ମାତ୍ରାଧିକ ଭୂଗର୍ଭ ଜଳ ଶୋଷିବା ଆଣିଛି ବିପଦ

# ଓଲଟିଲା ପିକ୍‌ଅପ ଭ୍ୟାନ୍, ୧୫ ଆହତ

## ରଥଯାତ୍ରା ଦେଖିବାକୁ ଆସିବା ବେଳେ ଦୁର୍ଘଟଣା

ରାୟଗଡ଼ା, ୨୦।୬ (ଭାଗ୍ୟଶ୍ରୀ ମିଶ୍ର)



ଓଲଟି ପଡ଼ିଥିବା ପିକ୍‌ଅପ୍ ଭ୍ୟାନ୍।

ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରକୁ ଭକ୍ତ ରଥଯାତ୍ରା ଦେଖିବାକୁ ଆସୁଥିବା ବେଳେ ଦୁର୍ଘଟଣା ଘଟିଛି। ରାୟଗଡ଼ା ଥାନା ଅନ୍ତର୍ଗତ ହାଲୁଆ ଗ୍ରାମ ପଞ୍ଚାୟତର ତଳସାଂକେଶ ଗ୍ରାମ ନିକଟରେ ୩୨୬ନଂ. ଜାତୀୟ ରାଜପଥରେ ଏକ ମ୍ୟାକ୍ସ ପିକ୍‌ଅପ ଭ୍ୟାନ୍ ଓଲଟି ପଡ଼ିବାରୁ ୧୫ରୁ ଅଧିକ ଲୋକ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଥିବା ଜଣାପଡିଛି। ଆହତଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ରାୟଗଡ଼ାରେ ରଥଯାତ୍ରା ଦେଖିବା ପାଇଁ କୋରାପୁଟ ଜିଲା ଲକ୍ଷ୍ମୀପୁର ଅଞ୍ଚଳରୁ ଏକ ପିକ୍‌ଅପ ଗାଡ଼ିରେ ୧୦ରୁ ଅଧିକ ଲୋକ ଆସୁଥିବାବେଳେ ରାଫାକଣା ଛକଠାରେ ହାଲୁଆ ପଞ୍ଚାୟତର ୫ରୁ ଅଧିକ ଲୋକେ ଚଢ଼ିଥିଲେ। ତେବେ ରାୟଗଡା ସହରକୁ ପହଞ୍ଚିବାକୁ ଆଉ ମାତ୍ର ୫ କି.ମି ଦୂର ଥିବାବେଳେ ତଳସାଂକେଶଠାରେ ଥିବା ବୁଲାଣୀ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋକୁ ସାଇଡ ଦେବାକୁ ଯାଇ ପିକ୍‌ଅପ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଗାଡ଼ି ଭିତରେ ଓ ଡାଲାରେ ବସିଥିବା ରୋମି ମଣ୍ଡାଙ୍ଗୀ, ଲକ୍ଷ୍ମୀ ନାୟକ, ରାଧା ମଣ୍ଡାଙ୍ଗୀ, ସମିଆ ଶାରକା, ଦୁନାଇଁ ସାରାକା, ଏଷା ସାରକା, ସୌଦାମିନୀ ମାଝୀ, ରାଇତ ମାଝୀ, ଦୟାନିଧି ମାଝୀଙ୍କ ସମେତ ଅନ୍ୟମାନେ ରାସ୍ତା ଉପରେ ଛିଟକି ପଡି ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।



ପୁରୀରେ ରଥଯାତ୍ରା ଅବସରରେ ମଙ୍ଗଳବାର ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ 'ଓଡ଼ିଶା ରିଭ୍ୟୁ'କୁ ଉନ୍ମୋଚନ କରୁଛନ୍ତି।

# ନିଯୁକ୍ତ ହେଲେ ୧୯ ସୂଚନା ସେବା ଅଧିକାରୀ

**ଭୁବନେଶ୍ୱର,୨୦।୬(ଅନିଲ ଦାସ):** ଓଡ଼ିଶା ସୂଚନା ସେବା (ଦ୍ୱିତୀୟ ଶ୍ରେଣୀ) ବର୍ଗରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦରେ ନିଯୁକ୍ତି ପାଇଥିବା ୧୯ ଜଣ ଅଧିକାରୀଙ୍କୁ ବିଭିନ୍ନ ଉପଖଣ୍ଡ ତଥା ଜିଲାରେ ଅବସ୍ଥାପିତ କରାଯାଇଛି। ଏ ନେଇ ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଲୋକସମ୍ପର୍କ ଅଧିକାରୀ (ଏସ୍‌ଡିଆଇପିଆରଓ) ଭାବେ କେ.ଶ୍ରବଣ କୁମାରଙ୍କୁ ଅନୁଗୋଳ, ଐଶ୍ୱର୍ଯ୍ୟା ସାମନ୍ତଙ୍କୁ ବାଲେଶ୍ୱର, ବିନାୟକ ମିଶ୍ରଙ୍କୁ ପଦମପୁର, ଅମ୍ଳାନ ଦାସଙ୍କୁ ବାଙ୍କୀ, ଅଭିଷେକ ବେହେରାଙ୍କୁ ଢେଙ୍କାନାଳ, ପ୍ରତିଚୀ ତନୟା ମହାନ୍ତିଙ୍କୁ ଜଗତ୍‌ସିଂହପୁର, ପ୍ରହଲ୍ଲାଦ କାଶଲାଙ୍କୁ ବାଲିଗୁଡ଼ା, ସ୍ୱାଧୀନ କୁମାର ମନ୍ତ୍ରୀଙ୍କୁ ଆନନ୍ଦପୁର, ସାର୍ଥକ ଅଭିନନ୍ଦନ ରାୟଙ୍କୁ ଚମ୍ପୁଆ, ଅବିନାଶ ପାଣିଙ୍କୁ ଉଦଳା, ସଂଯୁକ୍ତା କୁଲୁଙ୍କୁ ସମ୍ବଲପୁର ସଦର ମହକୁମାରେ ଅବସ୍ଥାପିତ ହେବା ନେଇ ତାଲିକା ଚୂଡ଼ାନ୍ତ ହୋଇଛି। ସେହିପରି ସ୍ୱାଗତିକା ବେହେରାଙ୍କୁ ସହକାରୀ ସୂଚନା ଅଧିକାରୀ ପଢ଼ିଆରୀ ପାଠାଗାର, କଟକ, ଆଲୋକ ମହାନ୍ତି ଓ ସନ୍ଦୀପ କୁମାର ବଳଙ୍କୁ ଯଥାକ୍ରମେ କେନ୍ଦ୍ରାପଡ଼ା ଓ ନୂଆପଡ଼ା ଜିଲାର ଭାରପ୍ରାପ୍ତ ଡିଆଇପିଆରଓ ଭାବେ ଅବସ୍ଥାପିତ କରାଯାଇଛି। ସରୋଜ ସାହୁ (ପିଆରଓ,ଏଲ୍‌ଆର),ସ୍ୱାତିସ୍ନିଗ୍ଧା ସୁଆର, ତନୁଜା ମହାନ୍ତି, ରୋଜାଲିନ୍ ସାହୁ ଏବଂ ସୁଶ୍ରୀ ସଙ୍ଗୀତା ମହାରଣା, ପିଆରଓ(ଗ୍ରୁପ୍ ଅଫ୍ ଡିପାର୍ଟମେଣ୍ଟସ୍) ଭାବେ ଖୋର୍ଦ୍ଧା ଜିଲା (ରାଜ୍ୟ ସଦର ମହକୁମା,ଭୁବନେଶ୍ୱର) ରେ କାର୍ଯ୍ୟ କରିବେ। ଖାଲିଥିବା ଏହିସବୁ ପଦବୀ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ ଜରିଆରେ ଚୟନ ପରେ ପ୍ରାର୍ଥୀମାନଙ୍କୁ ବିଭିନ୍ନ ସ୍ଥାନରେ ଅବସ୍ଥାପିତ କରିବା ନେଇ ମେ' ୩୦ ତାରିଖରେ କାଉନସେଲିଂ କରାଯାଇଥିଲା।

SMILE GOLD
Rath Yatra Offers
Exchange your Old Gold and take New HUID HallMark Ornaments with Zero Making Charges.
This Offers Valid From
RathYatra to Sunabesa (Only at Old Gold)
Happy Rath Yatra
Celebrating the glory of Lord Jagannath.
Fancy Market, Saheed Nagar, Bhubaneswar || Mob: +91-9438019696

# ଦେଢ଼ବର୍ଷ ପରେ ଲୋକଙ୍କୁ ଗଲା ପିଏମ୍‌ଏୱାଇ କାର୍ଯ୍ୟାଦେଶ

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)

- ୩ ପର୍ଯ୍ୟାୟରେ ଲୋକଙ୍କୁ ମିଳିବ ଘର ନିର୍ମାଣ ଟଙ୍କା
- ପ୍ରଥମ ପର୍ଯ୍ୟାୟ ୪୦ ହଜାର ଟଙ୍କା ଯାଇସାରିଥିବା ସୂଚନା
- ଏବେ ଅନ୍‌ଲାଇନରୁ କାର୍ଯ୍ୟାଦେଶ ଡାଉନ୍‌ଲୋଡ୍ କରିପାରିବେ ହିତାଧିକାରୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ପୁଣି ଥରେ କାର୍ଯ୍ୟାଦେଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ପ୍ରାୟ ଦେଢ଼ବର୍ଷ ହେବ ରାଜ୍ୟରେ ବନ୍ଦ ଥିଲା। ଏହାକୁ ନେଇ ରାଜନୀତି ମଧ୍ୟ ଜୋର୍ ଧରିଥିଲା। ହେଲେ ସୋମବାରଠାରୁ ରାଜ୍ୟରେ ଥିବା ମୋଟ୍ ୯ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ଅନେକ ଜଣଙ୍କୁ ଗତ ସୋମବାରଠାରୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ତେବେ ଏହି ଯୋଜନାରେ ପ୍ରଥମ ଥର ଲାଗି ଅନ୍‌ଲାଇନ ଜରିଆରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ତେବେ ପାହାଡିଆ ଅଞ୍ଚଳରେ ରହୁଥିବା ହିତାଧିକାରୀଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା ମିଳିବାକୁ ଥିବାବେଳେ ସମତଳ ଅଞ୍ଚଳରେ ରହୁଥିବା ହିତାଧିକାରୀଙ୍କୁ ଲକ୍ଷେ ୨୦ ହଜାର ମିଳିବ। ପାହାଡିଆ ଅଞ୍ଚଳର ହିତାଧିକାରୀଙ୍କୁ ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା, ଦ୍ୱିତୀୟ କିସ୍ତିରେ ୬୫ହଜାର ଏବଂ ଗୃହନିର୍ମାଣ ଶେଷ ସହିତ ଶୌଚାଳୟ ନିର୍ମାଣ, ହିତାଧିକାରୀ ସେହି ନୂଆ ଘରେ ରହିବା ଆରମ୍ଭ କରିବା ପରେ ବାକି ୩ୟ କିସ୍ତି ୨୫ ହଜାର ଟଙ୍କା ମିଳିବ। ଏଭଳି ଭାବେ ମୋଟ ୧.୩୦ଲକ୍ଷ ଟଙ୍କା ପିଏମ୍ ଆବାସ ଯୋଜନାରେ ମିଳିବ। ଅନ୍ୟପଟେ ସମତଳ ଅଞ୍ଚଳ ଲାଗି ପ୍ରଥମ କିସ୍ତିରେ ୪୦ ହଜାର, ଦ୍ୱିତୀୟ କିସ୍ତିରେ ୬୫ ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଦିଆଯିବ। ତେବେ ସୂଚନା ମୁତାବକ ଯେଉଁ ହିତାଧିକାରୀମାନଙ୍କ ତାଲିକାରେ ନାଁ ଅଛି ସେମାନଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରିଥିବା ଜଣେ ପଞ୍ଚାୟତିରାଜ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି। ଏହାଦ୍ୱାରା ଯେଉଁମାନେ ପ୍ରକୃତ ହିତାଧିକାରୀ ଏବଂ ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଏପରି ମୋଟ ୯ ଲକ୍ଷ ଲୋକଙ୍କୁ ମିଳିବ ବୋଲି ଅଧିକାରୀ ଜଣକ କହିଛନ୍ତି।

ଗ୍ରାମାଞ୍ଚଳ ଓ ବ୍ଲକସ୍ତରରେ ପିଏମ୍ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନଠାରୁ ଆରମ୍ଭକରି ବିଲ୍ ପ୍ରଦାନ ଆଦି କ୍ଷେତ୍ରରେ ଦୁର୍ନୀତି ଅଭିଯୋଗ ଆସିବା ତଥା କେନ୍ଦ୍ର ସରକାରଙ୍କ ତାଗିଦ ପରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ଅନ୍‌ଲାଇନରେ ପିଏମ୍ ଆବାସ ଘର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଗତ ମେ' ୩୦ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ସଚିବ ସୁଶୀଲ କୁମାର ଲୋହାନୀ ସମସ୍ତ ଜିଲାପାଳ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ) ଓ ବିଡିଓଙ୍କୁ ଚିଠି ଲେଖି ପିଏମ୍ ଆବାସ(ଗ୍ରାମୀଣ) ଘରର କାର୍ଯ୍ୟାଦେଶ ହିତାଧିକାରୀଙ୍କୁ ଅନ୍‌ଲାଇନରେ ବଣ୍ଟନ କରାଯିବ ବୋଲି ସୂଚନା ଦେଇଥିଲେ। ରାଜ୍ୟର ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଛାତଘର ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ ଆବାସ)ରେ କେନ୍ଦ୍ର ସରକାର ୨୦୨୩ ଜାନୁୟାରରେ ମୋଟ ୯ଲକ୍ଷ ୫୯ହଜାର ୫୧୮ଟି ଘର ମଞ୍ଜୁର କରିଛନ୍ତି। ଯୋଗ୍ୟ ହିତାଧିକାରୀଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ ଲିଙ୍କ୍ ପଠାଯିବ ଯେଉଁଥିରେ ତାଙ୍କର କାର୍ଯ୍ୟାଦେଶ ମିଳିପାରୁଛି। ଏହାବ୍ୟତୀତ ହିତାଧିକାରୀ ଚାହିଁଲେ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଗୃହନିର୍ମାଣ ପୋର୍ଟାଲକୁ ଯାଇ ନିଜର ପଞ୍ଜୀକୃତ ମୋବାଇଲ ନମ୍ବର ଓ ଆଧାର ନମ୍ବର ମାଧ୍ୟମରେ ଏହି କାର୍ଯ୍ୟାଦେଶ କାଢ଼ିପାରିବେ। ଉକ୍ତ କାର୍ଯ୍ୟାଦେଶରେ ଉଲ୍ଲେଖ କରାଯାଇଛି ହିତାଧିକାରୀ ନିଜର କାର୍ଯ୍ୟାଦେଶ ପାଇବାର ବର୍ଷକ ମଧ୍ୟରେ ଗୃହ ନିର୍ମାଣ ଶେଷ କରିବା ଆବଶ୍ୟକ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରାଯିବ ଓ ପ୍ରଦାନ କରାଯାଇଥିବା ଅର୍ଥରାଶି ଆଦାୟ ନିମନ୍ତେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶାକୁ ୨୬.୫୧ଲକ୍ଷ ଘର ମଞ୍ଜୁର କରିସାରିଥିବାବେଳେ ୧୭.୧୪ଲକ୍ଷ ଗୃହ ନିର୍ମାଣ ଶେଷ ହୋଇସାରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଟ ୧୩ ଲକ୍ଷ ୭୮ ହଜାର ୨୪୯ ଜଣ ହିତାଧିକାରୀ ଘର ପାଇବା ନିମନ୍ତେ ଆବେଦନ କରିଥିଲେ। ମାତ୍ର ଯାଞ୍ଚ ପରେ ସରକାର ୩ ଲକ୍ଷ ୨୧ ହଜାର ୬୧୦ ଜଣ ଅଯୋଗ୍ୟ ଆବେଦନକାରୀଙ୍କୁ ବାଦ୍ ଦେଇଥିଲେ। ପରେ ସେଥିରୁ ୯ଲକ୍ଷ ୫୯ହଜାର ୫୧୮ଜଣଙ୍କୁ ଚିହ୍ନଟକରି ସେମାନଙ୍କୁ ଘର ନିର୍ମାଣ ପାଇଁ ୱାର୍କ ଅର୍ଡର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ପଦବୀ:ରାଜମିସ୍ତ୍ରୀ, ସେଣ୍ଟ୍ରିଙ୍ଗ ମିସ୍ତ୍ରୀ
ମାସିକ ଦରମା-୧୫,୦୦୦/- (including food)
ହେଲ୍ପର-ମାସିକ ଦରମା-୧୦,୦୦୦/-
(including food) (ରହିବା ମାଗଣା)
ସ୍ଥାନ-ଅନୁଗୁଳ
କଳକାରଖାନାରେ ଶ୍ରମିକ ଯୋଗାଉଥିବା ବ୍ୟକ୍ତି ଯୋଗାଯୋଗ କରିବାକୁ ଅନୁରୋଧ ।
ଯୋଗାଯୋଗ:
୬୩୭୧୧୫୮୧୯୪/୭୭୩୫୫୭୨୫୫୦

Urgently Required
Salon & Spa therapist, Manager & House Keeping staff for Bhubaneswar Center.
Only Female Candidate can Contact for details.
9178760530
9178760540

URGENT REQUIRED
FOR BMS PROJECTS
Senior Accountant - 1 Post : 10-12 Yrs. Experience
Junior Accountant - 1 Post : 4-6 Yrs. Experience
Civil Engineer - 1 Post : 8-10 Yrs. Experience in (Road, Bridge & Building Work & Billing)
FOR BMS FULES
Sales Executive - 1 Post : Eligibility: 5-6 Yrs. Sales Experience, Computer Knowledge must.
Interest Candidate Please Send Their Resume in
bmsprojectsmrg@gmail.com, Contact No.: 7978913328
At: BMS Projects, Subhash Chowk, Malkangiri



ପୁରୀ ରଥଯାତ୍ରାରେ ଯୋଗଦେଇଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ନେତା ସମ୍ବିତ ପାତ୍ର।

# ସାମାଜିକ ଗଣମାଧ୍ୟମରେ କେନ୍ଦ୍ର ବାଲ୍ ପୁରସ୍କାର ବିଜେତାଙ୍କ ନାମ

ଭୁବନେଶ୍ୱର,୨୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଚଳିତ ବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଦିଆଯାଉଥିବା ବାଲ୍ ପୁରସ୍କାର ବିଜେତାଙ୍କ ନାମ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ପୁରସ୍କାର ଘୋଷଣା ହେବା ପୂର୍ବରୁ ଏହା କିପରି ପ୍ରଘଟ ହେଲା ତାହା ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ମହଲରେ ଆଲୋଚନାର ବିଷୟ ହୋଇଛି। ଓଡ଼ିଶାରୁ ଡ. ସୁନାମଣି ରାଉତ ଚଳିତ ବର୍ଷର ଏହି ପୁରସ୍କାର ପାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ପୋଷ୍ଟରେ ଚଳିତ ବର୍ଷର ଜୁରୀ ସଦସ୍ୟ ଭାବେ ଭୂପେନ ମହାପାତ୍ର ଓ ମହେଶ୍ୱର ମହାନ୍ତି ରହିଥିବା ନେଇ ମଧ୍ୟ ଉଲ୍ଲେଖ କରାଯାଇଛି। ବିଧିବଦ୍ଧ ସୂଚନା ନ ଆସିବା ଆଗରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବା ନେଇ ଅନେକ ସାହିତ୍ୟିକ ପ୍ରଶ୍ନ କରିଛନ୍ତି। ଏ ନେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ କହିଛନ୍ତି, ମୁଁ ଏ ଘଟଣା ବିଷୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବଙ୍କୁ ଚିଠି ଲେଖିଛି। ଏଥିସହ ଓଡ଼ିଆ ଭାଷା ପରାମର୍ଶଦାତା ବୋର୍ଡର ଆବାହକଙ୍କୁ ମଧ୍ୟ ଅବଗତ କରାଇଛି। ଆନୁଷ୍ଠାନିକ ଭାବେ ପୁରସ୍କାର ଘୋଷଣା ହେବା ପୂର୍ବରୁ ଓଡ଼ିଆ ଭାଷାରେ ବାଲ୍ ପୁରସ୍କାର ଏବଂ ଜୁରି ସଦସ୍ୟଙ୍କ ନାମ ସାମାଜିକ ଗଣମାଧ୍ୟମରେ ପ୍ରଘଟ ଗ୍ରହଣୀୟ ନୁହେଁ। ଯଦି ଫେସ୍‌ବୁକରେ କରାଯାଇଥିବା ପୋଷ୍ଟ ସତ ହୁଏ, ଏହାକୁ ବାତିଲ କରିବା ଏକାଡେମୀ ପାଇଁ ସମ୍ମାନଜନକ ହେବ। ଏହି ବିଷୟଟି ଅତ୍ୟନ୍ତ ଗମ୍ଭୀର। ଜରୁରୀ କାର୍ଯ୍ୟାନୁଷ୍ଠାନ ସହ ଏକାଡେମୀର ପ୍ରତିଷ୍ଠା ବଜାୟ ରଖି ଉପଯୁକ୍ତ ପଦକ୍ଷେପ ନିଆଯାଉ। ଭବିଷ୍ୟତରେ ଏକାଡେମୀ ଦ୍ୱାରା ପରିଚାଳିତ ପୁରସ୍କାର ଚୟନ ପାଇଁ ଜୁରି ଭାବରେ କାର୍ଯ୍ୟ କରିବାକୁ ମୁଁ ଇଚ୍ଛୁକ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

### ଘୋଷଣା ପୂର୍ବରୁ ନାଁ ପ୍ରଘଟ

WANTED
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
Roles and Responsibilities:-
- Required young and enthusiastic individuals to join our dynamic media marketing team.
- Capable to aggressively chase sales targets
- Drive new client acquisition.
- Conduct market research and analysis to evaluate trends, brand awareness and competition ventures.

Requirements:-
- Bachelor's degree in Marketing, Communications or Business Administration.
- Freshers are welcome to apply; previous internship or relevant coursework in marketing is a plus.
- Excellent Marketing, negotiation and analytical skills.
- Effective communication skills & punctuality.

Apply immediately to :
recruitment@dharitri.com
Attractive salary commensurate with experience

# ବିଶେଷ କିଛି ହେବ ନାହିଁ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇଛନ୍ତି। ଜୋ ବାଇଡେନ୍ ଆମେରିକାର ରାଷ୍ଟ୍ରପତି ହେବା ପରେ ମୋଦିଙ୍କର ଏହା ଦ୍ୱିତୀୟ ଗସ୍ତ। ଅପରପକ୍ଷେ ମୋଦି କ୍ଷମତାକୁ ଆସିବା ପରେ ଏହା ତାଙ୍କର ୮ମ ଆମେରିକା ଗସ୍ତ। ସେ ଆମେରିକା କଂଗ୍ରେସକୁ ସମ୍ବୋଧିତ କରିବେ ଓ ଭାରତୀୟ ସମୁଦାୟଙ୍କୁ ବି ଉଦ୍‌ବୋଧନ ଦେବେ। ଏହି ଗସ୍ତ ବାଣିଜ୍ୟ, ଜ୍ଞାନକୌଶଳ ଓ ସାମରିକ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଢ କରିବ ବୋଲି କୁହାଯାଉଛି। ତେବେ ସାମ୍ପ୍ରତିକ ଭୂରାଜନୈତିକ ସ୍ଥିତିକୁ ଲକ୍ଷ୍ୟକଲେ ମୋଦିଙ୍କର ଏବକାର ଗସ୍ତ ପଛରେ ଆଉ କିଛି କାରଣ ଥିବା ମନେହୁଏ। ପ୍ରଥମରେ ଏବକାର ସ୍ଥିତିକୁ ଦେଖିଲେ ଚାଇନାର ଆର୍ଥିକ ଓ ସାମରିକ ପ୍ରଭାବକୁ ଆମେରିକା ଅଟକାଇବା ପାଇଁ ଲାଗିପଡ଼ିଛି ଓ ଏଥିପାଇଁ ଭାରତକୁ ତା'ର ସହଯୋଗୀ ଭାବେ ନେବାକୁ ଚେଷ୍ଟା ଜାରି ରଖିଛି। ଭାରତ ଆମେରିକାରୁ ଅଧିକ ଅସ୍ତ୍ରଶସ୍ତ୍ର ଆମଦାନୀ କରୁଛି। ସାମରିକ କ୍ଷେତ୍ରକୁ ବିଚାରକୁ ନେଲେ ଏବେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନା ଓ ଆମେରିକା ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏଥିପାଇଁ ଆମେରିକା ଭାରତ ଉପରେ ଗୁରୁତ୍ୱ ଦେବା ବୁଝିହେଉଛି। ଅନ୍ୟପକ୍ଷରେ ଲଦାଖ ଅଞ୍ଚଳରେ ଚାଇନାର ବିସ୍ତାରବାଦୀ ଆଭିମୁଖ୍ୟକୁ ଭାରତ ସମ୍ମୁଖୀନ ହେବା ପାଇଁ ଆମେରିକାର ସହଯୋଗ ଆଶା କରୁଛି, କିନ୍ତୁ ବାଇଡେନ ଏହି ସଂଘର୍ଷ ସମ୍ପର୍କରେ ଏଯାବତ ମୁହଁ ଖୋଲିନାହାନ୍ତି। ସାମରିକ ମେଣ୍ଟ ଦୃଷ୍ଟିକୋଣରୁ ଦେଖିଲେ କ୍ୱାଡ୍ ମେଣ୍ଟରେ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସହ ଭାରତ ସାମିଲ ହୋଇଛି ଏବଂ ଆମେରିକା ସହିତ ଅଧିକ ଯୁଦ୍ଧାଭ୍ୟାସ କରିସାରିଛି। କିନ୍ତୁ ଭାରତ ସହ ରଣନୀତିକ ସମ୍ପର୍କ ଦୃଢ କରିବାରେ ଆମେରିକାର ଉକ୍ତ ପ୍ରୟାସ ଭାରତକୁ ନିରାଶ କରିବ ବୋଲି ବହୁ ପର୍ଯ୍ୟବେକ୍ଷକ ବିଶ୍ୱାସ କରୁଛନ୍ତି। ଆମେରିକାର ଦୋଧାରିଆ ନୀତି ଯୋଗୁ ଭାରତ କେବେ ତା'ର ଏକ ଭଲ ବନ୍ଧୁ ହୋଇପାରିବ ନାହିଁ ବୋଲି ଏହି ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ପାକିସ୍ତାନ କ୍ଷେତ୍ରରେ ଏଭଳି ନୀତି ମଧ୍ୟ ସ୍ପଷ୍ଟ ହୋଇଛି। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ଯୋଗୁ ପାକିସ୍ତାନ ଉପରେ କଟକଣା ଲଗାଇଥିଲେ। କିନ୍ତୁ ବାଇଡେନ ପ୍ରଶାସନ ତାହା ଦୂରକରି ପାକିସ୍ତାନର ଋଣ ଖିଲାପୀ କେତେକାଂଶରେ ଦୂର କରିବା ସହ ତାଙ୍କୁ ଏଫ୍-୧୬ ଯୁଦ୍ଧ ବିମାନର ଅତ୍ୟାଧୁନିକୀକରଣ ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛନ୍ତି। ଏଣୁ ପାକିସ୍ତାନ ହେଉ କି ଚାଇନା, ଏମାନଙ୍କ ସହ ଯୁଦ୍ଧ ପରିସ୍ଥିତି ଉପୁଜିଲେ ଆମେରିକାର ସାହାଯ୍ୟ ଭାରତ ପାଇବା ଆଶା କ୍ଷୀଣ।

> ଉଭୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ୨୦୨୪ରେ ନିଜର ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ଉଭୟଙ୍କ ପାଇଁ ପୁନର୍ବାର ଜିତିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଥିବାରୁ ଉଭୟ ନେତା ଏବେ ଦୁଇଦେଶ ମଧ୍ୟରେ ସୁସମ୍ପର୍କର ନାଟକ ରଚାଇବା ମଧ୍ୟ ସ୍ୱାଭାବିକ।

ସବୁଠୁ ବଡ଼ କଥା ହେଉଛି ଭାରତର ପାରମ୍ପରିକ ବନ୍ଧୁ ଭାବେ ରୁଷିଆ ବେଶ୍ ଜଣାଶୁଣା। କିନ୍ତୁ ରୁଷିଆ ସହ ଭାରତର ସମ୍ପର୍କ ନିକଟ ଅତୀତରୁ ବିପରୀତ ଦିଗରେ ଗତି କରୁଥିବା ମନେହେଉଛି। ରୁଷିଆ ସହିତ ସମ୍ପର୍କକୁ ପ୍ରତିରକ୍ଷା ଓ ଶକ୍ତି ମଧ୍ୟରେ ସୀମିତ ରଖି ଆମେରିକା ସହ ଭାରତ ହୁଏତ ଏକ ବହୁମୁଖୀ ବ୍ୟବସାୟିକ ଢାଞ୍ଚା ଗଢିବାକୁ ଚେଷ୍ଟା କରୁଛି। ତେବେ ଆମେରିକା ସହିତ ବାଣିଜ୍ୟ ବେପାରର ସମ୍ପର୍କ କେବେହେଲେ ଭାରତ ପାଇଁ ପ୍ରତିରକ୍ଷା ଦିଗରେ ସହାୟକ ହେବ ନାହିଁ। ଏହା ଆଜିର କଥା ନୁହେଁ, ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବିଷୟରେ ଭାରତୀୟମାନେ ସଜାଗ ଅଛନ୍ତି। ଆଜିର ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଭାରତ ତାହାର ଗୋଷ୍ଠୀ ନିରପେକ୍ଷ ଭୂମିକା ଛାଡ଼ି ଯେଉଁଭଳି ଭାବେ କାର୍ଯ୍ୟ କରିବାକୁ ଚାହୁଁଛି ସେଥିରେ ସମ୍ଭବତଃ ଉଭୟ ରୁଷିଆ ଓ ଆମେରିକା ତାହାଠାରୁ ଦୂରେଇଯିବେ। ଅବଶ୍ୟ ଉଭୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ୨୦୨୪ରେ ନିଜର ନିର୍ବାଚନ ଲଢିବାକୁ ପ୍ରସ୍ତୁତ ହେଉଛନ୍ତି। ଉଭୟଙ୍କ ପାଇଁ ପୁନର୍ବାର ଜିତିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଥିବାରୁ ଉଭୟ ନେତା ଏବେ ଦୁଇଦେଶ ମଧ୍ୟରେ ସୁସମ୍ପର୍କର ନାଟକ ରଚାଇବା ମଧ୍ୟ ସ୍ୱାଭାବିକ। ଅର୍ଥାତ୍ ଏହି ଗସ୍ତରୁ କୌଣସି ପ୍ରକାର ଆଖିଦୃଶିଆ ଲାଭ ପାଇଁ ଭାରତ ଅପେକ୍ଷା କରିବା ଅନୁଚିତ।

# ପ୍ରଳୟର ଆରମ୍ଭ ଆଶଙ୍କା



ସହଦେବ ସାହୁ

ପୃଥିବୀରେ ତାପ ବୃଦ୍ଧି ଯୋଗୁ ୨୦୨୮ ବେଳକୁ ମଣିଷ ପାଇଁ ଜୀବନ ଅସହ୍ୟ ହେବ, ତାପ ବୃଦ୍ଧି ରୋକାଯାଇ ନ ପାରିଲେ ୨୦୩୦ ବେଳକୁ ବାୟବୀୟ ପ୍ରଳୟର ସୂତ୍ରପାତ ହେବ। 'ଜର୍ନାଲ ଅଫ୍ ମ୍ୟାଥ୍‌ମେଟିକାଲ୍ ବାୟୋଲଜି'ରେ ୨୦୧୫ରେ ଗୋଟିଏ ପ୍ରବନ୍ଧ ପ୍ରକାଶ ପାଇଥିଲା ଯେ, ଯଦି ମହାସାଗରମାନଙ୍କରେ ଉଷ୍ମତା ବଢ଼ିଚାଲେ ୨୧୦୦ ବେଳକୁ ଏତେ ଗରମ ହୋଇଥିବ ଯେ, ଫାଇଟୋପ୍ଲାଙ୍କଟନ୍‌ମାନଙ୍କ ଭାଶେଷଣ (ଫଟୋସିନ୍ଥସିସ୍) ପ୍ରକ୍ରିୟା ଗୋଳମାଳିଆ ହୋଇଯିବ, ଅମ୍ଳଜାନ ଉତ୍ପାଦନ ବନ୍ଦ ହୋଇଯିବ। (ବୈଜ୍ଞାନିକମାନଙ୍କ ହିସାବ ଯେ ପୃଥିବୀରେ ଅମ୍ଳଜାନର ଦୁଇ ତୃତୀୟାଂଶ ଫାଇଟୋପ୍ଲାଙ୍କଟନ୍‌ଠାରୁ ଆସୁଛି)। ତା' ମାନେ ଆଉ ୭୭ ବର୍ଷ ପରେ ପୃଥିବୀ ପ୍ରାଣୀଶୂନ୍ୟ ହୋଇଯିବ: ଅନ୍ୟ ପ୍ରାଣୀମାନଙ୍କୁ ଇତର ଅଥବା 'ଗଡ୍ ହାଜ୍ କ୍ରିଏଟେଡ୍ ମାନ୍ ଇନ୍ ହିଜ୍ ଓନ୍ ଇମେଜ୍' ବୋଲି କହୁଥିବା ମଣିଷ ୨୦୩୦ ବେଳକୁ ପରିବେଶଠାରୁ ଚେଁଖେ (ଚେତାବନୀ) ପାଇଯାଇଥିବ! ବାୟୁମଣ୍ଡଳରେ ଶତାଂଶ ହିସାବରେ ଅମ୍ଳଜାନ ଯେତିକି କମିଯିବ, ଅଙ୍ଗାରକାମ୍ଳ ତା' ସ୍ଥାନ ପୂରଣ କରିବ ତ ମଣିଷର ମତିଭ୍ରମ ହେବ, ବୁଦ୍ଧିଭ୍ରମତା ଆସିବ! ବାୟୁମଣ୍ଡଳର ଲକ୍ଷେ ଭାଗରୁ ଶହେ ଭାଗକୁ ଅମ୍ଳଜାନ କମିଗଲେ (ଯାହା କି ୨୧୦୦ ବେଳକୁ ହୋଇଯାଇଥିବ ଯଦି ଉପସ୍ଥିତ ହାରରେ ତାପ ବଢ଼ିଚାଲେ) ଆମର କଗ୍ନିଟିଭ୍ ଏବିଲିଟି (ଯୁକ୍ତିଯୁକ୍ତ ଚିନ୍ତା କରିବାର ଶକ୍ତି) କମିଯାଏ – ମଣିଷ ତା'ର ଭାବିବା ଶକ୍ତି ହରାଏ, ବିପଦର ସାମ୍ନା କରିପାରେ ନାହିଁ। ଉଦାହରଣ ସ୍ୱରୂପ କହିବା ଯେ, ଓଡ଼ିଶା ଲୋକେ ଦିଲ୍ଲୀ କଥା ଭାବି ପାରିବେ ନାହିଁ କି ଦିଲ୍ଲୀ ଲୋକେ ଓଡ଼ିଶା କଥା ଚିନ୍ତାକୁ ନେଇପାରିବେ ନାହିଁ।

ତାପ ଗୋଟିଏ ଡିଗ୍ରୀ ବଢ଼ିଲା ବେଳକୁ ବର୍ଷା ଏକତୃତୀୟାଂଶ କମିଯାଏ। ଶସ୍ୟ ଉତ୍ପାଦନ କମିବାର ଅନ୍ୟ କାରଣ ମଧ୍ୟ ଆସେ। ୨୦୧୮ ଜୁନ୍‌ରେ ଆମେରିକା ଯୁକ୍ତରାଷ୍ଟ୍ରରେ ଗବେଷକମାନେ ଦେଖିଲେ ଯେ ୨ ଡିଗ୍ରୀ ସେଲ୍‌ସିଅସ୍ ତାପ ବଢ଼ିଲେ ମକା ଉତ୍ପାଦନ ୧୮% କମିଯାଉଛି, କାରଣ ପରାଗସଙ୍ଗମ କାଳରେ ଗୋଟିଏ ସପ୍ତାହ କାଳ ଉଚ୍ଚ ତାପ ରହିଲେ ପରାଗସଙ୍ଗମ ଘଟେ ନାହିଁ। ମକାର ଗୁଣ ହେଲା– ଥରେ ମାତ୍ର ପରାଗସଙ୍ଗମ ଘଟେ, ଗୋଟିଏ ମଉକାରେ କୋଟି କୋଟି ମକା ମଞ୍ଜି ନିଷିକ୍ତ ହୋଇଥାଏ। ଶୁଷ୍କ ଜଳବାୟୁରେ ବଢୁଥିବା ବାଜରା ବି ନିଷ୍ଫଳା ହୁଏ, କାରଣ ବେଶି ଗରମ ପବନ ପାଇଲେ ବାଜରା କାଣ୍ଡରେ ବାଷ୍ପ-ଚାପ କମିଯାଏ ତ ପତ୍ର ଭିତରେ ଥିବା ଜଳୀୟ ବାଷ୍ପ ଓ ପତ୍ର ବାହାରର ବାୟୁର ଶୁଷ୍କତା ମଧ୍ୟରେ ପାର୍ଥକ୍ୟ ବଢ଼ିଯାଏ। ତେଣୁ ବାଜରା ଗଛ ବାୟୁମଣ୍ଡଳକୁ ବେଶି ଜଳୀୟ ବାଷ୍ପ ଛାଡ଼େ, ବାଜରା ଶସ୍ୟ ମାଡ଼ ଖାଇଯାଏ। ବାଜରାଠାରୁ ବେଶି ଶୁଖିଲା ପାଗରେ ବଢ଼ିବାର ଶସ୍ୟ ନାହିଁ– ପୃଥିବୀର ତାପ ୨ ଡିଗ୍ରୀ ବଢ଼ିଗଲେ ବାଜରା ଉତ୍ପାଦନ ୧୭% କମିଯାଏ, ୫ ଡିଗ୍ରୀ ସେଲସିଅସ୍ ବଢ଼ିଗଲେ ଉତ୍ପାଦନ ୬୦% କମିଯାଏ ବୋଲି ଯୁକ୍ତରାଷ୍ଟ୍ରର ଗବେଷକମାନେ କହିଛନ୍ତି। ଆଉ ଆମ ଧାନ କଥା କ'ଣ କହିବା! ୨ ଡିଗ୍ରୀ ସେଲ୍‌ସିଅସ ବଢ଼ିଗଲେ ଧାନ ଉତ୍ପାଦନ ୨୦% କମିଯାଏ। ତାପବୃଦ୍ଧି ରୋକା ନଗଲେ ଖାଦ୍ୟ କମ୍ ମିଳିବ ତ ୨୧୦୦ ବେଳକୁ ପୃଥିବୀରେ ୭୫% ମଣିଷ ଖାଦ୍ୟାଭାବ ଯୋଗୁ ନଷ୍ଟ ହୋଇଯିବେ। ଯାହା ରହିବେ ସେମାନେ ନୂଆ ରୋଗରେ ମରିଯିବେ। ୨୦୧୬ରେ ସାଇବେରିଆରେ ଆର୍କଟିକ ସର୍କଲ ଉପରକୁ ଏକ ତାପ-ଢେଉ ପ୍ରବାହିତ ହୋଇ ଦୀର୍ଘକାଳ ବରଫ ହୋଇ ରହିଥିବା ଏକ ଭୂଖଣ୍ଡକୁ (ଯାହାକୁ ବୈଜ୍ଞାନିକମାନେ ପର୍ମାଫ୍ରଷ୍ଟ କହନ୍ତି) ତରଳାଇଦେଲା। ତା' ଭିତରୁ ପୋତି ହୋଇ ରହିଥିବା ଏକ ରେନ୍‌ଡିଅର୍‌ର ଶବ ମିଳିଲା, ତାକୁ ଗବେଷକମାନେ ଅନୁଧ୍ୟାନ କରି ଜାଣିଲେ ଯେ ପ୍ରାୟ ଦଶ ହଜାର ବର୍ଷ ତଳେ ୨୦୦୦ ପାଖାପାଖି ରେନ୍‌ଡିଅର୍‌ର ଏକ ଗୋଠ ଆନ୍ଥ୍ରାକ୍ସ ରୋଗରେ ମରିଛନ୍ତି। କିଛି ଲୋକ ବି ସଂକ୍ରମିତ ହୋଇଛନ୍ତି ବୋଲି ଏକ ଖୋଳା ହୋଇଥିବା ୧୨ ବର୍ଷୀୟ ପୁଅର ଶବରୁ ଜାଣିଲେ। ଆନ୍ଥ୍ରାକ୍ସ ରୋଗର ଜୀବାଣୁ ନିକଟସ୍ଥ ଜଳାଶୟ ଓ ମାଟିରେ ବ୍ୟାପୀ ଯାଇଥିବ ଓ ପର୍ମାଫ୍ରଷ୍ଟରେ ପୋତି ହୋଇ ରହିଥିବ। ପର୍ମାଫ୍ରଷ୍ଟ ଏକ ପ୍ରକାଣ୍ଡକାୟ ରେଫ୍ରିଜରେଟର ଭଳି କାମ କରେ। ପ୍ରାଚୀନ କାଳର ଜୀବାଣୁ, ଭାଇରସ୍ ଆଦି ତା' ଭିତରେ ଶବ ହୋଇ ରହିଆଇପାରନ୍ତି। ପର୍ମାଫଷ୍ଟ ଭିତରେ ଅମ୍ଳଜାନ ନ ଥାଏ, ସେଠି ଅନ୍ଧାର ହିଁ ଅନ୍ଧାର। ଏମିତି ଏକ ପର୍ମାଫେଷ୍ଟରୁ ବୈଜ୍ଞାନିକମାନେ ୮୦ ଲକ୍ଷ ବର୍ଷ ତଳର କେତେକ ବ୍ୟାକ୍ଟେରିଆ ଶବ ପାଇ ବୈଜ୍ଞାନିକମାନେ ଦେଖିଲେ ଯେ ତହିଁରେ ସ୍ପାନିସ୍ ଫ୍ଲୁ ଭାଇରସ୍, ବସନ୍ତ ଓ ବୁବୋନିକ୍ ପ୍ଲେଗ୍ ଆଦିର ରୋଗକାରୀ ଚୁକୁରା ରହିଛି। ତେଣୁ ମେରୁ ଅଞ୍ଚଳର ବରଫଖଣ୍ଡ ତରଳିଲେ ବହୁତ ଅଜଣା ଜୀବାଣୁ ଓ ଭୂତାଣୁ ବାହାରି ଆସି ପର୍ମାଫ୍ରଷ୍ଟରୁ ଆସି ନୂଆ ନୂଆ ରୋଗ ଆଣି ମଣିଷଜୀବନକୁ ଲିଭାଇ ଦେଇପାରନ୍ତି।



ବରଫ ଖଣ୍ଡ ତରଳିବାର ଅନ୍ୟ ପରିଣାମ ବି ଅଛି। ପର୍ମାଫ୍ରଷ୍ଟର ଓଜନ ଭୂପୃଷ୍ଠକୁ ଚାପି ରଖିଛି। ତା' ତରଳିଗଲେ ଚାପ ଉଭେଇଯିବ, ତଳର ଭୂମି ଉପରକୁ ଫୁଲି ଉଠିବ ତ ପାଖଆଖରେ ଭୂକମ୍ପ ସୃଷ୍ଟି ହେବ, ଯେମିତି ଏବେ ଗ୍ରୀନ୍‌ଲାଣ୍ଡ ଓ ଆଲାସ୍କାରେ ଭୂମିକମ୍ପ ହେଉଛି। ଅପରପକ୍ଷରେ ପାଖର ସମୁଦ୍ରରେ ମିଶୁଥିବା ଜଳରାଶିର ଓଜନ ମହାସାଗର ତଳକୁ ବଙ୍କେଇଦିଏ, ତେଣୁ ଭୂଖଣ୍ଡ ଚଳନ କ୍ରିୟା (ଟେକ୍ଟୋନିକ୍ ମୁଭ୍‌ମେଣ୍ଟ) ତ୍ୱରାନ୍ୱିତ ହୁଏ, ତରଳ ଲାଭାର ପ୍ରବାହକ୍ରିୟା ଜୋର୍‌ରେ ହୁଏ, ସମୁଦ୍ର ତଳ ଭୁଶୁଡ଼ି ପଡ଼େ, ସୁନାମି ଆସେ, ଏମିତି କେତେ ଅଘଟଣ ଘଟେ! ଗତ ବରଫ ଯୁଗ ଅପସରି ଗଲା ବେଳେ ପ୍ରାୟ ୮୦୦୦ ବର୍ଷ ତଳେ ନରୱେ ଉପକୂଳରୁ ଗ୍ରୀନ୍‌ଲାଣ୍ଡଯାଏ ଉପକୂଳର (ପ୍ରାୟ ଓଡ଼ିଶା ଆକାରର) ଭୂଖଣ୍ଡରେ ଜୀବସତ୍ତା ରହିଲା ନାହିଁ। ବିଲାତ ସହିତ ଯେଉଁ ଭୂଖଣ୍ଡ ହଲାଣ୍ଡ, ଡେନ୍‌ମାର୍କ ଓ ଜର୍ମାନୀକୁ ଯୋଡୁଥିଲା ତା' ଉଭେଇଗଲା। ସେତେବେଳର ଢେଉ ସେଟ୍‌ଲାଣ୍ଡ ପାଖରେ ପହଞ୍ଚିଲାବେଳକୁ ୬୫ ଫୁଟ୍ ଉଚ୍ଚ ହୋଇଥିଲା।

ବଡ଼ ଢେଉ ଆସିବ ବା ବସନ୍ତ ଜୀବାଣୁ ଡେଇଁପାରେ ଏ ଆଶଙ୍କାଠାରୁ ବେଶି ଚିନ୍ତା ଯେ ୨୦୫୦ ବେଳକୁ ଖାଦ୍ୟଶସ୍ୟରେ ଯଥେଷ୍ଟ ପ୍ରୋଟିନ୍ ମିଳିବ ନାହିଁ। ଅଙ୍ଗାରକାମ୍ଳ ସ୍ତରର ବୃଦ୍ଧି ସଙ୍ଗେ ସଙ୍ଗେ ଶସ୍ୟଗୁଡ଼ିକରେ ପ୍ରୋଟିନ୍ ପରିମାଣ ହ୍ରାସ ହେବାରେ ଲାଗିଛି, କୃଷି ବିଜ୍ଞାନୀମାନେ କହିଲେଣି, କ୍ୟାଲ୍‌ସିୟମ୍ ଓ ଲୌହ ଭଳି ଖଣିଜ ଦ୍ରବ୍ୟମାନ ବି ୮% କମିଯାଇଥିବ। ଉଦ୍ଭିଦ ଉପରେ ନିର୍ଭର କରୁଥିବା ନିରାମିଷାଶୀମାନେ ବହୁ ପରିମାଣରେ ପୁଷ୍ଟିହୀନତା ରୋଗରେ ପଡ଼ିବେ। ଭାରତୀୟଙ୍କ ଭିତରୁ ୫% ବା ୭ କୋଟି ଲୋକ କୁପୁଷ୍ଟିଜନିତ ରୋଗରେ ପଡ଼ିବେ, କଙ୍କାଳସାର ପିଲାଙ୍କ ଅକାଳମୃତ୍ୟୁ ଘଟିବ। ମିନେରାଲ୍ ଭାବରେ ଯେଉଁ ଜିଙ୍କ୍ ମା' ଓ ସନ୍ତାନର ସ୍ୱାସ୍ଥ୍ୟ ପାଇଁ ଅତି ଦରକାରୀ ତା'ର ଅଭାବ ଘଟିବ, ଏହା ପୃଥିବୀସାରା ୧୪ କୋଟି ଲୋକଙ୍କୁ ବିପଦରେ ପକାଇବ। ଆମେ ଜୈବିକ ତଥା ଭୌତିକ ପରିସ୍ଥିତିକୁ ଏପରି ବଦଳାଇ ଦେଉଛୁ ଯେ ଖାଦ୍ୟ ବ୍ୟବସ୍ଥାରେ ଏଭଳି ଆଶ୍ଚର୍ଯ୍ୟଜନକ ପରିଣାମ ଦେଖିବାକୁ ମିଳୁଛି, ଖାଦ୍ୟ କମ୍‌ରୁ କମ୍ ପୁଷ୍ଟିକର ହେବା ସାଙ୍ଗକୁ କୀଟମାନଙ୍କ ଉତ୍ପାତ ବଢ଼ିବ। ତାପ ବଢ଼ିଲେ ଆଫିଡ୍ ଓ ବୋରର୍ ଭଳି କୀଟଙ୍କ ଭୋକ ବଢ଼େ, ସେମାନେ ବେଶି ଖାଆନ୍ତି, ସେମାନଙ୍କ ପ୍ରଜନନ ପ୍ରକ୍ରିୟା ବୃଦ୍ଧି ପାଏ। ତାପ-ବୃଦ୍ଧି ଓ କୀଟ-ଉତ୍ପାତ ଚାଲୁ ରହିଲେ ୨୦୩୦ ବେଳକୁ ତିନୋଟି ମୁଖ୍ୟ ଶସ୍ୟର ଉତ୍ପାଦନ କମିଯିବ– ଗହମ ୪୬%, ମକା ୩୨% ଓ ଧାନ ୧୯%। ଆମ ଦିଗ୍‌ବଳୟରେ ଏବେ ଦିଶିଲାଣି ଏକ କଣ୍ଢେଇନାଚ– ନିଦାଘ ବାସହରା ଭୋକିଲା ଓ କୁପୋଷଣଭୋଗୀ ମଣିଷର ଧାଡିର!

sahadevas@yahoo.com

# କର୍ତ୍ତବ୍ୟ ନିଷ୍ପାଦନର ନିଦର୍ଶନ



ଡ. ଭାରତ ଭୂଷଣ ରଥ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିଚୟରେ ଓଡ଼ିଶା ବିଶ୍ୱରେ ପରିଚିତ। ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତି ରଖିଥିବା ଭକ୍ତକୁ ପ୍ରଭୁ ନିଜର ବାହୁଛାୟା ତଳେ ଆଶ୍ରୟ ଦେଇଛନ୍ତି। ତେବେ ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ସେବା ଏବଂ ଶ୍ରୀମନ୍ଦିରର ପରମ୍ପରାରୁ ଆମକୁ ଅନେକ କିଛି ଶିଖିବାର ଅଛି। ଭଗବାନ ଜଗନ୍ନାଥ ସ୍ୱୟଂ ବିଷ୍ଣୁ ବୋଲି ଶାସ୍ତ୍ର ମତ ଦିଅନ୍ତି। ବିଷ୍ଣୁଙ୍କର ଦଶ ପ୍ରମୁଖ ଅବତାର। ପ୍ରତ୍ୟେକଟି ଅବତାର ସେ ଭକ୍ତମାନଙ୍କ ସୁରକ୍ଷା ପାଇଁ ଗ୍ରହଣ କରିଥା'ନ୍ତି। ଗୀତାରେ ପ୍ରଭୁ କହିଛନ୍ତି, ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ତେଣୁ ସେ ବିଭିନ୍ନ ଅବତାର ଗ୍ରହଣକରି କେତେବେଳେ ପୃଥିବୀର ଉଦ୍ଧାର କରିଛନ୍ତି । ସେହି ମହାପ୍ରଭୁଙ୍କୁ ସତ୍ୟଯୁଗର ନୃସିଂହ, ତ୍ରେତୟାର ଶ୍ରୀରାମ ଏବଂ ଦ୍ୱାପରର ଶ୍ରୀକୃଷ୍ଣ ଭାବରେ ଆମେ ଅଭିହିତ କରୁ। ଭଗବାନ ନୃସିଂହ ପ୍ରହଲ୍ଲାଦ ଭଳି ଭକ୍ତକୁ କୋଳେଇ ନେଇଛନ୍ତି। ରାକ୍ଷସ ପ୍ରବୃତ୍ତିଯୁକ୍ତ ହିରଣ୍ୟକଶିପୁର ବକ୍ଷ ବିଦାରଣ କରିଛନ୍ତି। ଏହି ନ୍ୟାୟରେ ପ୍ରଭୁଙ୍କର ପତିତପାବନୀ ଯାତ୍ରା ହେଉଛି ପତିତମାନଙ୍କର ଉଦ୍ଧାରର ଯାତ୍ରା। ପତିତ ଶବ୍ଦର ଅନେକ ଅର୍ଥ ମଧ୍ୟରୁ ଗୋଟିଏ ପ୍ରମୁଖ ଅର୍ଥ ହେଲା ବଳଶାଳୀ ବ୍ୟକ୍ତିମାନଙ୍କ ଦ୍ୱାରା ଯିଏ ଶୋଷିତ ତଥା ନିର୍ଯାତିତ। ସେହିଭଳି ବ୍ୟକ୍ତି ଭଗବାନଙ୍କୁ ଭକ୍ତି କରି ବିଶେଷ ଭାବରେ ଉପକୃତ ହୁଅନ୍ତି ଯଥା ଭକ୍ତ ପ୍ରହଲ୍ଲାଦ। ପତିତ ଶବ୍ଦଟି କୁକର୍ମ ଏବଂ ନିଚ କର୍ମ କରିଥିବା ବ୍ୟକ୍ତି ପାଇଁ ମଧ୍ୟ ପ୍ରୟୋଗ ହୁଏ। ଯେଉଁ ବ୍ୟକ୍ତି ଅସାମାଜିକ କର୍ମକରି ସମାଜରେ ଭୟଭ୍ରାନ୍ତି ସୃଷ୍ଟିକରେ ସେ ପତିତ। ସେଭଳି ଅନେକ ପାପୀ ସମାଜ ଦ୍ୱାରା ଘୃଣ୍ୟ ହୋଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରନ୍ତି ନାହିଁ। ସମୟକ୍ରମରେ ସେମାନେ ପରିବର୍ତ୍ତନ ହୁଅନ୍ତି ଏବଂ ସମାଜର ମୁଖ୍ୟ ସ୍ରୋତକୁ ଆସିବା ପାଇଁ ମାର୍ଗ ଖୋଜନ୍ତି। ସେହିଭଳି ଅନେକ ପତିତ ମହାପ୍ରଭୁଙ୍କର ଚରଣାଶ୍ରିତ ହୁଅନ୍ତି ଏବଂ ମହାପ୍ରଭୁ ପତିତପାବନୀ ଯାତ୍ରାରେ ତାଙ୍କୁ ଦର୍ଶନ ଦେଇ ଆଶ୍ୱସ୍ତ କରନ୍ତି।

ଏହି ଯାତ୍ରାର ଅନ୍ୟ ଏକ ନାମ ଜନ୍ମବେଦି ଯାତ୍ରା। ତେବେ ଏହି ନାମକରଣ ପଛରେ ମଧ୍ୟ ଏକ ବିଶେଷ ଉଦ୍ଦେଶ୍ୟ ରହିଛି। ଆମେ ଜାଣୁ ପ୍ରଭୁ ଶ୍ରୀରାମ ଯେବେ ଲଙ୍କା ବିଜୟ କଲେ କନିଷ୍ଠ ଭ୍ରାତା ଲକ୍ଷ୍ମଣ କହିଥିଲେ ହେ ଭ୍ରାତା! ଏହି ସ୍ୱର୍ଣ୍ଣଲଙ୍କା ବର୍ତ୍ତମାନ ଆପଣଙ୍କ ହସ୍ତଗତ। ଆମ୍ଭର ରାଜ୍ୟ ଅଯୋଧ୍ୟା ଅପେକ୍ଷା ଲଙ୍କା ରାଜ୍ୟ ସମୁନ୍ନତ ଏବଂ ନାନା ରତ୍ନ ବୈଭବ ବିମଣ୍ଡିତ। ତେଣୁ ଆପଣ ଲଙ୍କାରେ ରହି ଏହି ସ୍ୱର୍ଣ୍ଣ ରାଜ୍ୟକୁ ଶାସନ କରନ୍ତୁ। ଶ୍ରୀରାମ ଉପଦେଶ ଦେଇ କହିଥିଲେ, ଅପି ସ୍ୱର୍ଣ୍ଣମୟୀ ଲଙ୍କା ନ ମେ ରୋଚତେ ଲକ୍ଷ୍ମଣ! ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ। ଅର୍ଥାତ୍ ହେ ଲକ୍ଷ୍ମଣ! ଲଙ୍କା ସ୍ୱର୍ଣ୍ଣ ଖଚିତ ହେଲେ ମଧ୍ୟ ଏଠାରେ ମୋର ମନ ଲାଗୁନାହିଁ। ମୋର ମା' ଏବଂ ମାତୃଭୂମି ସର୍ବଦା ମୋ ପାଇଁ ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ। ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥ ତାହା ହିଁ ଶିକ୍ଷା ଦେଉଛନ୍ତି। ବର୍ଷ ଯାକର ୩୬୫ ଦିନ ଶ୍ରୀମନ୍ଦିରରେ ନିତ୍ୟ ଉତ୍ସବ ପରିପାଳିତ ହେଲେ ମଧ୍ୟ ମହାପ୍ରଭୁଙ୍କୁ ତାହା ଆକର୍ଷିତ କରିପାରୁନାହିଁ। ଅଥଚ ଛେଚାକଚା ଖାଇ



ସୁଦ୍ଧା ମହାପ୍ରଭୁ ନିଜର ଜନ୍ମଭୂମିକୁ ଯାଇ ପରମସୁଖ ପ୍ରାପ୍ତ ହେଉଛନ୍ତି। ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ମହାପ୍ରଭୁ ନିଜର ଜନ୍ମଭୂମିକୁ ଛାଡ଼ି ପାରୁନାହାନ୍ତି। ଠିକ୍ ସେହିଭଳି ଭଗବାନ ଶ୍ରୀକୃଷ୍ଣ ଦ୍ୱାରକାପୁରୀର ରାଜା ହୋଇଥିଲେ ମଧ୍ୟ ଗୋପଦାଣ୍ଡର ବାଲିଖେଳ ପ୍ରତି ତାଙ୍କର ପ୍ରବଳ ଦୁର୍ବଳତା ରହିଥିଲା। ଭଗବାନ କୃଷ୍ଣ ଦ୍ୱାରକାର ରାଜା ଭାବରେ ସମାଜରେ ଯେତିକି ପରିଚୟ ପାଇନାହାନ୍ତି ତା'ଠାରୁ ଅଧିକ ପରିଚୟ ପାଇଛନ୍ତି ଯଶୋଦା ମାତାଙ୍କର ରଙ୍କୁଣୀ ଧନ ଭାବରେ, ଗୋପ ବାଳକ ଭାବରେ, ଯମୁନା ନଦୀର ଗଭୀର ଜଳରେ କ୍ରୀଡ଼ାରତ ଗୋପାଳ ଭାବରେ, ବୃନ୍ଦାବନର ଲୀଳାପୁରୁଷ ଭାବରେ ତଥା ଗୋସମ୍ପଦର ସୁରକ୍ଷା ପାଇଁ ଗୋବର୍ଦ୍ଧନଧାରୀ ଭାବରେ। ଏହା ଶିକ୍ଷା ଦେଉଛି କୃଷ୍ଣ ଅବତାରରେ ଶ୍ରୀକୃଷ୍ଣ ନିଜ ଜନ୍ମଭୂମି ଏବଂ ଜନନୀଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦାନ କରିଛନ୍ତି। ଆଜି ଶ୍ରୀଜଗ ।ନ୍ନାଥ ମଧ୍ୟ ତାହା ହିଁ କରୁଛନ୍ତି ; ପ୍ରତିବର୍ଷ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ନିଜର ଜନ୍ମଭୂମିର ଉନ୍ନତି କରିବା ସହ ମାତୃ ସ୍ୱରୂପିଣୀ ଗୁଣ୍ଡିଚା ରାଣୀଙ୍କୁ ସମ୍ମାନ ଦେଉଛନ୍ତି। ଏହା ଶିକ୍ଷା ଦେଉଛି ଯଦି ସ୍ୱୟଂ ଭଗବାନ ଜନନୀ ଏବଂ ଜନ୍ମଭୂମିର ସମ୍ମାନ ରକ୍ଷା କରୁଛନ୍ତି ତେବେ ମାନବ ଏଥିରୁ ବାଦ୍ ପଡ଼ିବ କେମିତି? ତେଣୁ ମାନବ ଯେତେ ବଡ଼ ପଦପଦବୀରେ ଥାଉ ନା କାହିଁକି, ଯେତେ ଅସୁବିଧାରେ ଥାଉ ନା କାହିଁକି ନିଜର ବ୍ୟସ୍ତବହୁଳ କର୍ମମୟ ଜୀବନରୁ କିଛି ସମୟ ଆଗ୍ରହର ସହିତ ଜନନୀ ଏବଂ ଜନ୍ମଭୂମି ପାଇଁ ସମର୍ପଣ କରୁ। ଏହା ଆମ୍ଭର ପରମ କର୍ତ୍ତବ୍ୟ। ଉପରୋକ୍ତ କର୍ତ୍ତବ୍ୟ ସମ୍ପାଦନ କରୁଥିବାରୁ ଭଗବାନ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଯେଉଁଭଳି ଲୋକପ୍ରିୟ ହୋଇପାରିଛି ସେହିଭଳି ଯେଉଁବ୍ୟକ୍ତି ନିଜ ଜୀବନରେ ଉପରୋକ୍ତ କର୍ତ୍ତବ୍ୟ ସମ୍ପାଦନ କରୁଥିବେ ସେ ନିଶ୍ଚୟ ଜନପ୍ରିୟ ହୋଇ ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ଭଗବାନ୍‌ଙ୍କର କୃପାପାତ୍ର ହେବେ।

ଭଗବାନ୍ ଶ୍ରୀରାମ ତଥା ଶ୍ରୀକୃଷ୍ଣ ରାଜପଦବୀକୁ ଅଭିମଣ୍ଡିତ କରିଥିଲେ। ଅଖଣ୍ଡ କ୍ଷମତା ଏବଂ ସମସ୍ତ ରାଜବୈଭବ ତାଙ୍କ ପାଖରେ ଥାଇ ମଧ୍ୟ ଉଭୟ ଜନତାଙ୍କ ସହିତ ହିଁ ସମୟ ବିତାଉଥିଲେ। ଉଭୟ ଶ୍ରୀରାମ ଏବଂ ଶ୍ରୀକୃଷ୍ଣ ରାଜକୀୟ ସ୍ୱଭାବଠାରୁ ବହୁ ଦୂରରେ ରହି ଜନସେବାରେ ବ୍ରତୀ ଥିଲେ। ଠିକ୍ ସେହିଭଳି ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ଭକ୍ତମାନଙ୍କର ଦୁଃଖ ବୁଝିବା ସହିତ ସପ୍ତାହବ୍ୟାପୀ ଯାତ୍ରା କରି ଭକ୍ତମାନଙ୍କ ପାଖକୁ ଯାଆନ୍ତି। ପ୍ରଭୁ ସେହି ଭକ୍ତମାନଙ୍କ ପାଖକୁ ଯାଆନ୍ତି ଯେଉଁ ଭକ୍ତମାନଙ୍କ ମଧ୍ୟରେ ଅନେକ ଥାଆନ୍ତି ପତିତ, ଦୁଃଖୀ ତଥା ବୟସର ଅପରାହ୍ଣର ଦୁର୍ବଳତା ହେତୁ ଶ୍ରୀମନ୍ଦିରକୁ ଯାଇ ନ ପାରୁଥିବା ଭକ୍ତ। ଏହି ଯାତ୍ରା ରାଜନୀତିର ଏକ ଚରମ ନିଦର୍ଶନ। ପ୍ରଭୁ ଶିକ୍ଷା ଦେଉଛନ୍ତି ଯେଉଁ ରାଜନେତା ଜନତାଙ୍କର ସୁଖଦୁଃଖକୁ ବୁଝେ ତାକୁ ହିଁ ଜନତା ଶ୍ରେଷ୍ଠ ରାଜନେତାର ସମ୍ମାନ ଦେବେ। ଆଜି ସେଇଥିପାଇଁ ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ପଦକୁ ମଣ୍ଡନ କରିଛନ୍ତି। ଜୀବନର ସୃଷ୍ଟି ନୁହେଁ ପଦପଦବୀ, ସୁଖ, ସାମ୍ରାଜ୍ୟ ତଥା ଆନନ୍ଦ ସାଗରରେ ମଜ୍ଜିରହିବା ପାଇଁ ପରନ୍ତୁ ଜୀବନର ସୃଷ୍ଟି ସଂସାରରେ ନିଜର କର୍ତ୍ତବ୍ୟ ନିଷ୍ପାଦନ କରିବାପାଇଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଏହି କର୍ତ୍ତବ୍ୟ ନିଷ୍ପାଦନର ଚରମ ନିଦର୍ଶନ।

ଉପ ନିର୍ଦ୍ଦେଶକ, ଦୂରଶିକ୍ଷା ବିଭାଗ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି,
ଆନ୍ଧ୍ରପ୍ରଦେଶ
ମୋ- ୮୮୯୭୪୨୬୨୪୩

## ଏଇ ଭାରତରେ

ପିତାଙ୍କ ଚାକିରିରେ ବଦଳି ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ରହୁଥିଲେ ଦୁଇ ଭଉଣୀ ତନ୍ୟା ଏବଂ ସୁଜାତା। ସେମାନେ ଦେଶର ବିଭିନ୍ନ ଅଞ୍ଚଳର ସଂସ୍କୃତି, ପରମ୍ପରା ଓ ପୋଷାକ ଉପରେ ଅଭିଜ୍ଞତା ହାସଲ କରିବାର ସୁଯୋଗ ପାଇଥିଲେ। ୨୦୧୪ରେ ତନ୍ୟା କନ୍‌ସଲ୍‌ଟାଣ୍ଟ ଭାବେ ଓ ସୁଜାତା ଆଇଆଇଟି ମୁମ୍ବାଇରେ ପିଏଚ୍.ଡି. କରୁଥିଲେ। ଏହି ସମୟରେ କିଛି ନୂତନତ୍ୱ ସୃଷ୍ଟି କରି ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ପରେ ଦୁଇ ବର୍ଷ ପୋଷାକ ଉପରେ ଗବେଷଣା କରି ଶାଢ଼ି ବ୍ରାଣ୍ଡ 'ସୂତା' ଆରମ୍ଭ କରିଥିଲେ। ଫ୍ୟାଶନ କ୍ଷେତ୍ରରେ କୌଣସି ଅଭିଜ୍ଞତା ନ ଥାଇ ବି ସେମାନେ ହଜିଯାଉଥିବା କଳାକୁ ଶାଢ଼ି ମାଧ୍ୟମରେ ବଞ୍ଚାଇ ରଖିବାକୁ ବିଭିନ୍ନ ବର୍ଗର ବୁଣାକାର ଓ ଚିତ୍ରକରମାନଙ୍କୁ ଏଥିରେ ସାମିଲ କଲେ। ଏହି ଶାଢ଼ି ଡିଜାଇନ ସେମାନଙ୍କୁ ଆକର୍ଷିତ କରିପାରିଥିଲା। ଏବେ ଏହି କାର୍ଯ୍ୟରେ ସେ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଓଡ଼ିଶା, ତେଲଙ୍ଗାନା ଆଦି ରାଜ୍ୟରେ ୧୬ ହଜାର ବୁଣାକାରଙ୍କୁ ଏହି କାର୍ଯ୍ୟରେ ଲଗାଇଛନ୍ତି। ୧୫୦ ପରିବାରକୁ ପୂର୍ଣ୍ଣକାଳୀନ ରୋଜଗାର ଦେବାରେ ସକ୍ଷମ ହୋଇପାରିଛନ୍ତି। ଏବେ ତାଙ୍କ ବ୍ୟବସାୟିକ କାରବାର ୫୦ କୋଟିକୁ ଟପିଗଲାଣି। ଏହି ଦୁଇ ଭଉଣୀଙ୍କୁ ସମସ୍ତେ କହୁଛନ୍ତି 'ସୂତା ଭଉଣୀ'।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁନ୍ ୧୯୯୮

- ବିହାର ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ ବ୍ୟକ୍ତିମାନଙ୍କ ବାସଭବନ ଓ କାର୍ଯ୍ୟାଳୟ ଉପରେ ଚଢ଼ାଉ କରି ସିବିଆଇର ଅଫିସରମାନେ ଏକାଧିକ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିଛନ୍ତି।
- ରାଜ୍ୟର ବିଦ୍ୟୁତ୍ ସଂସ୍କାରରେ ସନ୍ତୋଷ ପ୍ରକାଶ କରି ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ୩୫୦ ନିୟୁତ ଡଲାର ଅର୍ଥ ସହାୟତା ଦେବାକୁ ସମ୍ମତି ପ୍ରଦାନ କରିଛନ୍ତି।
- ଦଳବିରୋଧୀ କାର୍ଯ୍ୟ କରିବା, ଦଳ ତଥା ସଭାପତିଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ଓ ଦଳୀୟ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ବିଜେଡିରୁ ୫ ବିଧାୟକ ସସ୍‌ପେଣ୍ଡ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 8 | | | 5 | 9 | 4 |
| | | | | | | | 1 | |
| | 3 | | | 4 | 6 | | | 7 |
| | | | | 6 | | 3 | | |
| 9 | 4 | | | | 5 | 8 | 2 | |
| | | | 1 | | | | | |
| | | 1 | 9 | | | | | |
| | 8 | | | 3 | | | | |
| 3 | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 5 | 1 | 9 | 4 | 7 | 6 |
| 4 | 1 | 7 | 3 | 6 | 2 | 8 | 9 | 5 |
| 9 | 6 | 5 | 8 | 4 | 7 | 2 | 3 | 1 |
| 2 | 3 | 9 | 6 | 7 | 8 | 1 | 5 | 4 |
| 5 | 8 | 4 | 9 | 2 | 1 | 3 | 6 | 7 |
| 6 | 7 | 1 | 4 | 3 | 5 | 9 | 8 | 2 |
| 3 | 9 | 6 | 2 | 5 | 4 | 7 | 1 | 8 |
| 1 | 4 | 8 | 7 | 9 | 6 | 5 | 2 | 3 |
| 7 | 5 | 2 | 1 | 8 | 3 | 6 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଔଷଧର ବ୍ୟାପକ ନକଲ

ମହାଶୟ,

ଗ୍ରାମାଞ୍ଚଳ ଓ ସହରରେ ବହୁଳ ମାତ୍ରାରେ ବିଭିନ୍ନ କମ୍ପାନୀର ଆୟୁର୍ବେଦ ଓ ହୋମପ୍ୟାଥିକ ମେଡିସିନ ଷ୍ଟୋର ଅଛି। ଏଠାରେ ଆୟୁର୍ବେଦ ଓ ହୋମିଓପ୍ୟାଥିକ ଔଷଧ ଯଥେଷ୍ଟ ପରିମାଣରେ ମହଜୁଦ। ଉକ୍ତ ମେଡିସିନ କେତେ ପରିମାଣରେ ଗୁଣମାନ? ମେଡିସିନଗୁଡ଼ିକୁ କେଉଁ କମ୍ପାନୀ ତିଆରି କରୁଛନ୍ତି, ରୋଗପ୍ରତିଷେଧକ ଔଷଧଗୁଡ଼ିକର ଯାଞ୍ଚ ଓ ପରୀକ୍ଷା ନିରୀକ୍ଷା କେଉଁ ଲାବୋରେଟୋରିରେ ହେଉଛି? ଦୁଃଖର କଥା, ସରକାରଙ୍କ ପାଖରେ ଏହାର କୌଣସି ହିସାବ ନାହିଁ। ଏହା ବ୍ୟତୀତ ଆୟୁର୍ବେଦ ଓ ହୋମିଓପ୍ୟାଥିକର ଯେତେ ଡାକ୍ତର ଅଛନ୍ତି, ସେମାନଙ୍କର ଡାକ୍ତରୀ ଶିକ୍ଷାଗତ ଯୋଗ୍ୟତା କେତେ? ଡାକ୍ତର ବାବୁ ଓ ଉକ୍ତ ମେଡିସିନର ଆଇନସମ୍ମତ ନୀତିନିୟମ, ପ୍ରମାଣପତ୍ର ଅଛି କି ନାହିଁ ତଦନ୍ତ ହେଲେ ବହୁ ରହସ୍ୟ ଲୋକଲୋଚନକୁ ଆସିବ। ରାଜ୍ୟ ସରକାର, ଭିଜିଲାନ୍ସ ଡିପାର୍ଟମେଣ୍ଟ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଇଚ୍ଛଇ ମରଣ ମୋର
ଅହରହ ଏ ଜଗତେ ଯେହ୍ନୁ,
ତାହାରି ସେବାର ଲାଗି
ରକତ ନିଗାଡ଼ି ଦିଏଁ ଦେହୁଁ।
(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଠିକା ସଂସ୍ଥା ପ୍ରକଳ୍ପ ପରିଚାଳକଙ୍କୁ ଗୁଳି: ଜଣେ ଗିରଫ**

ଯାଜପୁର,(ହର୍ଷବର୍ଦ୍ଧନ ବେହେରା): ସୁକିନ୍ଦା-ଅନୁଗୋଳ ରେଳପ୍ରକଳ୍ପ ଠିକା ସଂସ୍ଥାର ପ୍ରକଳ୍ପ ପରିଚାଳକ ଶ୍ରାବଣାଙ୍କୁ ସୋମବାର ରାତି ୧୦ଟାରେ ଗୁଳି ମାଡ଼ ହୋଇଛି। ଏହି ଘଟଣାରେ ସୁକିନ୍ଦା ଗ୍ରାମର ହୃଦାନନ୍ଦ ମିଶ୍ରଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। କମ୍ପାନୀର ମାଟିଖୋଳା ମେସିନକୁ ନେଇ ଅଭିଯୁକ୍ତ ନିଜ କାର୍ଯ୍ୟରେ ଲଗାଇଥିଲେ। କମ୍ପାନୀର ଆବଶ୍ୟକ ପଡିବାରୁ ମେସିନକୁ ସେମାନେ ନେବାକୁ ଚାହିଁଥିଲେ। ମାତ୍ର ଏହାକୁ ଅଭିଯୁକ୍ତଙ୍କ ଭାଇ ସରୋଜ ମିଶ୍ର ବିରୋଧ କରିଥିଲେ। ଫଳରେ କମ୍ପାନୀ କର୍ମଚାରୀ ଏବଂ ସରୋଜଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ହୃଦାନନ୍ଦ ଏବଂ ଶ୍ରବଣା ପହଞ୍ଚିଥିଲେ। ଯୁକ୍ତିତର୍କ କାରଣରୁ ହୃଦାନନ୍ଦ ରାଗିଯାଇ ଶ୍ରବଣାଙ୍କ ଉପରକୁ ଗୁଳି ଚଳାଇଥିଲେ।

# ଜନ୍ମବେଦିକୁ ଗଲେ ତିନି ଠାକୁର

## ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା

**ଧର୍ମଶାଳା,୨୦।୬(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଜଗନ୍ନାଥଙ୍କ ପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ୯ଦିନ ପାଇଁ ମାଉସୀ ମା' ଘରକୁ ଯାତ୍ରା କରିଛନ୍ତି। ବ୍ଲକର ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଡା. ବିଜୟ କୁମାର ଶତପଥୀ ଓ ନିରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ସେବାୟତମାନେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରିବାପରେ ପୂଜାର୍ଚ୍ଚନା କରାଯାଇଥିଲା। ଧର୍ମଶାଳା ମୁନ୍‌ସୀମିଳନ କମିଟି ଓ ଶ୍ରୀଜଗନ୍ନାଥ ମନ୍ଦିର କମିଟି ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଛେରାପହଁରା କରିବା ପରେ ଅପରାହ୍ନ ସାଢ଼େ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ୧୬ନଂ. ଜାତୀୟ ରାଜପଥ ଦେଇ ରଥ ଜାରକା ବଜାର, ବୁଦ୍ଧଛକ, ଶାନ୍ତିବଜାର ଓ ଧର୍ମଶାଳା ବଜାର ଦେଇ ଧର୍ମଶାଳା ହାଟ ପଡିଆସ୍ଥିତ ମାଉସୀ ମା'ମନ୍ଦିରରେ ସନ୍ଧ୍ୟାରେ ପହଞ୍ଚିଥିଲା। ଆଖପାଖ ଅଞ୍ଚଳର ଶହଶହ ପୁରୁଷ ଓ ମହିଳା ଭକ୍ତ ଯୋଗଦେଇ ରଥ ଟାଣିଥିଲେ। ମହିଳାମାନେ ରାସ୍ତାରେ ମୁରୁଜ ପକାଇବା ସହ କଳସ ବସାଇ ଠାକୁରଙ୍କୁ ବନ୍ଦାପନା କରିଥିବା ଦେଖିବାକୁ ମିଳିଥିଲା। ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀ, ମୁନ୍‌ସୀମିଳନ କମିଟି ସମ୍ପାଦକ ଜଳଧର ମହାନ୍ତି, ବସନ୍ତ ପରିଡ଼ା, ସୁଦୀପ୍ତ ସ୍ୱାଇଁ, ମନ୍ଦିର କମିଟି ପକ୍ଷରୁ ପ୍ରସନ୍ନ ବରାଳ, ଇନ୍ଦ୍ରମଣି ମହାନ୍ତି, ଅନିରୁଦ୍ଧ ରାଉତ, ଗଜେନ୍ଦ୍ର ବେହେରା, ସବ୍ୟସାଚୀ ବେହେରା, ପ୍ରସନ୍ନ ପାଳ, ମନୋଜ ରଣା, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କେଳୁଚରଣ ନାୟକ, ଅଶୋକ ଜେନା, ଜିତେନ୍ଦ୍ର ସାମଲ, କଳ୍ପତରୁ ସାହୁ, ବିଜୟ ନାୟକ ଓ ପ୍ରଦୀପ୍ତ ରାଉତ ପ୍ରମୁଖ କମିଟି ସଭ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ସେହିପରି ଧର୍ମଶାଳା ବ୍ଲକର ମଧୁପୁରଗଡ଼ଠାରେ ରାଜଜେମା ଅପର୍ଣ୍ଣା ଧୀରସିଂ ଭରଦ୍ୱାଜ ଛେରାପହଁରା କରିଥିଲାବେଳେ ଚୌଷଠିପଡ଼ା, ବଳରାମପୁରଗଡ଼, କବାଟବନ୍ଧ, ତଳଗଡ଼, ନରସିଂହପୁର, ଭବାନୀପୁର, ଛେଳିଆପଦା, ଅଚ୍ୟୁତପୁର, ସାଥୁଆପାଟଣା, ଦଣ୍ଡାଘାଟି ଓ ରାମପୁର କଇଥା ଆଦି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଧର୍ମଶାଳା ଓ ଜେନାପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ୯ଦିନ ବ୍ୟାପୀ ଧର୍ମଶାଳା ହାଟପଡ଼ିଆ ମାଉସୀ ମା' ମନ୍ଦିର ପରିସରରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଭାଲୁଖାଇ ଜଗନ୍ନାଥ ମନ୍ଦିରରୁ ମାଉସୀମା' ମନ୍ଦିର ଅଭିମୁଖେ ରଥ ଟଣାଯାଉଛି।

## ହରିବୋଲ, ହୁଳହୁଳିରେ ରଥଟଣା

**ସିଂହପୁର,୨୦।୬ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା ଗ୍ରାମରେ ରଥଯାତ୍ରା ପାଳିତ ହୋଇଯାଇଛି। ବାସୁଦେବ କମିଟି ପକ୍ଷରୁ ରଥ ପ୍ରତିଷ୍ଠା, ସୂର୍ଯ୍ୟପୂଜା ଓ ମଙ୍ଗଳ ଆଳତି ପରେ ଦିଅଁମାନଙ୍କର ପହଣ୍ଡି ବିଜେ ହୋଇଥିଲା। ପ୍ରତି ବର୍ଷ ନଟବର ମଲିକ ଛେରା ପହଁରା କରୁଥିବାବେଳେ ଏବର୍ଷ ତାଙ୍କ ଅନୁପସ୍ଥିତ ଯୋଗୁ ପୁତ୍ର ନିର୍ମଳ ମଲିକ ଛେରା ପହଁରା କରିଥିଲେ। ପୂଜକ ଭାବେ ପୁରୁଷୋତ୍ତମ ମଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅକ୍ଷୟ ସେଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳିରେ ରଥଟଣା ହୋଇଥିଲା।



## ଦୀର୍ଘତମ ପଥରେ ଗଡ଼ିଲା ମହାପ୍ରଭୁଙ୍କ ରଥ

**ଛତିଆ,୨୦।୬(ସୌମ୍ୟରଞ୍ଜନ ସାହୁ):**

ଯାଜପୁର ଜିଲା ବଡ଼ଚଣା ବ୍ଲକର ଛତିଆଠାରୁ ଦୀର୍ଘତମ ପଥରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଥମେ ଚତୁର୍ଦ୍ଧାମୂର୍ତ୍ତି ଧାଡ଼ି ପହଣ୍ଡିରେ ଆସି ରଥାରୂଢ଼ ହେବାପରେ ମୁଖ୍ୟ ପୁରୋଧା ଉପେନ୍ଦ୍ର ଓଝା ଛେରା ପହଁରା କରିଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରୁ ତିନି ରଥ ଟଣା ଆରମ୍ଭ ହୋଇଥିଲା। ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଛତିଆଠାରୁ ବଡ଼ ଘୁମିରି ମାଉସୀ ମା'ମନ୍ଦିର ପର୍ଯ୍ୟନ୍ତ ଯାଉଥିବା ମହାପ୍ରଭୁଙ୍କ ଏହି ରଥଯାତ୍ରା ସ୍ୱତନ୍ତ୍ରତା ବହନ କରେ। ଛତିଆଠାରେ ଥିବା ରଥଦାଣ୍ଡ ଏସିଆ ମହାଦେଶର ସବୁଠାରୁ ବୃହତମ ରଥଦାଣ୍ଡ ଭାବେ ଆଖ୍ୟା ଅର୍ଜନ କରିଛି। ୧୧ କିଲୋମିଟର ଧରି ଏହି ଘୋଷଯାତ୍ରା ଦେଖିବାକୁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଆବେଗ ଦେଖାଦେଇଥିଲା। ପ୍ରଚଣ୍ଡ ରୌଦ୍ରତାପକୁ ଖାତିରି ନ କରି ଶ୍ରଦ୍ଧାଳୁ ୩ ରଥକୁ ଟାଣି ନେଉଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଅଗ୍ନିଶମ ବିଭାଗ ପକ୍ଷରୁ ଭକ୍ତଙ୍କ ଉପରେ ପାଣି ସିଞ୍ଚନ କରାଯାଇଥିଲା। ଜାତୀୟ ରାଜପଥର ଗୋଟିଏ ପଟକୁ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିଲା। ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ରଥାଯାତ୍ରାରେ ବୈରୀ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋଙ୍କ ସମେତ ଦେଢ଼ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ଛତିଆଠାରୁ ବଡ଼ ଘୁମିରି ମାଉସୀ ମା'ମନ୍ଦିର ପର୍ଯ୍ୟନ୍ତ ଯାଉଥିବା ମହାପ୍ରଭୁଙ୍କ ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।

## ବାଲିଚନ୍ଦ୍ରପୁରଠାରେ ରଥଯାତ୍ରା



**ଚଣ୍ଡିଖୋଲ,୨୦।୬ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଠାରେ ମଙ୍ଗଳବାର ମହା ସମାରୋହରେ ଘୋଷଯାତ୍ରା ପାଳିତ ହୋଇଯାଇଛି। ବାଲିଚନ୍ଦ୍ରପୁର ବଜାରସ୍ଥିତ ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ଅପରାହ୍ନ ୫ଟାରେ ଶହଶହ ଭକ୍ତ ରଥ ଟାଣି ନେଇ ରୁକୁଟିପାଟସ୍ଥିତ ମାଉସୀମା ମନ୍ଦିର ଅଭିମୁଖେ ନେଇ ଯାଇଥିଲେ। ସେହିଭଳି ପତରାଜପୁରଠାରେ ମଧ ତିନି ଠାକୁରଙ୍କୁ ରଥା ରୂଢ଼ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଣ୍ଡିଖୋଲଠାରେ ମଧ ଶ୍ରଦ୍ଧାଳୁ ରଥ ଟାଣିଥିଲେ।

## ୨ ଥର ଛିଡ଼ିଗଲା ରଥ ଦଉଡ଼ି

**ଯାଜପୁରରୋଡ୍,୨୦।୬ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ବ୍ୟାସସରୋବର କ୍ଷେତ୍ରରେ ମଙ୍ଗଳବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ବିଗ୍ରହମାନଙ୍କ ସମସ୍ତ ନୀତିକାନ୍ତି ସହ ପୂଜା ହୋମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ଟାରେ ଶ୍ରୀଜୀଉମାନଙ୍କୁ ଘଣ୍ଟଘଣ୍ଟା ତାଳେତାଳେ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଭକ୍ତ ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରି ନିଜକୁ ଧନ୍ୟମନେ କରିଥିଲେ। ଆଖପାଖ ଅଞ୍ଚଳରୁ ପ୍ରାୟ ୧୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ ଓ ସର୍ବତ ବଣ୍ଟନ କରାଯାଇଥିଲା। ଯାଜପୁରରୋଡ୍ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଶାନ୍ତି ଶୃଙ୍ଖଳାର ସହ ରଥ ଟଣା କାର୍ଯ୍ୟ ସମ୍ପନ୍ନ ହୋଇଛି। ରଥ ଟଣା ସମୟରେ ରଥ ଦଉଡି ଦୁଇଥର ଛିଡ଼ିବା ସହ ରଥଟଣା ବିଳମ୍ବ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଗନ୍ନାଥ ମନ୍ଦିରର ମୁଖ୍ୟ ବଡ଼ପଣ୍ଡା ପୀତବାସ ପତି ଶର୍ମା, ଗୋପୀନାଥ ପତି, ସରୋଜ କୁମାର ପତି, ଶଙ୍କର୍ଷଣ ପଣ୍ଡା, କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶ କୁମାର ଦାଶ, ସରୋଜ ତ୍ରିପାଠୀ ଓ ପ୍ରଶାନ୍ତ ପଣ୍ଡା ପ୍ରମୁଖ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ଅନନ୍ତ ଦାସ, ରତ୍ନାକର ରାଉତ, ଦନାର୍ଦ୍ଦନ ରାଉତ, ନରେଶ ମସ୍କରା, ନିରଞ୍ଜନ ରାଉତ, ରବୀନ୍ଦ୍ର ରାଉତ, ଅଇଁଠୁ ସ୍ୱାଇଁ, ଅମୂଲ୍ୟ ନାୟକ ଓ କୈଳାସ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ବ୍ୟାସସରୋବର କ୍ଷେତ୍ରରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ନେଉଛନ୍ତି।

## ନଛିପୁରରେ ଗଡ଼ିଲା ରଥ

**ସିଂହପୁର,୨୦।୬(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁର ନିଳାଦ୍ରୀ ବିହାର ପରିସରରେ ରଥଯାତ୍ରା ପାଳିତ ହୋଇଯାଇଛି। ରଥପ୍ରତିଷ୍ଠା, ସୂର୍ଯ୍ୟପୂଜା ପରେ ଦିଅଁ ମାନଙ୍କର ପହଣ୍ଡି ବିଜେ ଓ ରଥାରୂଢ଼ କରାଯାଇଥିଲା। ଶ୍ରୀମନ୍ଦିର ପରିଚାଳନା ସମିତି ସେବାଧକ୍ଷ ଦେବାଶିଷ ଆଚାର୍ଯ୍ୟ ଛେରା ପହଁରା କରିଥିଲେ। ଇନ୍ଦ୍ରମଣି ସ୍ୱାଇଁ, ସନ୍ତୋଷ ସାହୁ, ବନମାଳି ପତି ଧାରାବିବରଣୀ ପ୍ରଦାନ କରିଥିଲେ। ବହୁ ଭକ୍ତଙ୍କ ଉପସ୍ଥିତିରେ ଘୋଷଯାତ୍ରା କରାଯାଇଥିଲା। ଶ୍ରୀମନ୍ଦିର ପରିଚାଳନା ସମିତିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଜେନାପୁର ଅଞ୍ଚଳରେ ରଥଯାତ୍ରା



**ଜେନାପୁର,୨୦।୬(ଅଶୋକ ଦାସ):**

ଜେନାପୁର ଥାନା ଅଧୀନ ବଳରାମପୁରଗଡ଼, ଗଡ଼ମଧୁପୁର, କବାଟବନ୍ଧ, ଚୋଉଷଠିପଡ଼ା ଗଡ଼, ଜେନାପୁର ଓ ଅଞ୍ଜିରା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ରଥରୂଢ଼ କରାଯିବା ପରେ ଛେରା ପହଁରା କରାଯାଇଥିଲା। ଏହାପରେ ୩ ଠାକୁରଙ୍କୁ ରଥରେ ମାଉସୀ ମା'ମନ୍ଦିର ପର୍ଯ୍ୟନ୍ତ ଭକ୍ତମାନେ ଟାଣି ନେଇଥିଲେ। ଭଜନ, କୀର୍ତ୍ତନରେ ପୀଠଗୁଡ଼ିକ ଉତ୍ସବମୁଖର ହୋଇ ଉଠିଥିଲା।

## ପୁରପଲ୍ଲୀରେ ରଥଯାତ୍ରା

**ପାଣିକୋଇଲି,୨୦।୬(ବିକାଶ କୁମାର ମଲ୍ଲିକ):**

ପୁରପଲ୍ଲିରେ ରଥାଯାତ୍ରା ପାଳିତ ହୋଇଯାଇଛି। ଏହିକ୍ରମରେ ପାଣିକୋଇଲି ମହାବୀର କଲୋନୀ, ମଣିପୁର, ସୋତି, ଚାନ୍ଦପୁର, ନୂଆପଦା, ଓଚିନ୍ଦା ଆଦି ଜଗନ୍ନାଥ ମନ୍ଦିରରେ ନେତ୍ର ଉତ୍ସବ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଥିଲା। ରଥ ଦଉଡ଼ି ଧରିବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଶଙ୍ଖ, ହୁଳହୁଳି, ଘଣ୍ଟ ନାଦ ଓ ନାମ ସଙ୍କୀର୍ତ୍ତନରେ ସମସ୍ତେ ପ୍ରଭୁଙ୍କୁ ଟାଣି ନେଇଥିଲେ ମାଉସୀ ମା' ମନ୍ଦିରକୁ। ଶାନ୍ତି ଶୃଙ୍ଖଳାର ସହିତ ରଥଟଣା ସମାପନ ହୋଇଥିଲା।

## ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି

**ଯାଜପୁର ଟାଉନ,୨୦।୬ (ପ୍ରଯକ୍ତା ପ୍ରୟଦର୍ଶନୀ ମହାନ୍ତି):**

ଯାଜପୁର ଦଶାଶ୍ୱମେଧ ଘାଟଠାରେ ଥିବା ଜଗନ୍ନାଥ ମନ୍ଦିରର ରଥଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରଥଯାତ୍ରା ଦିନ ଏଠାରେ ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇଥାନ୍ତି। ପରଦିନ ରଥଯାତ୍ରା କରାଯାଇଥାଏ। ସେହି ଅନୁସାରେ ମଙ୍ଗଳବାର ପ୍ରାତଃ ସମୟରେ ମଙ୍ଗଳାଆଳତି ପରେ ପହଣ୍ଡି କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା। ବୁଧବାର ରଥଯାତ୍ରା କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମାଉସୀ ମା' ମନ୍ଦିର ନିଆଯିବ। ଏହି ଅବସରରେ ଜଗନ୍ନାଥ ବଡ଼ଦାଣ୍ଡରେ ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ବାର୍ଷିକୋତ୍ସବ ପାଳନ କରାଯିବା ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଛି। ଚେତନା ପରିଷଦ ସଭାପତି ସନ୍ତୋଷ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଉଦ୍‌ଘାଟକଭାବେ ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ, ମୁଖ୍ୟ ଅତିଥି ଉପଜିଲାପାଳ ଗୋପିନାଥ କୁଅଁର,

### ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ବାର୍ଷିକୋତ୍ସବ

ସମ୍ମାନିତ ଅତିଥି ପୌରାଧକ୍ଷ ରଞ୍ଜୁଲତା ହୋତା, ଗଣମାଧ୍ୟମ ପ୍ରତିନିଧି ସମରଜିତ ମହାନ୍ତି, କାଉନସିଲର ସରିତା ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଜଗନ୍ନାଥ ପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଜଗନ୍ନାଥ ସେବା କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଦିନ ଫୁଲ ଓ ତୁଳସୀ ପ୍ରଦାନ କରୁଥିବା ସତ୍ୟଭାମା ସାହୁ, ମନ୍ଦିରରେ ପ୍ରତ୍ୟେକ ଦିନ ଭାଗବତ ପଠନ କରୁଥିବା ବବିତା ବିଶ୍ୱାଳ, ଜଗନ୍ନାଥଙ୍କ ରଙ୍ଗ ଶିଳ୍ପୀ ସୁବାସ ଦାଶ, ସ୍ୱାସ୍ଥ୍ୟସେବା ଯୋଗାଉଥିବା ସ୍ୱାସ୍ଥ୍ୟକର୍ମୀ ହୃଷୀକେଶ ସାହୁ, ଗୀତାଜାଗରଣ ପରିଷଦର ଅଧକ୍ଷା ପ୍ରତୀମା କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଚେତନା ପରିଷଦ ସମ୍ପାଦକ ଆଲୋକ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ସ୍ମୃତିରଞ୍ଜନ ମହାନ୍ତି ସଭା ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ସରୋଜ କୁମାର ଜେନା, ଜନାର୍ଦ୍ଦନ ମହାନ୍ତି, ଶୁଭେନ୍ଦୁ ସାମନ୍ତ, ଆଲୋକ ଜେନା ଓ ବଳରାମ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଅନୁଷ୍ଠିତ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ୨୩ରୁ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଗଣଧାରଣା

ଫୁଲବାଣୀ, ୨୦।୬(ରାକେଶ ରାଉତ) ରାଜ୍ୟ ଆଉଟ୍‌ସୋର୍ସିଂ କର୍ମଚାରୀ ଦୀର୍ଘ ଦିନ ଧରି ଆନ୍ଦୋଳନ ଚଳାଇଛନ୍ତି। ଚାକିରିର ସ୍ଥାୟିତ୍ୱ ଓ ଅନ୍ୟାନ୍ୟ ଦାବିରେ ସଙ୍ଘ ଆନ୍ଦୋଳନ କରୁଛି। ହେଲେ ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ସଙ୍ଘ କର୍ମକର୍ତ୍ତାଙ୍କ ସହ ସରକାରଙ୍କ ଆଲୋଚନା ସତ୍ତ୍ୱେ କୌଣସି ସମାଧାନର ବାଟ ବାହାରିପାରି ନାହିଁ। ଏ ନେଇ ସରକାରୀ ବିଭାଗରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦୀର୍ଘ ବର୍ଷ ହେଲା ଏମାନେ ସରକାରଙ୍କ ବିଭିନ୍ନ ବିଭାଗରେ ଦାୟିତ୍ୱ ସମ୍ପନ୍ନ କରୁଥିଲେ ବି ସମସ୍ତ ପ୍ରକାର ସରକାରୀ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ତେଣୁ ସଙ୍ଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କନ୍ଧମାଳ ଜିଲା ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ସ୍ଥିର କରାଯାଇଛି। ଏହା ସତ୍ତ୍ୱେ ସରକାର ଯଦି ସଙ୍ଘର ଦାବି ନ ମାନନ୍ତି, ତେବେ ଆସନ୍ତା ୩୦ ତାରିଖରୁ ରାଜ୍ୟ ସଙ୍ଘର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବା ସହ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଙ୍ଘର ଜିଲା ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ମାର୍ଥା ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

### ସୁରଙ୍ଗୀ ରଥଯାତ୍ରା ଆଜି

ବ୍ରହ୍ମପୁର,୨୦।୬(ତନୁଶ୍ରୀ ନାହାକ): ଆନ୍ଧ୍ର ସୀମାନ୍ତରେ ଥିବା ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ସୁରଙ୍ଗୀରେ ଶ୍ରୀଗୁଣ୍ଡିଚା ପରଦିନ ରଥଯାତ୍ରା ହେଉଛି। ଏଠାରେ କେଉଁ ଆବାହମାନ କାଳରୁ ଏହି ପରମ୍ପରା ରହିଆସିଛି। ଏହି କ୍ରମରେ ବୁଧବାର ଏଠାରେ ରଥଯାତ୍ରା ଅନୁଷ୍ଠିତ ହେବ। ଅଞ୍ଚଳବାସୀଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ପ୍ରକାରେ, ନିକଟସ୍ଥ ପାତ୍ରପୁରରେ ରଥଯାତ୍ରା ଯୋଗୁଁ ଉପାନ୍ତ ଅଞ୍ଚଳର ଶ୍ରଦ୍ଧାଳୁମାନେ ସେଠାକୁ ଯାଇଥାନ୍ତି। ଅନ୍ୟପକ୍ଷରେ ସୁରଙ୍ଗୀ ଗଡ଼ରେ ଗଡ଼ଜାତ ଅଞ୍ଚଳ ବଡ଼ରାଜା ଏବଂ ମୂର୍ତ୍ତି ମଧ ବଡ଼। ତେଣୁ ଅତୀତର ଗଡ଼ଜାତ ଜମିଦାର ବା ରାଜା ଦିନକ ପରେ ଯାତ୍ରା କରିବାର ପରମ୍ପରା ସୃଷ୍ଟି କରିଥିଲେ। ଉପାନ୍ତ ଅଞ୍ଚଳର ଶ୍ରଦ୍ଧାଳୁ ମାନେ ସୁରଙ୍ଗୀ ଯାଇ ସେଠାରେ ଗ୍ରାମବାସୀଙ୍କ ସହ ରଥ ଟାଣିଥାନ୍ତି। ସେହିପରି ଜରଡ଼ାର ସାରଥୀ ଗୋସାଇଁଙ୍କ ଯାତ୍ରା ମଧ ଆଜି ସୁଦ୍ଧା ଶେଷ ହୋଇଥାଏ। କିମ୍ବଦନ୍ତୀ ପ୍ରକାରେ ପୁରୀ ଶ୍ରୀକ୍ଷେତ୍ର ଯାତ୍ରରେ ନନ୍ଦିଘୋଷ ରଥର ସାରଥୀ ହୋଇଥାନ୍ତି ଜରଡ଼ାର ସାରଥୀ ଗୋସାଇଁ। ତେଣୁ ପୁରୀର ରଥଟଣା ନିମନ୍ତେ ସାରଥୀ ପୂର୍ବରୁ ଶ୍ରୀକ୍ଷେତ୍ର ଯାଇଥାନ୍ତି ସେଠାରୁ ଫେରିବା ପରେ ସୁରଙ୍ଗୀ ଠାରେ ଯାତ୍ରା ଅନୁଷ୍ଠିତ ହୋଇଥାଏ।

### ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ,୨୦।୬(ଦ୍ୱିତୀକୃଷ୍ଣ ପଣ୍ଡା) ହିଞ୍ଜିଳିକାଟୁ ଥାନା ସାହିରେ ମଙ୍ଗଳବାର ଶର୍ଟ ସର୍କିଟ ଯୋଗୁ ମାଣିକ ଲତା ସାହୁ (୪୦)ଙ୍କ ମୃତ୍ୟୁ ଘଟିଛି। ସେ ଘରେ ଖାଇବା ପାଇଁ ବସିଥିଲେ। ପାଖରେ ଲାଗିଥିବା ଟେବୁଲ ଫ୍ୟାନରେ ସର୍ଟଶର୍କିଟ ହେବାରୁ ମାଣିକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବେହୋସ ହୋଇଯାଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଏମ୍‌କେସିଜିରେ ଲିଫ୍ଟ ଅଚଳ, ରୋଗୀ ହନ୍ତସନ୍ତ

ବ୍ରହ୍ମପୁର,୨୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡ଼ିକାଲର ଲିଫ୍ଟ ଅଚଳ ପଡ଼ିଛି। ଯାହାଫଳରେ ଡ଼ାକ୍ତର, କର୍ମଚାରୀ, ରୋଗୀ ଓ ତାଙ୍କ ସମ୍ପର୍କୀୟ ଅଧିକାଂଶ ସମୟରେ ମେଡ଼ିକାଲରେ ଥିବା ଲିଫ୍ଟରେ ଫସିରହୁଥିବା ନଜିର ରହିଛି। ଗତ କିଛିଦିନ ହେଲା ନିୟମିତ ବ୍ୟବଧାନରେ ସ୍ତ୍ରୀ ରୋଗ ଓ ପ୍ରସୂତି, ଅସ୍ଥିଶଲ୍ୟ, ଭେଷଜ ବିଭାଗକୁ ଯାଉଥିବା ରୋଗୀଙ୍କ ସମ୍ପର୍କୀୟମାନେ ବହୁ ସମୟ ଧରି ଲିଫ୍ଟରେ ଅଟକି ରହୁଥିବା ଦେଖାଯାଉଛି। ପରେ ତାଙ୍କୁ ଉକ୍ତ ଲିଫ୍ଟରୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ମେଡ଼ିକାଲ ପକ୍ଷରୁ କୁହାଯାଇଛି।



ଅଚଳ ଲିଫ୍ଟ।

ମେଡ଼ିକାଲକୁ ଆସୁଥିବା ରୋଗୀଙ୍କ ସୁବିଧା ନିମନ୍ତେ ବିଭିନ୍ନ କୋଠାରେ ଏକାଧିକ ଲିଫ୍ଟ ସ୍ଥାପନ ହୋଇଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରତ୍ୟେକ ଦିନ ଲିଫ୍ଟରେ ହଜାର ହଜାର ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସମେତ କର୍ମଚାରୀ ଯା' ଆସ କରନ୍ତି। କିନ୍ତୁ ଯେଉଁ ଉଦ୍ଦେଶ୍ୟରେ ଏହାକୁ ସ୍ଥାପନ କରାଯାଇଛି ତାହା ଏବେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଓ କର୍ମଚାରୀଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରୁଛି। ଉକ୍ତ ଲିଫ୍ଟ ବ୍ୟବହାର ସମୟରେ ତାହା ବିଭିନ୍ନ ସମୟରେ ଅଚଳ ହୋଇପଡୁଥିବା ଅଭିଯୋଗ ହୋଇଛି। ଏଭଳି ବାରମ୍ବାର ଅଭିଯୋଗ ପରେ ମଧ ମେଡିକାଲ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରିବା ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଏହାକୁ ସରକାରୀ ବିଦ୍ୟୁତ ବିଭାଗ(ଜିଇଡ଼ି) ବିଭାଗ ମରାମତି କାର୍ଯ୍ୟ ଦାୟିତ୍ୱ ନେଇଛି। ହେଲେ ମରାମତି ନିମନ୍ତେ ସହରରେ ଠିକ ମେକାନିକ୍ ମିଳୁନାହାନ୍ତି। ଲିଫ୍ଟ ଖରାପ ଯୋଗୁ ଶହ ଶହ ରୋଗୀ ଓ ତାଙ୍କ ସମ୍ପର୍କୀୟ ବିଭିନ୍ନ ମହଲାକୁ ସିଡିରେ ଯିବା ପାଇଁ ବାଧ ହୋଇଥାନ୍ତି। ବ୍ରହ୍ମପୁର ବଡ ମେଡିକାଲରେ ଏଭଳି ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏମାନଙ୍କ ନିମନ୍ତେ କାହାର ଦରଦ ନ ଥିବା ମନେ ହେଉଛି। କେବଳ ଚିଠି ଲେଖି ଦେଇ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ସାରି ଦେଉଛନ୍ତି। ଏହା ସହ ଅନ୍ୟ ବିଭାଗ ଉପରେ ଦୋଷ ଲଦି ଦେଇ ନିଜେ ନୀରବ ରହିଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏଥିରେ ବିଳମ୍ବ ନକରି ତୁରନ୍ତ ଏହା ଉପରେ ପଦେକ୍ଷପ ନେଇ ଏହାର ସମାଧାନ କରିବା ନିମନ୍ତେ ଦାବି ହୋଇଛି।

### ବନ କର୍ମଚାରୀଙ୍କୁ ବନ୍ଧୁକଚାଳନା କ୍ଷମତା ଦିଆଯାଉ

# ହାତୀ ସୁରକ୍ଷାରୁ ଦୂରେଇ ରହିଲେ କର୍ମଚାରୀ

ଭଞ୍ଜନଗର,୨୦।୬ (ବାବୁଲା ପ୍ରଧାନ)

ଶିମିଳିପାଳ ଅଭୟାରଣ୍ୟରେ ୨ ଜଣ ବନ କର୍ମଚାରୀଙ୍କୁ ଶିକାରୀମାନେ ହତ୍ୟା କରିବା ପରେ ବନ କର୍ମଚାରୀମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ଏଭଳି ପରିସ୍ଥିତିରେ ସୋମବାର ରାତି ୮ଟାରେ ଓଡ଼ିଶା ଅଣଗେଜେଟେଡ୍ ବନ ସେବା ସଂଘ ଭଞ୍ଜନଗର ଶାଖା ପକ୍ଷରୁ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ସଂଘର ୫ ଦଫା ଦାବିକୁ ତୁରନ୍ତ ପୂରଣ କରାଯାଉ। ନଚେତ୍ କର୍ମଚାରୀମାନେ ଆସନ୍ତା ଜୁଲାଇ ୧୦ ତାରିଖରୁ ସମୂହ ଛୁଟିରେ ଯିବେ। ଏଥିସହ ସୋମବାରଠାରୁ ଉତ୍ତର ଘୁମୁସର ବନଖଣ୍ଡରେ କାର୍ଯ୍ୟରତ କର୍ମଚାରୀମାନେ ହାତୀ ସମେତ ବନ୍ୟପ୍ରାଣୀ ସୁରକ୍ଷା ଦାୟିତ୍ୱରୁ ଦୂରେଇ ରହିଛନ୍ତି। ଏହାଦ୍ୱାରା ବନ୍ୟପ୍ରାଣୀ ବିପଦରେ ପଡ଼ିବା ସମ୍ଭାବନା ରହିଛି। ତେଣୁ ସରକାର ତୁରନ୍ତ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ୨୦୦୮ରେ ସରକାର ଘୋଷଣା କରିଥିବା ୫୦ ସ୍ୱତନ୍ତ୍ର ଷ୍ଟ୍ରାଇକିଂ ଫୋର୍ସ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। କର୍ମଚାରୀମାନଙ୍କୁ ବନ୍ଧୁକ ପ୍ରଦାନ ସହ ଚାଳନା କ୍ଷମତା ଦିଆଯାଉ। ହାତୀ ମୃତ୍ୟୁବରଣ କଲେ ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଡିଏଫ୍‌ଓ ଏବଂ ଆର୍‌ସିସିଏଫ୍‌ଙ୍କୁ ମଧ ଏନେଇ ଉତ୍ତରଦାୟୀ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଗୁଇନ୍ଦା ଖବର ଯୋଗାଇବା ପାଇଁ ପ୍ରତ୍ୟେକ ରେଞ୍ଜରେ ଦୁଇଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉ।

# ଜେଇଇ ଆଡ୍‌ଭାନ୍ସଡ୍‌ରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା

ବ୍ରହ୍ମପୁର,୨୦।୬(ସ୍ମୃତି ରଞ୍ଜନ ମହାଲିକ)

ଜେଇଇ ଆଡ୍‌ଭାନ୍ସଡ୍ ୨୦୨୩ ଫଳ ରବିବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ସଫଳତା ହାସଲ କରିଛି। ଅନୁଷ୍ଠାନର ୭୦ ଛାତ୍ରୀଛାତ୍ର ଜେଇଇ (ମେନ) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ତନ୍ମଧ୍ୟରୁ ୧୦ ଜଣ ମେଧା ଛାତ୍ରୀଛାତ୍ରଙ୍କ ଦୀର୍ଘ ୧ ମାସ ପର୍ଯ୍ୟନ୍ତ ଅଭିଜ୍ଞ ପ୍ରାଧ୍ୟାପକଙ୍କ ଦ୍ୱାରା ଅନବରତ ଶିକ୍ଷାଦାନ କରାଯାଉଥିଲା। ସେଥିମଧ୍ୟରୁ ସର୍ବ ଭାରତୀୟସ୍ତର ସାଧାରଣ ବର୍ଗରେ ସୌମିକ କୁମାର ସାହୁ ୬୦୪୯ ର୍‍ୟାଙ୍କ୍, ଓମ୍ ସ୍ୱସ୍ତିକ ପଣ୍ଡା ୬୪୬୨ ର୍‍ୟାଙ୍କ୍, ରୁଦ୍ର ନାରାୟଣ ପ୍ରଧାନ ୧୦୧୬୮ ର୍‍ୟାଙ୍କ୍, ରୁଦ୍ର ପ୍ରସାଦ ରଥ ୧୩୦୫୨ ର୍‍ୟାଙ୍କ୍, ଯଜ୍ଞସାଇ ସାହୁ ୧୪୪୩୭ ର୍‍ୟାଙ୍କ୍, ଉନ୍ମେଷ ଗୌତିମା ବେହେରା ୧୩୨୭ ର୍‍ୟାଙ୍କ ଓ ଦେବେନ କୁମାର ସାହୁ ୨୫୯୫୭ ର୍‍ୟାଙ୍କ ରଖି ଆଇଆଇଟି (ଆଡଭାନ୍ସଡ) ପରୀକ୍ଷାରେ କୃତିତ୍ୱର ସହ କୃତକାର୍ଯ୍ୟ ହୋଇଛନ୍ତି।



ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର।

ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର କୋଚିଂ ବିଭାଗର ଅଭିଜ୍ଞ ଶିକ୍ଷକଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଇଛି। ଶିକ୍ଷାନୁଷ୍ଠାନର ପ୍ରାଧ୍ୟାପକ ଗଙ୍ଗାଧର ପରିଡ଼ା, ଆଲୋକ ବଳ, ଅନିଲ ବିଶ୍ୱାଳ, ସୁନିଲ କୁମାର, ନାଗେଶ ବାବୁ, ସରୋଜ କୁମାର, କଲ୍ୟାଣ ଚକ୍ରବର୍ତ୍ତୀ, ରାଜେନ୍ଦ୍ର କୁମାର ନାୟକ, କ୍ରିଷ୍ଣା ଗୋଲାପଲୀ ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଏହି ସଫଳତା ପ୍ରାପ୍ତ ହୋଇଛି। ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ, ଉପସଭାପତି ରବିନ୍ଦ୍ରନାଥ ଜେନା, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ବାସନ୍ତୀ ବେହେରା, ଉପଦେଷ୍ଟା ମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଅଧକ୍ଷ ଏସ ମୋହନ ରାଓ, ପ୍ରାଧାନାଚାର୍ଯ୍ୟ ସୁରେଶ ଆଚାର୍ଯ୍ୟ, କୋଚିଂ ବିଭାଗୀୟ ମୁଖ୍ୟ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଓ କୋଚିଂ ଡିଭିଜନର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ପାଉଁରୁଟି ଫ୍ୟାକ୍ଟ୍ରିରେ ନକଲି ମଦ ପ୍ରସ୍ତୁତ ଘଟଣା

## ଅଭିଯୁକ୍ତ ୨ ଭାଇ କୋର୍ଟ ଚାଲାଣ

ବ୍ରହ୍ମପୁର,୨୦।୬(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅନ୍ତର୍ଗତ ଓମ ବିହାରରେ ଏକ ପାଉଁରୁଟି ଫ୍ୟାକ୍ଟ୍ରିରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିଲା। ପୋଲିସର ଏକ ଟିମ ସେଠାରେ ଚଢାଉ କରି ବହୁ ପରିମାଣର ନକଲି ବିଦେଶୀ ମଦ ଜବତ କରିଥିଲା। ଉକ୍ତ ଫ୍ୟାକ୍ଟ୍ରିରୁ ବୁଗୁଡା ଗାନ୍ଧୀ ଗ୍ରାମର ମୂଳ ନିବାସୀ ତାରିଣୀ ଜେନା ଓ ତାଙ୍କ ଭାଇ ପ୍ରଶାନ୍ତ ଜେନା ଓରଫ ମିଟୁଙ୍କୁ ପୋଲିସ ଗିରଫ କରିଥିଲା। ସେମାନେ ବଡବଜାର ଥାନା ଅନ୍ତର୍ଗତ କାଳୁପାତ୍ର ସାହିରେ ରହି ନକଲି ବିଦେଶୀ ମଦ କାରବାର ଚଳାଉଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ଅଧିକ ଅର୍ଥ ଲୋଭରେ ସେମାନେ ନିଜ ପାଉଁରୁଟି ଫ୍ୟାକ୍ଟ୍ରିରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରୁଥିଲେ। ଅଭିଯୁକ୍ତଦ୍ୱୟ ଏଥିପାଇଁ କଲିକତାରୁ ସ୍ପିରିଟ ଓ ଅନ୍ୟାନ୍ୟ କଞ୍ଚାମାଲ ଆଣୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ମଙ୍ଗଳବାର ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ଆବଶ୍ୟକ ପଡ଼ିଲେ ଉଭୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସଡ଼ିପିଓ ପଣ୍ଡା ସୂଚନା ଦେଇଛନ୍ତି। ବ୍ରହ୍ମପୁର ଏସପି ଡା. ସର୍ବଣ ବିବେକ ଏମ .ଙ୍କ ନିର୍ଦ୍ଦେଶ ଅନୁଯାୟୀ ବଡବଜାର ପୋଲିସ ଓମ ବିହାରରେ ଚଢଉ କରି ଏକ ପାଉଁରୁଟି ଫ୍ୟାକ୍ଟ୍ରିରୁ ୮ କାର୍ଟୁନ ନକଲି ବିଦେଶୀ ମଦ ଓ ବିଭିନ୍ନ କଞ୍ଚାମାଲ ଜବତ ହୋଇଥିଲା। ଦୁଇ ଭାଇ ନକଲି ମଦ ପ୍ରସ୍ତୁତ କରି ବ୍ରହ୍ମପୁର ଓ ଗଞ୍ଜାମ ଓ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। ପୋଲିସ ଉକ୍ତ ଫ୍ୟାକ୍ଟ୍ରିକୁ ଏବେ ସିଲ କରି ସେ ଦିଗରେ ଅଧିକ ତଦନ୍ତ ଜାରି ରଖିଥିବା କହିଛି।

# ମରାମତି କାର୍ଯ୍ୟ କଲା ଟିପିଏସ୍‌ଓଡିଏଲ



ବ୍ରହ୍ମପୁର,୨୦।୬(ସ୍ମୃତି ରଞ୍ଜନ ମହାଲିକ)

ଟାଟା ପାୱାର ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ କାଳବୈଶାଖୀ ପରେ ବିଭିନ୍ନ ସ୍ଥାନୀ ପୁନଃ ସ୍ଥାପନ ଓ ମରାମତି କାର୍ଯ୍ୟ ହାତକୁ ନିଆଯାଇଛି। ଟିପିଏସଓଡିଏଲ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ସବୁ ସମୟରେ କର୍ମଚାରୀ ନିୟୋଜିତ କରାଯିବା ସହିତ ତୁରନ୍ତ ବିଜୁଳି ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି। ମାର୍ଚ୍ଚ ମାସ ପରେ କାଳବୈଶାଖୀ ପ୍ରଭାବିତ ଅଞ୍ଚଳରେ ସଫଳତାର ସହ ୧୦୧୭ ବିଦ୍ୟୁତ ଖୁଣ୍ଟର ପୁନରୁଦ୍ଧାର କରାଯାଇଥିବା ବେଳେ ୫୯ଟି ବଣ୍ଟନ ଟ୍ରାନ୍ସଫର୍ମରକୁ ବଦଳାଇ ଦିଆଯାଇଛି। ଟିପିଏସଓଡିଏଲ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୪୪୨୦ କର୍ମଚାରୀଙ୍କ ଯଥାର୍ଥ ଉଦ୍ୟମ ଫଳରେ କ୍ଷତିଗ୍ରସ୍ତ ହୋଇଥିବା ୨୮.୫୫ ସର୍କିଟ କିମି ଏଲ ଟି କେବୁଲ ଓ କ୍ଷତିଗ୍ରସ୍ତ ୩୫.୩୫ କିଲୋମିଟର କଣ୍ଡକଣ୍ଟରକୁ ବଦଳାଯାଇଛି। ଟିପିଏସଓଡିଏଲ ସିଇଓ ଅମିତ ଗର୍ଗ କହିଛନ୍ତି, ନିରବଚ୍ଛିନ୍ନ, ସର୍ବୋତ୍ତମ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ଶୀଘ୍ର ସ୍ୱାଭାବିକ କରିବା ପାଇଁ ଆମ୍ଭେ ପ୍ରତିଶ୍ରୁତିବଦ୍ଧ।

# ୩୭ ୟୁନିଟ ରକ୍ତ ସଂଗୃହୀତ




ବ୍ରହ୍ମପୁର,୨୦।୬(ତନୁଶ୍ରୀ ନାହାକ):

ବ୍ରହ୍ମପୁର ଏନ୍‌ସିସି ଗ୍ରୁପ୍ ହେଡ଼କ୍ୱାଟର ଏବଂ ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟର ସହଭାଗିତାରେ ଧର୍ମନଗରସ୍ଥିତ ରୋଟାରୀ କମ୍ୟୁନିଟି ହଲ୍‌ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସଭାପତି ସୁମିତ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏନସିସି ଗ୍ରୁପ ହେଡ଼ କ୍ୱାଟରର ମୁଖ୍ୟ ଡ଼.ମେଜର ସୌରଭ ତିୱାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମେଜର ଆର୍.ଏନ୍.ସୁବୁଦ୍ଧି ଏବଂ ବ୍ରହ୍ମପୁର ରକ୍ତ ଦାନ ରକ୍ତ ବ୍ୟାଙ୍କ୍ ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରଶ୍ମିତା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ସମ୍ପାଦକ ଜଗଜୀବନ ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଜେକ୍ଟ ଡାଇରେକ୍ଟର ଅଜିତ କୁମାର ପୃଷ୍ଟି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। କ୍ଲବର ପବ୍ଲିକ୍ ଇମେଜ୍ ଚେୟାରମ୍ୟାନ୍ କାମରାଜୁ ମହାରଣାଙ୍କ ସମେତ ପୂର୍ବତନ ସଭାପତି ବୃନ୍ଦ ଗଦାଧର ରାଉଳ, ଅରୁଣ ଚାନ୍ଦ ଦାଶ, ପ୍ରଦୀପ କୁମାର ପଣ୍ଡା,କୁଶ ପାତ୍ର, ସୁଧାଂଶୁ ଶେଖର ଖଡଗ ରାୟ , ଲିଙ୍ଗରାଜ ସ୍ୱାଇଁ, ଜୟନ୍ତ କିଶୋର ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏ ପର୍ଯ୍ୟନ୍ତ ୧୦୮ ଥର ରକ୍ତ ଦାନ କରିଥିବା ଆସିକାର ଲକ୍ଷ୍ମୀ ନାରାୟଣ ପାତ୍ରଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମନ୍ଦିର ଜମି ଜବରଦଖଲ ଅଭିଯୋଗ

ଭଞ୍ଜନଗର,୨୦।୬(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଅଭିଯୋଗ ଶୁଣାଣିରେ ଯୋଗଦେଇ ମିଳିତ ଭାବେ ୧୨୬ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ୧୦୩ଟି ଥିବାବେଳେ, ଗ୍ରାମୀଣ ଅଭିଯୋଗ ୨୩ଟି ଥିଲା। ଜିଲାପାଳ ୮ଟି ଅଭିଯୋଗର ଫଇସଲା କରିଥିଲେ। ଏଥିସହ ୪ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ସହାୟତା ପାଣ୍ଠିରୁ ୫୦୦୦ ଟଙ୍କା ହିସାବରେ ଦୁଇ ଜଣଙ୍କୁ ୧୦ ହଜାର ଟଙ୍କା ଏବଂ ଆଉ ତିନି ଜଣଙ୍କୁ ୩୦୦୦ ଟଙ୍କା ହିସାବରେ ୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଅପରପକ୍ଷେ ନେଟେଙ୍ଗା ରଘୁନାଥ ସ୍ୱାମୀଙ୍କ ମନ୍ଦିର ନାମରେ ବାଉଁଶଲୁଣ୍ଡିରେ ଥିବା କିଛି ମୂଲ୍ୟବାନ ଜମିକୁ କେତେକ ବ୍ୟବସାୟୀ ଜବରଦଖଲ କରି ରାସ୍ତା ତିଆରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଥିସହ କିଛି ଜମିକୁ ବେନିୟମ ଭାବେ ଅନ୍ୟ ନାମରେ କରିଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗ ଶୁଣାଣିରେ ଗଞ୍ଜାମ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଭି କୀର୍ତ୍ତିଭାସନ, ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଭଞ୍ଜନଗର ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଭଞ୍ଜନଗର ସହାୟକ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଜାନୀ, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଫେରାର ଅଭିଯୁକ୍ତ ଗିରଫ

ଆସିକା,୨୦।୬(ସୁରେନ୍ଦ୍ରନାଥ ସାହୁ)

ଗାଙ୍ଗପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଫୌଜଦାରୀ ମାମଲାରେ ସଂପୃକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଦ୍ମପଲ୍ଲୀ ଗ୍ରାମର ଭଗବାନ ମଲିକ ଓ କାଳକୁ ଗ୍ରାମର କୈଳାସ ସ୍ୱାଇଁ । ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବାବା ସୋମନାଥ ମନ୍ଦିରରେ ରତ୍ନମୁଦ ପଡ଼ିଲା

ଖଜୁରୀପଡ଼ା,୨୦।୬(ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ ଦୂତିମେଣ୍ଡି ସମ୍ପେପଦର ଗ୍ରାମରେ ପୂଜା ପାଉଥିବା ବାବା ସୋମନାଥ ମନ୍ଦିରରେ ରତ୍ନମୁଦ ପଡ଼ିବା ପାଇଁ ଦୁଇ ଦିନ ଧରି ଉତ୍ସବ ଆୟୋଜନ କରାଯାଇଥିଲା। ରବିବାର ଓ ସୋମବାର ଏହି ରତ୍ନମୁଦ ଉତ୍ସବ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଦୂତିମେଣ୍ଡି ଓ ସମ୍ପେପଦର ଅଞ୍ଚଳର ବହୁ ମହିଳା ଓ ପୁରୁଷ କଳସ ଯାତ୍ରାରେ ଉତ୍ସବରେ ସାମିଲ ହୋଇଥିଲେ। ସମ୍ପେପଦର୍ ଡ୍ୟାମ ଠାରୁ ରୀତି ନୀତି ଅନୁଯାୟୀ ପୂଜା ପାଠ କରି ସେଠାରୁ କଳସରେ ପାଣି ଆଣି ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରାରେ ଆସିଥିଲେ। ପୂଜକଙ୍କ ସହ ପୂଜା କମିଟି ସଦସ୍ୟ ଓ ବହୁ ଭକ୍ତ ମିଶି ସାହାଡ଼ା ଗଛର ଅନୁସନ୍ଧାନରେ ପ୍ରାୟ ପାଞ୍ଚ କିଲୋମିଟର ଦୂର ଦେହେଙ୍ଗି ଗ୍ରାମକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା କରି ସାହାଡ଼ା ଗଛକୁ ନୂଆଁ ଟାଙ୍ଗିଆରେ କାଟି ବହୁ ଆଡ଼ମ୍ବରରେ ମନ୍ଦିରକୁ ଯାତ୍ରା କରିଥିଲେ। ସେହିପରି ସୋମବାର ହୋମଯଜ୍ଞ, ନାମଯଜ୍ଞ, ଅନ୍ନ ଯଜ୍ଞ ଆୟୋଜିତ ହୋଇଥିଲା। ମନ୍ଦିର ସଭାପତି ଭାଗିରଥି କହଁର, ସମ୍ପାଦକ ସୂର୍ଯ୍ୟ ନାରାୟଣ ମଲ୍ଲିକ, ସହ ସମ୍ପାଦକ ଅରୁଣ ମଲ୍ଲିକ, କୋଷାଧ୍ୟକ୍ଷ ବିଦେଶୀ ସେଠୀ, ଦେବରାଜ ମୁଖି, ବିରଞ୍ଚି ମୁଖୀ, ପ୍ରଦୀପ କୁମାର ସେଠୀ, ସମୀର ପ୍ରସାଦ ଝଙ୍କାର, ଆସ୍ତିକ ମଲ୍ଲିକ, ମନୋଜ ସେଠୀ ପ୍ରମୁଖ ଦାୟିତ୍ୱ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମନାଭ ବେହେରା, ବିଧାୟକ ଅଙ୍ଗଦ କହଁର, ବିଜେଡି ବ୍ଲକ ସଭାପତି ପଙ୍କଜ ମଲ୍ଲିକ, ସମିତି ସଭ୍ୟା ଉଷାବତି ଗଣ୍ଡା, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ଖଜୁରୀପଡ଼ା ସମିତି ଅଧକ୍ଷା ଅନିମା କହଁର, ଇଷ୍ଟ ଦେବୀ ଯୁବ କଳା ପରିଷଦ ସାଧାରଣ ସମ୍ପାଦକ ବିଦୁର ବେହେରା, ମାରୁତି ସେନା ଜିଲା ସଂଯୋଜକ ଇନ୍ଦ୍ରମଣି କହଁର, ଆର୍. ନୂଆଗାଁ ସରପଞ୍ଚ ସ୍ୱର୍ଣ୍ଣଲତା କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଚଞ୍ଚକତା ଅଭିଯୋଗ

ଦାରିଙ୍ଗବାଡ଼ି,୨୦।୬(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନ୍‌ବାଡି ଓ ଗ୍ରୀନ୍‌ବାଡିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଚଞ୍ଚକତା କରାଯାଉଥିବା ସିମନ୍‌ବାଡି ପଞ୍ଚାୟତର ଗାଁ ସାଥି ଉମାକାନ୍ତ ଦିଗାଲ ଏବଂ ୱାର୍ଡ ସଭ୍ୟ ଅମରେଶ ପ୍ରଧାନ ଅଭିଯୋଗ କରିଛନ୍ତି। ଏହି ଦୁଇ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇ-ଜିଏସ୍‌ରେ କାର୍ଯ୍ୟ କରାନଯାଇ ବିଲ୍ ଉଠାଯାଇଛି। ଉମାକାନ୍ତଙ୍କ ଅଭିଯୋଗ କ୍ରମେ ଏକ ଚାଷ ଜମି ଉନ୍ନୟନ ପାଇଁ ୨୦୨୨/୨୩ ଆର୍ଥିକ ବର୍ଷରେ ଅନୁଦାନ ୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯିବାକୁ ଅଟକଳ ରହିଥିବା ବେଳେ କାମ କରା ନ ଯାଇ ମୋଟ ୧ ଲକ୍ଷ ୪୩ହଜାର ୪୪୫ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ଜବକାର୍ଡ ଧାରୀଙ୍କ ନିକଟକୁ ପଠାଯାଇଛି। ଏତେ ଟଙ୍କା ବିଲ୍ ହୋଇଥିଲେ କାର୍ଯ୍ୟ କରାଯିବାକୁ ଥିବା ସ୍ଥାନରେ କୌଣସି ନାମ ଫଳକ ନ ଥିବା ବେଳେ କାର୍ଯ୍ୟ ମଧ ହୋଇନାହିଁ। ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେହିପରି ବୁଢ଼ାଗୁଡ଼ା ଛକଠାରୁ ବ୍ରାହପାଙ୍ଗକୁ ରାସ୍ତା ସମ୍ପ୍ରସାରଣ ପାଇଁ ୨୦୨୧/୨୨ରେ ୮ ଲକ୍ଷ ଟଙ୍କା ଅନୁଦାନ ରହିଥିବା ବେଳେ ସେଥିରୁ ରାସ୍ତା କାର୍ଯ୍ୟରେ ମୋଟ ୩ ଲକ୍ଷ ୨୮ ହଜାର ୫୧୧ ଟଙ୍କା ବିଲ୍ କରାଯାଇ ଶ୍ରମିକମାନଙ୍କୁ ତାଙ୍କ ପ୍ରାପ୍ୟ ଦିଆଯାଇଥିଲା। ପରବର୍ତ୍ତ ସମୟରେ ଉକ୍ତ କାର୍ଯ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ବନ୍ଦ କରାଯାଇଥିବା ସମ୍ପୃକ୍ତ ଜିଆର୍‌ଏସ୍ ବିଜୟ କୁମାର ସାହୁ କହିଥିଲେ। କିନ୍ତୁ ପୂର୍ବରୁ କାମ କରିଥିବା ଶ୍ରମିକମାନେ ସେମାନଙ୍କର ସମ୍ପୂର୍ଣ୍ଣ ପ୍ରାପ୍ୟ ପାଇନଥିଲେ। କିନ୍ତୁ କିଛି ଦିନ ପରେ ପୁଣି ବନ୍ଦ କରାଯାଇଥିବା କାର୍ଯ୍ୟରେ ୩୭ହଜାର ୪୬୪ଟଙ୍କା କାମ କରି ନ ଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଯାଇଥିବା ଅମରେଶ ଅଭିଯୋଗ କରିଛନ୍ତି। ଅଭିଯୋଗର ସପ୍ତାହ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେମାନେ କହିଛନ୍ତି।



ଗ୍ରୀନବାଡ଼ି ପଞ୍ଚାୟତ ସିକପାଟା ରାସ୍ତାର ନିମ୍ନମାନ କାର୍ଯ୍ୟର ଯାଞ୍ଚ କରାଯାଉଛି।

ସେହିପରି ଗ୍ରୀନ୍‌ବାଡି ପଞ୍ଚାୟତର ସିକପାଟାଠାରୁ ଲାଇନପଡା ଗ୍ରାମକୁ ସଂଯୋଗ କରିବାପାଇଁ ରାସ୍ତା ସମ୍ପ୍ରସାରଣ ଲାଗି ୨୦୨୦/୨୧ ମସିହା ପାଇଁ ମୋଟ ୧୦ ଲକ୍ଷ ଟଙ୍କା ଅନୁଦାନ ରହିଥିଲା। ତେବେ ରେକର୍ଡରେ କାର୍ଯ୍ୟ ଚାଲିଥିବା ଦର୍ଶାଇ ୨୦୨୨ରେ ପ୍ରାୟ ୫ ଲକ୍ଷ ୮୭ ହଜାର ୭ଶହ ୧୦ ଟଙ୍କା ଖର୍ଚ୍ଚ କରାଯାଇଛି। ଗ୍ରାମବାସୀ ଜାଣିପାରିବା ପରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିବା ବେଳେ ଗୋଟିଏ ବର୍ଷ ପୂର୍ବରୁ କିଭଳି ଶ୍ରମିକ ନାମରେ ବିଭିନ୍ନ ଆକାଉଣ୍ଟକୁ ୪ଲକ୍ଷ ୯୧ହଜାର ୫ଶହ ୧୩ ଟଙ୍କା ପ୍ରଦାନ କରାଯାଇଛି ତାହା ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଯେଉଁ ଜବକାର୍ଡ ଧାରୀଙ୍କ ନିକଟକୁ ମଜୁରି ଅର୍ଥ ପ୍ରଦାନ କରାଯାଇଛି ସେମାନେ ପ୍ରାୟତଃ କାର୍ଯ୍ୟ କରି ନ ଥିବା ସ୍ୱୀକାର କରିଛନ୍ତି। ସେହିପରି ଏବେ ଧରାପଡିବା ଭୟରେ ତରବରିଆ ଭାବେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିଲେ ସୁଦ୍ଧା ତାହା ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି। ଏହି ସମସ୍ତ ଅଭିଯୋଗର ସତ୍ୟତା ଜାଣିବା ପାଇଁ ଦାରିଙ୍ଗବାଡିରେ କାର୍ଯ୍ୟରତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ସୋସିଆଲ ଅଡିଟ୍ ଟିମ୍ ଫିଲ୍‌ଡକୁ ଯାଇ ତଦନ୍ତ କରୁଛି। ଏ ନେଇ ନବ ନିଯୁକ୍ତ ଜିଆର୍‌ଏସ୍ କେଦାରନାଥ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ଯେଉଁ ଜିଆର୍‌ଏସ୍ ବିଜୟ ସାହୁ କାର୍ଯ୍ୟ କରୁଥିଲେ ସେ ମୋତେ କୌଣସି ଦାୟିତ୍ୱ ଦେଇନାହାନ୍ତି। ଏବେ ଯାହା କାର୍ଯ୍ୟ ହେଉଛି ତା'ର ବିଲ୍ କରାଯାଉଥିବା ସେ କହିଛନ୍ତି। ଏ ନେଇ ବିଜୟ ସାହୁଙ୍କୁ ପଚାରିବାରୁ କାମ ଚାଲିଛି, କୌଣସି ଅର୍ଥ ହେରଫେର କରାଯାଇ ନ ଥିବା ସେ କହିଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ବୋଲି ବିଡିଓ ଗଦାଧର ପାତ୍ର କହିଛନ୍ତି ।

# ପାସ୍ ହାର ୯୪.୬୯ପ୍ରତିଶତ

ନୟାଗଡ଼,୨୦।୬ (ଲୋକନାଥ ମିଶ୍ର)

ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି । ଗତ ବର୍ଷ ୯୬.୩୧ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ଚଳିତ ବର୍ଷ ୯୪.୬୯ପ୍ରତିଶତ ହୋଇଛି। ଟପ୍ପର ତାଲିକାରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ବାଜି ମାରିଛନ୍ତି । ତେବେ ବିଭାଗୀୟ ଟପ୍ପର ୧୯ ଜଣଙ୍କ ମଧ୍ୟରୁ ୧୪ଜଣ ଛାତ୍ରୀ ଅଛନ୍ତି । ବିଜ୍ଞାନ ବିଭାଗର ଫିଜିକ୍ସ ଛାତ୍ରୀ ରୋଜାଲିନ୍ ଦାସ ମୋଟ ନଂ ୨୬୦୦ରୁ ୨୩୯୬ନଂ. ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି । ଅନ୍ୟପକ୍ଷେ ମହାବିଦ୍ୟାଳୟରେ ୧୯ଜଣ ଟପ୍ପର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣ ବିଭାଗୀୟ ଶ୍ରେଷ୍ଠ ଟପ୍ପର ଅଛନ୍ତି। ବିଜ୍ଞାନ ବିଭାଗର ଫିଜିକ୍ସ ଅନର୍ସ ଛାତ୍ରୀ ରୋଜାଲିନ ଦାସ ୨୩୯୬, କଳା ବିଭାଗର ସଂସ୍କୃତ ଅନର୍ସ ଛାତ୍ରୀ ରତ୍ନପ୍ରଭା ମହାପାତ୍ର ୨୨୭୦ ଓ କମର୍ସ ବିଭାଗ ଅନର୍ସ ଛାତ୍ରୀ ସିତୁ ବେହେରା ୨୨୨୩ ନମ୍ବର ରଖି ବିଭାଗୀୟ ଶ୍ରେଷ୍ଠ ଟପ୍ପର ହୋଇଛନ୍ତି । ସେହିପରି ବିଜ୍ଞାନ ବିଭାଗର ବଟାନୀରେ ବର୍ଷା ପ୍ରୀୟଦର୍ଶିନୀ ପ୍ରଧାନ, ଇଲୋକଟ୍ରୋନିକ୍ସରେ ଅରମନ ତ୍ରିପାଠୀ, ଫିଜିକ୍ସରେ ପ୍ରିୟଙ୍କା ପ୍ରଧାନ, ଜୁଲୋଜିରେ ଆଲିଶା ବରାଳ, କମ୍ପ୍ୟୁଟର ସାଇନ୍ସରେ ପ୍ରଣବ କୁମାର ସାହୁ ଓ ଆଇଟିଏମ୍‌ରେ ଦିବ୍ୟାନନ୍ଦ ସୁବୁଦ୍ଧି ଟପ୍ପର ହୋଇଛନ୍ତି । କଳାରେ ଏଜୁକେଶନରେ



ଅଧ୍ୟାପକମାନଙ୍କ ଗହଣରେ ୩ ଟପ୍ପର ।

**ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ**
- ଟପ୍ପରରେ ବାଜି ମାରିଲେ ଛାତ୍ରୀ
- ରୋଜାଲିନ ଦାଶ ଶ୍ରେଷ୍ଠ ସ୍ନାତକ

ସୁଚିସ୍ମିତା ତ୍ରିପାଠୀ, ସାଇକୋଲୋଜିରେ ଶୁଭଶ୍ରୀ ପାତ୍ର, ମ୍ୟାଥମେଟିକ୍ସରେ ବିଭୂଦତ୍ତ ତ୍ରିପାଠୀ, ପଲିଟିକାଲ ସାଇନ୍ସରେ କାଜଲ ସାହୁ, ଇକୋନୋମିକ୍ସରେ ସସ୍ମିତା ସାହୁ, ଓଡିଆରେ ଜିତୁ ପ୍ରଧାନ, ସୋସିଓଲୋଜିରେ ସୋନାଲି ପ୍ରୀୟଦର୍ଶିନୀ, ଇତିହାସରେ ଜ୍ୟୋର୍ତିମୟୀ ପ୍ରଧାନି, ଫିଲୋସିପିରେ ଶୁଭଶ୍ରୀ ପାତ୍ର, ଇଂଲିଶରେ ସ୍ୱାଗତିକା ମହାନ୍ତ, ସଂସ୍କୃତରେ ରତ୍ନପ୍ରଭା ମହାପାତ୍ର ଅନୁରୂପ ଭାବେ ଟପ୍ପର ହୋଇ ପାରିଛନ୍ତି । କେମେଷ୍ଟ୍ରୀରେ ପୂଜା ବେହେରା, କମର୍ସରେ ସିତୁ ବେହେରା ଅନୁରୂପ ଭାବେ ଟପ୍ପର ଅଛନ୍ତି । ଏ ଅବସରରେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପ୍ରଫେସର ସୁରେଶ କୁମାର ପ୍ରଧାନ ଓ ପରୀକ୍ଷା ପରିଚାଳକ ଜାନକୀ ନାଥ ଦାଶ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ ।

ଅଧକ୍ଷଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ୬୨୨ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ । ଏଥିରୁ ୫୮୯ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ୩୩ ଜଣ ଫେଲ୍ ହୋଇଛନ୍ତି । ପାସ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୩୩୪ ଜଣ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ଫାଷ୍ଟ କ୍ଲାସରେ ୨୧୯, ସେକେଣ୍ଡ କ୍ଲାସ ରେ ୩୬ ଜଣ ଅଛନ୍ତି । କଳାର ରେଜଲ୍ଟ ୯୪.୨୩ପ୍ରତିଶତ ହୋଇଛି । କଳାରେ ୨୦୮ ଜଣ ଫର୍ମ ଫିଲପ କରିଥିବାବେଳେ ୧୯୬ ପାସ କରିଛନ୍ତି । ପାସ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୩ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ୫୯ ପ୍ରଥମ ଶ୍ରେଣୀରେ ଓ ୪ ଜଣ ୨ୟ ଶ୍ରେଣୀରେ ପାସ କରିଛନ୍ତି । କମର୍ସରେ ୯୧.୯୪ ପ୍ରତିଶତ ରେଜଲ୍ଟ ହୋଇଛି । ୧୨୪ ଜଣ ପରୀକ୍ଷା ଦେଇ ଥିବାବେଳେ ୧୧୪ ପାସ ହୋଇଛନ୍ତି । ଏଥିରୁ ୫୯ ଡିଷ୍ଟିଂଶନ ସହ ଫାଷ୍ଟ କ୍ଲାସ, ୨୫ ଜଣ ଫାଷ୍ଟ କ୍ଲାସ ଓ ୩୦ ଜଣ ସେକେଣ୍ଡ କ୍ଲାସ ଅଛନ୍ତି। ବିଜ୍ଞାନ ରେଜଲ୍ଟ ୯୪.୬୯ ପ୍ରତିଶତ ହୋଇଛି। ବିଜ୍ଞାନରେ ୬୨୨ ଜଣ ପରୀକ୍ଷା ଦେଇଥିବାବେଳେ ୩୩୪ ଡିଷ୍ଟିଂସନ ସହ ଫାଷ୍ଟ କ୍ଲାସ, ୨୧୯ ଜଣ ଫାଷ୍ଟ କ୍ଲାସ, ୩୬ ସେକେଣ୍ଡ କ୍ଲାସ ପାଇଛନ୍ତି।

### ପିଜି ରେଜଲ୍ଟ ୯୭.୨୯

ମହାବିଦ୍ୟାଳୟରେ ପିଜି ରେଜଲ୍ଟ ୯୭.୨୯ ପ୍ରତିଶତ ହୋଇଛି । ଏଥିରେ ୩୭ ଜଣ ଫର୍ମ ଫିଲପ କରିଥିବାବେଳେ ୩୬ ଜଣ ପ୍ରଥମ କ୍ଲାସରେ ପାସ୍ କରିଛନ୍ତି। ମାଷ୍ଟର ଇନ୍ ସୋସିଆଲ ୱାର୍କରେ ସମୁଦାୟ ୧୬ ପରୀକ୍ଷାର୍ଥୀ, ମାଷ୍ଟର ଇନ୍ କମର୍ସରେ ୫ ଓ ମାଷ୍ଟର ଇନ୍ ଓଡିଆରେ ୧୫ଜଣ ପ୍ରଥମ କ୍ଲାସ ପାଇଛନ୍ତି ।

### ଶ୍ରେଷ୍ଠ ସ୍ନାତକଙ୍କ ମୁହଁରୁ



ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତୋକ ରୋଜାଲିନ୍ ଦାଶଙ୍କ ଘର ଓଡଗାଁ ବ୍ଲକ କୁରୁମ ବାଙ୍କତରା ଗାଁରେ। ସେ କୁହନ୍ତି, ମୁଁ ଦିନକୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି । ଆଇଏସ୍ ହେବାକୁ ଲକ୍ଷ୍ୟ ରଖିଛି। ମୁଁ ଟପ୍ପର ହେବାକୁ ଅଶା ରଖିଥିଲି । ହେଲେ ମୋ ପରିଶ୍ରମ ମୋତେ ଆଶାଠାରୁ ଅଧିକ ସଫଳତା ଦେଇଛି । ମୁଁ ଏଥିରେ ଖୁସି । କଳାର ଶ୍ରେଷ୍ଠ ଟପ୍ପର ରତ୍ନପ୍ରଭା ମହାପାତ୍ର କୁହନ୍ତି ମୋ ଘର ନୂଆଗାଁ ବ୍ଲକର ବାହାଡାଝୋଲାରେ। ଅଧ୍ୟାପକ ହୋଇ ପାଠ ପଢ଼ାଇବାକୁ ମନସ୍ଥ କରିଛି । ବାଣିଜ୍ୟ ଟପ୍ପର ସିତୁ ବେହେରାଙ୍କ ଘର ନୂଆଗାଁ ବ୍ଲକର କଶିକିଆରି ଗାଁରେ । କଷ୍ଟିଂ ଆକାଉଣ୍ଟ କରିବା ପାଇଁ ପ୍ରସ୍ତୁତ ହୋଇଛି।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

ମୋହନା,୨୦।୬(ମନ୍ମଥ ମିଶ୍ର) : ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବେଟିଙ୍ଗି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାରର ଆଠ ବଖରା ଘର ଭସ୍ମିଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ରମେଶ ମଳିକ, ସଞ୍ଜୟ ମଳିକ ଏବଂ ହରିକୃଷ୍ଣ ମଳିକଙ୍କ ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଛି। ସଞ୍ଜୟ ମଳିକଙ୍କ ୬ ଟି କୁକୁଡ଼ା ମରିଯାଇଥିବା ବେଳେ ହରିକୃଷ୍ଣ ମଳିକ ଘରେ ରଖିଥିବା ୫୦ ହଜାର ଟଙ୍କା ପୋଡି ପାଉଁଶ ହୋଇଯାଇଛି। ମୋହନା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ ପ୍ରାଥମିକ ତଦନ୍ତରୁ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡରେ ୪ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଫ୍ରେଣ୍ଡସ ଗ୍ରୁପ୍ ତରଫରୁ ପଣା ବଣ୍ଟନ

ବାଲିଗୁଡା,୨୦।୬(ସଞ୍ଜୟ ପାଣିଗ୍ରାହି): ରଥଯାତ୍ରା ଉପଲକ୍ଷେ କନ୍ଧମାଳ ଜିଲା ବାଲିଗୁଡା ଫ୍ରେଣ୍ଡସ ଗ୍ରୁପ ତରଫରୁ ମା'ପାଟଖଣ୍ଡାଙ୍କ ମନ୍ଦିର ସମ୍ମୁଖରେ ଦହି ଚହ୍ଲା ପଣା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରୁପର ରାକେଶ ପାତ୍ର, ପ୍ରଭାକର ପାତ୍ର, ମନୋଜ ପ୍ରଧାନ, ସି.ଏଚ. ଆଶିଷ ପାତ୍ର, ଶିବା ପାତ୍ର, ସନ୍ୟାସୀ ସିଅ, ପ୍ରେମାନନ୍ଦ ପାତ୍ର, ହୃଷିକେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଖଣ୍ଡପଡା ଯୁବକ ସଂଘର ସେବା ଉତ୍ସବ

ଖଣ୍ଡପଡ଼ା,୨୦।୬(ଅଜୟ କୁମାର ମହାରଣା) : ଖଣ୍ଡପଡା ସହରର ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଯୁବକ ସଂଘ ପକ୍ଷରୁ ପବିତ୍ର ଘୋଷଯାତ୍ରା ପରିପ୍ରେକ୍ଷୀରେ ସେବା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ସଂଘର ସଦସ୍ୟମାନେ ନୂତନ ଜର୍ସି ପରିଧାନ କରି ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ବିତରଣ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାଇକରାୟ, ଖଣ୍ଡପଡ଼ା ଥାନା ଅଧିକାରୀ ରମେଶ କୁମାର ଦେବତା, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ, ଶିଶୁ କବି କାଶୀନାଥ ଦାସ ପ୍ରମୁଖ ଯୋଗ ଦେଇ ଖଣ୍ଡପଡ଼ା ଅଞ୍ଚଳର ପ୍ରଗତି ଓ ଶାନ୍ତି ପ୍ରତିଷ୍ଠାନର ସମସ୍ତେ ସାମିଲ ହେବା ସହ ଠାକୁରଙ୍କ ଘୋଷଯାତ୍ରା କିପରି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମହେନ୍ଦ୍ର ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

### ୪ମାସ ପରେ ଚୋରି ଅଭିଯୋଗ

ବ୍ରହ୍ମପୁର,୨୦।୬ (ସୁବାସ ଚନ୍ଦ୍ର ପାଢ଼ୀ): ବଡବଜାର ଥାନା ଅନ୍ତର୍ଗତ ଆସ୍କାରୋଡରେ ୪ ମାସ ତଳେ ଜଣେ ମହିଳା ଅଟୋ ଯାତ୍ରୀଙ୍କ ସୁନାଗହଣା ବ୍ୟାଗ୍ ଚୋରି ହୋଇଥିଲା। ଏ ନେଇ ମହିଳା ଜଣଙ୍କ ଗତ ୧୬ ତାରିଖରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ରାୟଗଡା ମାରୁତି କଲୋନୀର ବିଜୟ କୁମାର ପ୍ରଧାନଙ୍କ ସ୍ତ୍ରୀ ଅନିତା ସ୍ୱାଇଁ ହିଞ୍ଜିଳିକାଟୁସ୍ଥିତ ବାପଘରକୁ ଆସିଥିଲେ।

# କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୫-ଟି ଯୋଜନାରେ ସାମିଲ

ଖଣ୍ଡପଡ଼ା,୨୦।୬ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ କୁଞ୍ଜ ବିହାରୀ ନୋଡାଲ ବିଦ୍ୟାଳୟକୁ ୪ର୍ଥ ପର୍ଯ୍ୟାୟରେ ୫-ଟି ଯୋଜନାରେ ସାମିଲ କରାଯାଇଥିବା ଖଣ୍ଡପଡା ବିଡିଓ ଅରୁଣୀମା ସାହୁ କହିଛନ୍ତି । ଏ ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ନୂତନ ଭବେ ରୁପାନ୍ତରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ଶିକ୍ଷାନୁଷ୍ଠାନର ପୁରାତନ କମିଟିର ସଭାନେତ୍ରୀ ଉଜ୍ଜଳ ମହାରଣା, ବର୍ତମାନର କମିଟି ସଭାପତି ସୁରେଶ କୁମାର ମହାରଣା, ସଭ୍ୟ ସରୋଜ କୁମାର ମିଶ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ସମେତ



ବୈଠକରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା ।

ସହକାରୀ ବୃନ୍ଦ, ବ୍ଲକ୍ କନିଷ୍ଠ ଯନ୍ତ୍ରୀ ମୌସୁମୀ ମିଶ୍ର ଏବ ପଞ୍ଚାୟତସ୍ତରୀୟ ସମସ୍ତ ଲୋକ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତ ଅଧୀନ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠକୁ ୫-ଟି ଯୋଜନାରେ ୨୦୨୨ରେ ସାମିଲ କରାଯାଇଥିଲା ।

## ଆନ୍ଦୋଳନକୁ ଓହ୍ଲାଇଲେ ବନ କର୍ମଚାରୀ

ଖଣ୍ଡପଡ଼ା,୨୦।୬ (ଅଜୟ କୁମାର ମହାରଣା): ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ୨ ବନ ବିଭାଗ କର୍ମଚାରୀ ପ୍ରାଣ ହରାଇଛନ୍ତି । ଏହି ଘଟଣାକୁ ନେଇ ରାଜ୍ୟ ବନ କର୍ମଚାରୀ ସଂଘ ଉଦ୍‌ବେଗ ପ୍ରକାଶ କରିବା ସହ ସୋମବାରଠାରୁ ୫ ଦଫା ଦାବି ନେଇ ବନ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ରାଜ୍ୟ ସଂଘର ନିଷ୍ପତି କ୍ରମେ ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସମସ୍ତ ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛି ଅଣଗେଜେଟେଡ ବନସେବା ସଂଘ।

# ଅପହରଣର ସୁରାକ ପାଉନି ପୋଲିସ

ନୟାଗଡ଼,୨୦।୬(ଲୋକନାଥ ମିଶ୍ର)

- ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ବିଫଳ
- ବିଲରୁ ଚାଷୀ ଅପହରଣର ୨୪ ଘଣ୍ଟା ବିତିଲା

ନୟାଗଡ଼ ଟାଉନ ଥାନା ଡିଆଁପଡା ଗାଁର ଚାଷୀ ଶ୍ୟାମ ସୁନ୍ଦର ବେହେରା(୫୯) ନିଜ ବିଲରୁ ଅପହରଣ ହେବାର ୨୪ ଘଣ୍ଟା ବିତି ଯାଇଛି । ହେଲେ ପୋଲିସ ଅପହରଣ ଘଟଣାର ଟେର ପାଇନି । ଅନ୍ୟପକ୍ଷେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଡିଆଁପଡା ଗାଁକୁ ଯାଇଥିଲେ ମଧ ସଫଳତା ପାଇ ନାହାନ୍ତି। ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି ।

ସୋମବାର ରାତି ୮ଟାରେ ଡିଆଁପଡା ଗାଁରେ ଗ୍ରାମ ସଭା ଥିଲା । ଚାଷୀ ଶ୍ୟାମ ସୁନ୍ଦର ବେହେରା ଜଣେ ସଭ୍ୟ ଥିଲେ । ଗାଁ ସଭା ଆରମ୍ଭ ହେବା ପୂର୍ବରୁ ପନିପରିବା କ୍ଷେତକୁ ବୁଲିବାକୁ ଯାଇ ଆଉ ଫେରି ନ ଥିଲେ । ଶ୍ୟାମ ସଭାକୁ ନ ଆସିବାରୁ ପରିବାର ଲୋକଙ୍କୁ ପଚରା ଯାଇଥିଲା । ହେଲେ ବିଲରୁ ଫେରି ନ ଥିବା ଜଣା ପଡିବା ପରେ କେତେଜଣ ଲୋକ ଡାକିବାକୁ ଯାଇଥିଲେ । ତେବେ ବିଲରେ ଶ୍ୟାମଙ୍କ ଗାମୁଛା ଓ ବ୍ୟବହାର କରୁଥିବା ଭଙ୍ଗା ଟର୍ଚ୍ଚ ଜବତ କରି ଅପହରଣ ସନ୍ଦେହରେ ପୋଲିସକୁ ଖବର ଦେଇଥିଲେ । ସୋମବାର ରାତି ଓ ମଙ୍ଗଳବାର ଦିନ ତମାମ ଖୋଜା ଖୋଜି ଜାରି ରହିଥିଲେ ମଧ ଟେର ମିଳିନି । ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ଗାଁରେ ସଭା ଥିବାରୁ ସଭାକୁ ଭଣ୍ଡୁର କରିବାକୁ ଶ୍ୟାମ ନିଖୋଜ ଘଟଣା ରଚି ଥାଇ ପାରନ୍ତି । ଆଉ କେହି କୁହନ୍ତି ଶ୍ୟାମ ସାଧାସିଧା ଲୋକ ହୋଇଥିବାରୁ ଏପରି କରି ନ ଥିବେ । ଅନ୍ୟପକ୍ଷେ ଶ୍ୟମ ନିଖୋଜ ହୋଇଥିବା ବିଲ ନିକଟରେ ଏକ ପରିବାର ରହୁଛନ୍ତି । ସଂପୃକ୍ତ ପରିବାରର ପୁରୁଷ ଲୋକମାନେ ଗାଁରେ ରହୁ ନାହାନ୍ତି। ତେବେ ସୋମବାର ଆସି ପୁଣି ଚାଲି ଯାଇଛନ୍ତି । ଏଣୁ ସଂପୃକ୍ତ ପରିବାରର କାର୍ଯ୍ୟ ସନ୍ଦେହ ଘେରରେ ରହିଥିବା ଗାଁ ଲୋକ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି । ତେବେ ଶ୍ୟାମଙ୍କ ନିଖୋଜ ପଛର କାରଣ କ'ଣ ଜଣାପଡୁ ନ ଥିବାରୁ ସନ୍ଦେହ ବଢ଼ୁଛି ।

# ଜଙ୍ଗଲକୁ ହାତୀ ଫେରିଲା, ଅଞ୍ଚଳବାସୀ ଆଶ୍ୱସ୍ତ

ଖଣ୍ଡପଡ଼ା,୨୦।୬ (ଅଜୟ କୁମାର ମହାରଣା)

କୋସକା ଅଞ୍ଚଳରେ ଏକ ଦନ୍ତାହାତୀ ରବିବାର ବୁଲୁଥିବାର ନଜରକୁ ଆସିବା ପରେ ସାଧାରଣରେ ଆତଙ୍କ ଖେଳି ଯାଇଥିଲା । ମାତ୍ର ହାତୀଟି ଯେଉଁ ବାଟେ ଆସିଥିଲା ସେହି ପଥରେ ଜଙ୍ଗଲକୁ ଫେରିଯିବା ପରେ ସାଧରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି । ଖଣ୍ଡପଡ଼ା ବ୍ଲକ୍ ଅଧୀନ କୋସକା ପଞ୍ଚାୟତର ସାପୁଆ ସଂରକ୍ଷିତ ଜଙ୍ଗଲରେ ରବିବାର ଏକ ଦନ୍ତାହାତୀ ଦେଖା ଦେବା ପରେ କୋସକା, କୁମ୍ଭାରପଡା, ବଳଭଦ୍ରପ୍ରସାଦ, ରୟତଢୋଲମରା ଆଦି ୪ ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ରହିଥିଲେ । ଖବର ପାଇ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳରେ ପହଞ୍ଚି ହାତୀର ଗତିବିଧି ଉପରେ ଲକ୍ଷ୍ୟ ରଖିଥିଲେ। ରାତି ପ୍ରାୟ ୧୧ଟା ପରେ ହାତୀଟି କୁମ୍ଭାରପଡା ଓ ଢୋଲମରା ଦେଇ ଗଣିଆ ବନାଞ୍ଚଳ ଅଧୀନକୁ ଚାଲିଯିବା ପରେ ଅଞ୍ଚଳବାସୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ବଣୁଆ ଦନ୍ତାହାତୀଟି ନୟାଗଡରୁ ହାତୀମୁଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ଖଣ୍ଡପଡା ବନାଞ୍ଚଳ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିବା ସୂଚନା ମିଳିଛି ।

# 'ରଥେ ବିଜେ କ୍ଷେତ୍ରରବି' ସଙ୍ଗୀତ ଭିଡିଓ ଉନ୍ମୋଚିତ

ନୟାଗଡ଼,୨୦।୬(ଲୋକନାଥ ମିଶ୍ର) : ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ସଙ୍ଗୀତ ଭିଡିଓ 'ରଥେ ବିଜେ କ୍ଷେତ୍ରରବି' ଉନ୍ମୋଚିତ ହୋଇଛି। ସଙ୍ଗୀତଜ୍ଞ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ଦ୍ୱାରା ପୁରୁଣା ସହରସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏହା ଉନ୍ମୋଚିତ ହୋଇଛି। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁରଗନ୍ଧର୍ବ ନବକିଶୋର ମିଶ୍ର ଏଥିରେ କଣ୍ଠଦାନ କରିଛନ୍ତି। ଜିଲାର ଅଗ୍ରଣୀ ସଙ୍ଗୀତାନୁଷ୍ଠାନ ଶ୍ରୀସୃଜନ ପକ୍ଷରୁ ପ୍ରସ୍ତୁତ ଏହି ଭିଡିଓ ସଙ୍ଗୀତ ଉନ୍ମୋଚନ କାର୍ଯ୍ୟକ୍ରମରେ ଭଜନର ରଚୟିତା ବିଜୟ କୁମାର ଚୌଧୁରୀ ଏବଂ ସଙ୍ଗୀତ




ନିର୍ଦ୍ଦେଶିକା ଜୟଶ୍ରୀ ଦେବୀଙ୍କ ସମେତ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ପ୍ରଦୀପ ସାହୁ, ମନୋଜ ମିଶ୍ର,ଲକ୍ଷ୍ମୀଧର ସାହୁ,ସରୋଜ ମିଶ୍ର, କାଦମ୍ବିନୀ ମହାପାତ୍ର, ମମତା ମିଶ୍ର, ନୀଳକଣ୍ଠ ଦାଶ, ଜିତେନ୍ଦ୍ର ମହାପାତ୍ର,ବନ୍ଦିତା ପଟ୍ଟନାୟକ,ଆନନ୍ଦ ସ୍ୱାଇଁ,ସନ୍ତୋଷ ପରିମାଣିକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ସୃଜନ ୟୁଟ୍ୟୁବ ଚ୍ୟାନେଲରେ ଏହି ଭିଡିଓ ସଙ୍ଗୀତଟି ଆଜିଠାରୁ ଉପଲବ୍ଧ ହୋଇଥିବା ବେଳେ ଏହା ବେଶ ଲୋକପ୍ରିୟ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୨୦।୬(ଅଜୟ କୁମାର ମହାରଣା)

ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ନୟାଗଡ଼ ଜିଲା ସ୍ୱେଚ୍ଛାସେବୀ ସଂଗଠନ 'ସମସ' ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁନୀତା ରାୟଗୁପ୍ତା ସଂଯୋଜନା କରିଥିଲେ। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ସୋମବାର ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅରୁଣୀମା ସାହୁ ଏବଂ ଅଗ୍ନିଶମ ଅଧିକାରୀ ମାନେ ଯୋଗଦେଇ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ସୂଚନା ପ୍ରଦାନ କରି ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ସମୟରେ ଆଶ୍ରା ନେବା ସହିତ ବିପନ୍ନ



ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଜନସାଧାଣଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯିବ ଆଲୋକପାତ କରିଥିଲେ । ଏହାଛଡା ଅବଚେତନ ଓ ସଚେତନ ବିପନ୍ନଙ୍କୁ ବିଭିନ୍ନ ଯନ୍ତ୍ର ମାଧମରେ କିପରି ଭାବେ ଉଦ୍ଧାର କରାଯାଇ ପାରିବ ତାର ଅଭ୍ୟାସ ପ୍ରଦର୍ଶନ କରିଥିଲେ । ସେହିପରି ବାତ୍ୟା ଓ ବନ୍ୟା ସମୟରେ ଏବଂ ପୂର୍ବରୁ କିପରି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ତାହାର ମୁକାବିଲା କରି ପାରିବେ ଏବଂ ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ ଜନିତ ଅଗ୍ନିକାଣ୍ଡ ଘଟିଲେ କିମ୍ବା ତେଲ କଡେଇରେ ନିଆଁ ଲାଗିଲେ କିପରି ବିପଦକୁ ଏଡାଇ ପାରିବେ ସେ ସମ୍ବନ୍ଧରେ ବିଭାଗୀୟ କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରିବା ସହ ବିପର୍ଯ୍ୟସ୍ତ ବ୍ୟକ୍ତିମାନଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କ ସୂଚନା ପ୍ରଦାନ କରାଯାଇଥିଲା । ଅଗ୍ନିଶମ ବିଭାଗର ହାବିଦାର ପ୍ରଫୁଲ୍ଲ କୁମାର ସାହୁ ଓ ସହକାରୀମାନଙ୍କ ଦ୍ୱାରା ସ୍ୱେଚ୍ଛାସେବୀମାନଙ୍କୁ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ଭାବେ ସାହାର୍ଯ୍ୟ କରାଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଅଗ୍ନିଶମ ବିଭାଗ ଅଧିକାରୀ ଅଜୟ କୁମାର ପାଇକରାୟ, ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ବ୍ଲକ୍ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅମିତ ବଡସେଠ ଓ ନୟାଗଡ଼ ଜିଲା ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ମୁଖ୍ୟ ଅଧିକାରୀ ଅଶୋକ କୁମାର ରଥ ଯୋଗ ଦେଇଥିଲେ ।

**ଆରମ୍ଭ ହେଲା ଅଭ୍ୟାସ, ସଚେତନତା କାର୍ଯ୍ୟକ୍ରମ**

# ଓଡ଼ଗାଁ ଇତିହାସ ଲିଖନ ଆରମ୍ଭ

ଓଡଗାଁ,୨୦।୬ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ଗାଁର ଏକ ସ୍ୱତନ୍ତ୍ର ପରିଚୟ ରହିଛି। କେହି କେହି ଓଡ଼ଗାଁକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର କହୁଥିବା ବେଳେ ଆଉ କେହି ଅତ୍ରି ମୁନିଙ୍କ ଆଶ୍ରମ ପୀଠ ବୋଲି ବର୍ଣ୍ଣନା କରିଥାନ୍ତି। ଅନେକ ସାଂସ୍କୃତିକ ତଥା ଐତିହାସିକ ଗୌରବ ବହନ କରୁଥିବା ଓଡ଼ଗାଁର ଅନେକ ଆଲୋଚିତ ଓ ଅନାଲୋଚିତ ତଥ୍ୟ ଅନେକଙ୍କ ପାଖରେ ଅଦ୍ୟାବଧି ରହିଛି ଯାହାକି ତଥ୍ୟ ସହିତ ଲୋକଲୋଚନକୁ ଆଣିବା ନିମନ୍ତେ ଅରୋମିରା ଟ୍ରଷ୍ଟ, କୁରାଳ ସୌଜନ୍ୟ ତଥା ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀଙ୍କ ଉଦ୍ୟମରୁ ନିକଟରେ ସ୍ଥାନୀୟ ବୁଦ୍ଧିଜୀବିମାନଙ୍କୁ ନେଇ ଓଡ଼ଗାଁ ଇତିହାସ ପୁସ୍ତକ ପ୍ରସ୍ତୁତି ବୈଠକ ରାମସାଗର ପାର୍କଠାରେ ଅନୁଷ୍ଠିତ ହୋଇଥିଲା । ଏପରିସ୍ଥଳେ ମଙ୍ଗଳବାର ପବିତ୍ର ଘୋଷଯାତ୍ରା ଅବସରରେ ସମ୍ପାଦନା ମଣ୍ଡଳୀ ସହିତ ସ୍ଥାନୀୟ ବୁଦ୍ଧିଜୀବିମାନଙ୍କୁ ନେଇ ଶ୍ରୀ ରଘୁନାଥଙ୍କ



ଓଡ଼ଗାଁ ଇତିହାସ ଲିଖନ ଆରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ୟକ୍ତିମାନେ ।

ଆଶୀର୍ବାଦ ପ୍ରାର୍ଥନା ପୂର୍ବକ ଇତିହାସ ପୁସ୍ତକର ଶୁଭ ଲିଖନ କାର୍ଯ୍ୟ ଆରମ୍ଭ କରାଯାଇଛି। ଉକ୍ତ ପୁସ୍ତକର ପ୍ରସ୍ତୁତି କାର୍ଯ୍ୟରେ ସ୍ଥାନୀୟ ତଥା ବାହାରର ଗୁଣି, ଜ୍ଞାନୀ ଆଉ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ନିବେଦନ କରାଯାଇଛି। ଆଗ୍ରହୀ ସହଯୋଗୀ ଗଣ ୯୯୩୮୪୫୩୧୩ ନମ୍ବରରେ ଯୋଗାଯୋଗ କରିବା ସହିତ ଏହାକୁ ନେଇ ଓଡ଼ଗାଁ ଇତିହାସ ନାମରେ ଗଠିତ ଗ୍ରୁପରେ ସାମିଲ ହେବାକୁ ସମ୍ପାଦନା ମଣ୍ଡଳୀ ଆବାହକ ନିବେଦନ କରିଛନ୍ତି। ଏହି ବୈଠକରେ ପ୍ରାକ୍ତନ ଅଧକ୍ଷ ଅଧିବାସ ପଣ୍ଡା, ଶିକ୍ଷାଧିକାରୀ କମଳିନୀ, ରବୀନ୍ଦ୍ର କୁମାର ପଟ୍ଟନାୟକ, ପ୍ରଫୁଲ କୁମାର ଡାକୁଆ, କବି ପ୍ରଫୁଲ ମାଝୀ ଉପସ୍ଥିତ ଥିଲେ ।

# ସନ୍ଧ୍ୟା ହେବାରୁ ବ୍ରହ୍ମ ତାଳଧ୍ୱଜ ରଥ ଟଣା ହେଲାନାହିଁ

**କେନ୍ଦ୍ରାପଡା, ୨୦।୬ (ଜଗନ୍ନାଥ ଧଳ)**

ତୁଳସୀକ୍ଷେତ୍ରାଧିପତିଶ୍ରୀବଳଦେବଜୀଉଙ୍କ ୨ଦିନିଆ ରଥଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ପାରମ୍ପାରିକ ବିଧିଅନୁସାରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇ ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ପହଞ୍ଚି ଥାଏ। ତେବେ ସନ୍ଧ୍ୟା ହୋଇ ଯାଇଥିବାରୁ ଚଳିତବର୍ଷ ରଥଟଣା ଆରମ୍ଭ ହୋଇପାରିଲାନାହିଁ। ବୁଧବାର ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ରଥଯାତ୍ରା ପୁର୍ନବାର ଆରମ୍ଭ ହେବ। ଅପରପକ୍ଷରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ଓ ରଥ ଉପରେ ଉପବେସନ କାର୍ଯ୍ୟ ସମାପ୍ତ ହୋଇଛି। ଅପରାହ୍ନରେ ଭକ୍ତ ଓ ଭଗବାନ ଏକାଠି ହେବା ସହରର ଇଚ୍ଛାପୁରସ୍ଥିତ ରଥଦାଣ୍ଡରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ରଥଯାତ୍ରାର କାର୍ଯ୍ୟ ନିର୍ଘଣ୍ଟ


ଶ୍ରୀବଳଦେବଜୀଉ, ଭଉଣୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଜୀଉଙ୍କୁ ପହଣ୍ଡିରେ ରଥକୁ ନିଆଯାଉଛି।


ସୁଦର୍ଶନଙ୍କୁ ପହଣ୍ଡିରେ ନିଆଯାଉଛି।

ଅନୁଯାୟୀ ସୋମବାର ସନ୍ଧ୍ୟାରେ ରଥ ପ୍ରତିଷ୍ଠା ସହ ନେତ ବନ୍ଧା ହୋଇଥିଲା। ମଙ୍ଗଳବାର ସକାଳ ୬ଟାରେ ଜୟ ମଙ୍ଗଳା ଆରତୀ, ୮ଟାରେ ନୀତିସ୍ନାନ ଓ ବଲ୍ଲଭ ପରେ ଖେଚୁଡ଼ି ଧୂପ ଲାଗିଥିଲା। ପୂର୍ବାହ୍ନ ୧୧ଟାରେ ସେନାପଟା ଲାଗି ଆରମ୍ଭ ହୋଇଥିଲା। ଖରାକୁ ଦୃଷ୍ଟିରେ ରଖି ଅପରାହ୍ନ ୨ଟା ପରିବର୍ତ୍ତେ ୪ଟାରେ ମଣିବିଗ୍ରହ ଶ୍ରୀବଳଦେବଜୀଉ, ଅନୁଜ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା ସହ ସୁଦର୍ଶନଙ୍କୁ ଧରି ବ୍ରହ୍ମ ତାଳଧ୍ୱଜ ରଥକୁ ପହଣ୍ଡି ବିଜେ କରିଥିଲେ। ହରିବୋଲ, ହୁଳହୁଳି ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ବଡ଼ଛତା ମଠରେ ଥିବା ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମାଙ୍କୁ ସେବାୟତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରାଇଥିଲେ। ପରେ ଶ୍ରୀଜୀଉମାନେ ବ୍ରହ୍ମ ତାଳଧ୍ୱଜ ରଥ ପ୍ରଦକ୍ଷିଣ ସହ ରଥ ଚକାସନରେ ବସିଥିଲେ। ରାଜ ପୁରୋହିତ ମୃତ୍ୟୁଞ୍ଜୟ ପତ୍ରୀ ଛେରାପହଁରା କରିଥିଲେ। ରଥଟଣା ବନ୍ଦ ସମ୍ପର୍କରେ ଶ୍ରଦ୍ଧାଳୁମାନେ କ୍ଷୋଭ ପ୍ରକାଶ କରିଛନ୍ତି। କରୋନା ସଂକ୍ରମଣ ପାଇଁ ୨ବର୍ଷ ବନ୍ଦ ପରେ ଗତ ୨୦୨୨ରେ ରଥ ଟଣା ହୋଇଥିଲା। ତତ୍କାଳୀନ ସମୟରେ ନିମ୍ନମାନର ରଥ ନିର୍ମାଣ ଯୋଗୁ ୨ ଦିନ ପରିବର୍ତ୍ତେ ୪ ଦିନରେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚି ଥିଲା। ଚଳିତବର୍ଷ ପ୍ରଶାସନିକ ପରିଚଳନା ଯୋଗୁ ରଥଟଣା ଆରମ୍ଭ ହୋଇପାରିଲା ନାହିଁ ବୋଲି ଶ୍ରଦ୍ଧାଳୁମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ସନ୍ଧ୍ୟାରେ ଶ୍ରୀଜୀଉ ରଥାରୁଢ଼ ହେଲେ। ସନ୍ଧ୍ୟା ପରେ ରଥ ଗଡ଼ିବା ବିଧି ନ ଥିବାରୁ ବୁଧବାର ରଥ ଟଣା ହେବ। ଉଜିଲାପାଳ ନିରଞ୍ଜନ ବେହେରା, ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର, ବିଧାୟକ ଶଶିଭୂଷଣ ବେହେରା, ପୌରାଧକ୍ଷା ସରିତା ସାହୁ, କାଉନସିଲର କାଳିପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ କିଶୋର ପଣ୍ଡା, ଭାଜପା ନେତା ଭୁବନମୋହନ ଜେନା ପ୍ରମୁଖ ଏହି ରଥଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୮ ପ୍ଲାଟୁନ ଫୋର୍ସ ସହ ଶତାଧିକ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

## ତୁଳସୀକ୍ଷେତ୍ରରେ ଭକ୍ତ ଭଗବାନ୍ ଏକାଠି

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗାୟତ୍ରୀ


@ ପ୍ରସନ୍ନ


@ ରିତୁଲୁ


@ ସ୍ୱରୂପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧାନକୁଦରେ ଭକ୍ତ-ଭଗବାନ୍‌ଙ୍କ ମିଳନ

**ବିରିଡି, ୨୦।୬(ପ୍ରଶାନ୍ତ ରାଉତ):**

ବିରିଡ଼ି ବ୍ଲକ ହାଜିପୁରସ୍ଥିତ ମହାପୁରୁଷ ପଞ୍ଚସଖାଙ୍କ ସାଧନାପୀଠ ଧାନକୁଦସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ମଙ୍ଗଳବାର ଏକ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ମନ୍ଦିରର ଦ୍ୱାରଫିଟା, ମଙ୍ଗଳ ଆଳତୀ, ମଇଲମ, ତଡପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ, ସକାଳ ଧୂପ, ସେନାପଟ୍ଟା ଲାଗି, ମଙ୍ଗଳାର୍ପଣ, ରଥ ପ୍ରତିଷ୍ଠା, ଟାହିଆ ବିଜେ, ପହଣ୍ଡି, ମଦନମୋହନ ବିଜେ କରାଯାଇଥିଲା। ଏହାପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ମନ୍ଦିର ଆଚାର୍ଯ୍ୟ ବାବା ଅରକ୍ଷିତ ଦାସଙ୍କ ରଥ ପରିକ୍ରମା ପରେ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦିଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା। ଏହାପରେ ଭକ୍ତମାନଙ୍କ ଦ୍ୱାରା ରଥଟଣା ଯାଇଥିଲା। ସନ୍ଧ୍ୟାରେ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚି ଥିଲା।


ଭକ୍ତମାନେ ରଥକୁ ଟାଣି ନେଉଛନ୍ତି।

# ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଭାବରେ ଭିଜିଲେ ଭକ୍ତ


ସିଦ୍ଧଳଠାରେ ୩ ଠାକୁର ରଥାରୂଢ଼।

**ଜଗତ୍‌ସିଂହପୁର, ୨୦।୬ (ପ୍ରମୋଦ କୁମାର ନାୟକ)**

## ଜଗତ୍‌ସିଂହପୁର ଜିଲାରେ ରଥଯାତ୍ରା

ପ୍ରବଳ ଗ୍ରୀଷ୍ମ ସତ୍ତ୍ୱେ ରଥଯାତ୍ରା ନେଇ ଜଗତ୍‌ସିଂହପୁର ଜିଲାରେ ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଏହି ଯାତ୍ରା ସମୟରେ ଅନେକ ସ୍ଥାନରେ ଶ୍ରଦ୍ଧାଳୁମାନେ ଭାବ ବିହ୍ୱଳିତ ହୋଇଯାଇଥିଲେ। ସରାଗ୍ଧୋରେ ଅନୁଷ୍ଠିତ ରଥଯାତ୍ରାରେ ବହୁ ସଂଖ୍ୟକ ଭକ୍ତଙ୍କ ସମାବେଶ ହୋଇଥିଲା। ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇଥିଲା। ଅପରାହ୍ନରେ ପ୍ରଭୁଙ୍କ ରଥାରୋହଣ ଏବଂ ପହଣ୍ଡିବିଜେ ଅନୁଷ୍ଠିତ ହୋଇଥିଲା। ଏଥିରେ ଠାକୁର ରାଜା ଭାବେ ଅକ୍ଷୟ କୁମାର ମିଶ୍ର ଯୋଗଦେଇ ଛେରାପହଁରା କରିଥିଲେ। ଏହି ସମୟରେ ସରାଗ୍ଧୋ ମଠାଧୀଶ ଗୋକୁଳାନନ୍ଦ ସରସ୍ୱତୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହାପରେ ଆରତୀ ଦର୍ଶନ, ସର୍ବସାଧାରଣ ଭୋଗ ଲାଗି ଓ ରଥ ଚାଳନା କରାଯାଇଥିଲା। ସେହିପରି ସିଦ୍ଧଳସ୍ଥିତ ବଳଦେବଜୀଉ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ରଥଯାତ୍ରା ଅନୁରୂପ ଭାବେ ରୀତିନୀତି ଅନୁଯାୟୀ କରାଯାଇଥିବାବେଳେ ଠାକୁର ରାଜା ଭାବେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ରୁଦ୍ରନାରାୟଣ ଦାସ ରଥ ମାର୍ଜନା ଓ ଛେରାପହଁରା କରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ଓ ପ୍ରଶାସନ ତରଫରୁ ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲା। ସେହିପରି ଜଗତ୍‌ସିଂହପୁର ସହରର ପାଣିଶାଳିଆ, ଜଗତ୍‌ସିଂହପୁର ବ୍ଲକର ବାରଙ୍ଗ, ପୋକପୁର, ଖଇରଙ୍ଗ, ବଟଶ୍ରୀକ୍ଷେତ୍ର ଆଦି ଏକାଧିକ ସ୍ଥାନରେ ରଥଯାତ୍ରା ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ମୁରୁଜ ରଥରେ ବିରାଜିଲେ ରିଘାଗଡ଼ର ଶ୍ରୀବଳଦେବଜୀଉ

**ରାଜନଗର, ୨୦।୬ (ଭାସ୍କର ରାଉତରାୟ)**

ଭିତରକନିକା ଜାତୀୟଉଦ୍ୟାନ ସଂଲଗ୍ନ ରିଘାଗଡ଼ସ୍ଥିତ ବହୁ ପ୍ରାଚୀନ ଶ୍ରୀବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ନିଆରା ଢଙ୍ଗରେ ବଡ଼ପଣ୍ଡା ଓ ସେବାୟତମାନେ ପାଳନ କରିଛନ୍ତି। ଏଠାରେ ଶ୍ରୀବଳଦେବଜୀଉ ସାନଭାଇ ଶ୍ରୀଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କ ସହ ରଥରେ ବିରାଜମାନ ନ କରି ମୁରୁଜ ରଥରେ ବିଜେ କରିଥାନ୍ତି। କାହିଁ କେଉଁ କାଳରୁ ଏହି ପ୍ରଥା ପ୍ରଚଳିତ ହୋଇଆସୁଛି। ବିରାଟକାୟ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମୁରୁଜ ରଥରେ ଦେଖିବାକୁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ବଡ଼ପଣ୍ଡା ଓ ସେବାୟତମାନେ ରଥଯାତ୍ରାର ପରମ୍ପରା ଅନୁଯାୟୀ ପହଣ୍ଡି ବିଜେ ସହ ବିଭିନ୍ନ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମୁରୁଜ ରଥରେ ସ୍ଥାପନ କରିଛନ୍ତି। ଏହି ବିରଳ ଓ ସ୍ୱତନ୍ତ୍ର ରଥଯାତ୍ରା ପାଇଁ ରିଘାଗଡ଼ର ଶ୍ରୀବଳଦେବଜୀଉ ଶ୍ରଦ୍ଧାଳୁଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ଦର୍ଶନ ଦେଇ ଆସୁଛନ୍ତି।


ମୁରୁଜ ରଥରେ ଚତୁର୍ଦ୍ଧା ମୂର୍ତ୍ତି।

# ଖଣି ଅଞ୍ଚଳରେ ରଥଯାତ୍ରା

**କାଳିଆପାଣି, ୨୦।୬(ଅସିତ ମହାନ୍ତ):**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଖଣି ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଣି ଅଞ୍ଚଳର ଟାଟା କଲୋନୀ ପରିସରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ କମ୍ପାନୀ କର୍ମଚାରୀମାନେ ସମସ୍ତ ଦାୟିତ୍ୱ ନିର୍ବାହ କରୁଥିବାବେଳେ ଚଳିତ ବର୍ଷ ସ୍ଥାନୀୟ ଲୋକଙ୍କୁ ସାମିଲ କରିଥିଲେ। ଲୋକେ ଟାଟା ଷ୍ଟିଲ ମାଇନିଂ କମ୍ପାନୀ ସହ ମିଳିତହୋଇ ଶ୍ରୀଗୁଣ୍ଡିଚା ଯାତ୍ରା ସମାପନ କରିଛନ୍ତି। ଖରା ପ୍ରକୋପ ଜୋର ରହିଥିବାଯୋଗୁ ନିର୍ଘଣ୍ଟ ସମୟଠାରୁ ବହୁ ବିଳମ୍ବରେ ରଥଟଣା ହୋଇଥିଲା। ଛେରା ପହଁରା ପରେ ଅପରାହ୍ନ ୫ଟା୩୦ରେ ମନ୍ଦିରରୁ ୩ ଠାକୁର ବାହାରି ରଥରେ ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତାଦେଇ ଟାଟା ଷ୍ଟିଲ୍ ମାଇନିଂ କଲୋନୀ ପରିସରରେ ଥିବା ମାଉସୀ ମା'ମନ୍ଦିରରେ ରାତି ୭ଟାରେ ପହଞ୍ଚିଥିଲେ। ଗୁଲୁଗୁଲି ଭକ୍ତଙ୍କ ସମାଗମ କମ୍ ରହିଥିଲା। ଟାଟା ଷ୍ଟିଲ ମାଇନିଂର ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ସହ ମୁଖ୍ୟ ସଞ୍ଜିବ ସାହୁ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ସାମ୍ବାଦିକ ରବିନାରାୟଣ କର, ଅସିତ ମହାନ୍ତ, କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ଏସ୍ଆଇ ସୁଦାମ ନନ୍ଦିଙ୍କ ସହ ଥାନାର ସମସ୍ତ କର୍ମଚାରୀ ଓ ଟାଟା ଷ୍ଟିଲ ମାଇନିଂର ନିରାପତ୍ତା ରକ୍ଷୀ ମୁଖ୍ୟ ଅଞ୍ଜନା ତିୱାରୀଙ୍କ ନେତୃତ୍ୱରେ ବହୁ ନିରାପତ୍ତା ରକ୍ଷୀ ଏଥିରେ ସାମିଲ ହୋଇଥିଲେ।


ଟାଟା କଲୋନି ପରିସରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ରଥଦାଣ୍ଡ

**ରସୁଲପୁର, ୨୦।୬(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ରଥଯାତ୍ରା ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ରଥ ଟାଣିବା ସହ ଜୟଜଗନ୍ନାଥ ଧ୍ୱନିରେ ରଥ ଦାଣ୍ଡ କମ୍ପାଇଛନ୍ତି। ପାଗ ଅନୁକୂଳ ଥିବାରୁ ଭକ୍ତଙ୍କ ସମାଗମରେ ରଥଦାଣ୍ଡ ପୁରି ଉଠିଥିଲା। ବ୍ଲକ୍ ଅଧୀନ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମର ରଥଯାତ୍ରା ବହୁ ପୁରୁଣା। ଏଠାରେ ପ୍ରଭୁଙ୍କ ନୀତିକାନ୍ତିକୁ ସଅଳ ସମ୍ପନ୍ନ କରାଯିବା ପରେ ତିନି ଠାକୁରଙ୍କୁ ପହଁଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଥିଲା। ପରେ ଭକ୍ତମାନେ ରଥକୁ ଟାଣି ଆଣି ମାଉସୀ ମା' ମନ୍ଦିରରେ ପହଞ୍ଚାଇଥିଲେ। ରଥ ପହଞ୍ଚିବା ପୂର୍ବରୁ ବାଟରେ ଅଟକି ଥିଲା। ମାନସିକ ଧାରୀ, ଭକ୍ତ ଓ ଶ୍ରଦ୍ଧାଳୁ ରଥରେ ପୂଜା ଅର୍ଚ୍ଚନା କରିବା ପରେ ସନ୍ଧ୍ୟାରେ ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ମାଉସୀ ମା'ଙ୍କ ଘରକୁ ନିଆଯାଇଥିଲା। ସେହିପରି ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମ ଜଗନ୍ନାଥ ମନ୍ଦିରରୁ ରଥ ବାହାରି କୁଆଖିଆ ବଜାର ପରିକ୍ରମା କରିବା ସହ ହରିପୁର ରୋଡର ମାଉସୀ ମା'ଙ୍କ ମନ୍ଦିର ସମ୍ମୁଖରେ ଅଟକିଥିଲା। ବାହାଦଲାପୁର ପଞ୍ଚାୟତସ୍ଥିତ ସୁଧର୍ମାମଠରୁ ରଥ ବାହାରି ଗାଁ ପରିକ୍ରମା କରିଥିଲା। ନରସିଂହପୁର ପଞ୍ଚାୟତର ହରିପୁର ଜଗନ୍ନାଥମଠରୁ ରଥ ବାହାରି ୨୦ ନଂ. ଜାତୀୟ ରାଜପଥ ଦେଇ ଗୋବିନ୍ଦପୁରସ୍ଥିତ ମାଉସୀ ମା'ମନ୍ଦିର ନିକଟରେ ପହଞ୍ଚିଥିଲା। ବାରବାଟୀ ପଞ୍ଚାୟତର ବେତଣ୍ଡାସ୍ଥିତ ଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଛି। ସିଂହାପୁର ପଞ୍ଚାୟତର ଜଗନ୍ନାଥପୁର ଜଗନ୍ନାଥ ମନ୍ଦିରରୁ ତିନି ଠାକୁର ବାହାରି ରଥାରୂଢ଼ ହୋଇ ମାଉସୀ ମା'ଘରକୁ ଆସିଥିଲେ। ଏହିଭଳି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି। ଭକ୍ତ ପ୍ରଭୁଙ୍କ ନିକଟରେ ନିଜକୁ ସମର୍ପଣ କରିଛନ୍ତି। ମନ୍ଦିର ପରିଚାଳନା କମିଟିଗୁଡ଼ିକ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାରେ ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଯୁବକ ସଂଘଗୁଡ଼ିକ ପକ୍ଷରୁ ସହାୟତା କରାଯାଇଛି।


ମାଉସୀମା' ମନ୍ଦିର ଅଭିମୁଖେ ଇଚ୍ଛାପୁର ଗ୍ରାମର ରଥ।

# କୋରାବନ୍ଧୀ ଗ୍ରାମରେ ଘୋଷଯାତ୍ରା

**ରଗଡ଼ି, ୨୦।୬(ଯତିଶ କୁମାର)**

କୋରେଇ ବ୍ଲକ ଅନ୍ଧାରି ପଞ୍ଚାୟତର କୋରାବନ୍ଧୀ ଗ୍ରାମରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶାନ୍ତନୁ କୁମାର କର ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିବା ପରେ କରୁଣାକର ଆଚାର୍ଯ୍ୟ, ଭାଗିରଥି କର, ରଞ୍ଜନ କୁମାର ପଣ୍ଡା, ଚିତ୍ତରଞ୍ଜନ ନନ୍ଦ, ମାନସ ତ୍ରିପାଠୀ ଓ ସୁରେନ୍ଦ୍ର ପଣ୍ଡା ପ୍ରମୁଖ ତିନି ଠାକୁରଙ୍କ ପହଣ୍ଡି ବିଜେ କରି ରଥା ରୂଢ଼ କରିଥିଲେ। ଗ୍ରାମର ଶତାଧିକ ଭକ୍ତ ରଥ ଟାଣି ବେଲବାହାଳିସ୍ଥିତ ଠାକରୁଙ୍କ ମାଉସୀ ଘର ଉମାକାନ୍ତ କରଙ୍କ ମନ୍ଦିରକୁ ନେଇଯାଇଥିଲେ। ଜଗନ୍ନାଥ ମନ୍ଦିର ଦାୟିତ୍ୱରେ ଥିବା ପର୍ଶୁରାମ କରଙ୍କ ପୁତ୍ର ବସନ୍ତ କୁମାର କରଙ୍କ ତତ୍ତ୍ୱାବଧାନରେ ୩ ଠାକୁରଙ୍କ ନୀତି ସମାପିତ ହୋଇଥିଲା। ଗ୍ରାମର କୀର୍ତ୍ତନମଣ୍ଡଳୀ, ଘଣ୍ଟ, ଘଣ୍ଟା ଓ ହୁଳହୁଳି ଶବ୍ଦରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।



# ଶ୍ରୀଜୀଉଙ୍କୁ ଦର୍ଶନ କରି ଭକ୍ତ ଆତ୍ମହରା

**ନୟାଗଡ଼,୨୦।୬ (ଲୋକନାଥ ମିଶ୍ର)**



ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣୁଛନ୍ତି ।

ରଥଯାତ୍ରାରେ ସାମିଲ ହୋଇ ରଥ ଟାଣିବାର ସୁଯୋଗ ପାଇ ଆତ୍ମହରା ହୋଇ ଉଠିଛନ୍ତି ଭକ୍ତ। ଭକ୍ତଙ୍କ ହୁଳହୁଳି ଓ ହରିବୋଲରେ ନୟାଗଡ଼ର ବଡଦାଣ୍ଡ ଆଧାତ୍ମିକ ପରିବେଶରେ ଉଚ୍ଛୁଳି ଉଠିଥିଲା । ନୟାଗଡ଼ ପୁରୁଣାସହରଠାରେ ବିଜେ ଜଗନ୍ନାଥଙ୍କର ଘୋଷଯାତ୍ରା ଅବସରରେ ମଙ୍ଗଳବାର ସକାଳୁ ଠାକୁରଙ୍କ ମଙ୍ଗଳ ଆଳତି, ନୀତି ସ୍ନାନ, ବଲ୍ଲଭ, ସୂର୍ଯ୍ୟପୂଜା, ରୋଷଭୋଗ କରାଯିବା ପରେ ପୂର୍ବାହ୍ନ ୯ଟାରେ ରଥ ପ୍ରତିଷ୍ଠା କରାଯାଇଥିଲା । ସାଢ଼େ୧୦ ଟାରେ ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ ହୋଇଥିଲା । ହଜାର ହଜାର ଭକ୍ତଙ୍କ ଗହଣରେ ରାଜା ରାମେଶ୍ୱର ପ୍ରସାଦ ସିଂହଙ୍କ ଦ୍ୱାରା ଦିବା ସାଢ଼େ ୨ଟାରେ ଛେରାପହଁରା କାର୍ଯ୍ୟ ସମାପନ ହୋଇ ଅପରାହ୍ନ ସାଢ଼େ ୩ଟାରେ ରଥଟଣା ନୀତି ସମ୍ପନ୍ନ ହୋଇଥିଲା । ତେବେ ଜଗନ୍ନାଥଙ୍କ ରଥ ଟଣାବେଳେ ଗୋଟିଏ ସ୍କୁଟି ଓ ବାଇକ ଉପରେ ମାଡି ଯାଇଥିଲା । ରଥ ତଳେ ଆଡି ପକା ଯାଇଥିଲେ ମଧ୍ୟ ରଥ ବଙ୍କା ହୋଇ ମାଡି ଚାଲିଥିଲା । ଉଭୟ ଯାନର ଅଳ୍ପ କ୍ଷତି ହୋଇଛି । ରାସ୍ତା କଡରେ ବାଇକ୍ ରଖିବାକୁ ବାରଣ କରାଯାଇଥିଲା । ହେଲେ କେତେଜଣ ଅମାନିଆ ଚାଳକଙ୍କ ଯୋଗୁ ରଥ ଦୁର୍ଘଟଣା ହୋଇଛି । ତେବେ ଚଳିତ ବର୍ଷ ରାସ୍ତା କଡରେ ବାଇକ ରଖିବା ହ୍ରାସ ପାଇଛି । ଏଣୁ ଜଗନ୍ନାଥଜୀଉଙ୍କ ନନ୍ଦିଘୋଷ ରଥ ପୁରୁଣା ସହରର ଷ୍ଟେଟ ବ୍ୟାଙ୍କ ଏଟିଏମ ପାଖରେ ଅଟକି ଯିବାରୁ ନବନାଲ ମଠ ନିକଟକୁ ଯାଇପାରିନାହିଁ । ଅନ୍ୟପକ୍ଷେ ଭକ୍ତମାନେ ବଳଦେବଜୀଉଙ୍କ ତାଳଧ୍ୱଜ ରଥକୁ ଗୁଣ୍ଡିଚା ମନ୍ଦିର ନିକଟରେ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ହନୁମାନ ଛକରେ ଟାଣି ରଖିଛନ୍ତି । ଡାହୁକର ଅଶ୍ଳୀଳ ଗୀତ ଚଳିତ ବର୍ଷ ବନ୍ଦ ରହିଛି ।

ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ତଥା ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ଶକ୍ତିକାନ୍ତରାୟ ଓ ଅତିରିକ୍ତ ଏସ୍‌ପିଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା । ଆଇନଶୃଙ୍ଖଳା ପାଇଁ ୨ପ୍ଲାଟୁନ ଏପିଆର ଫୋର୍ସ, ୧ପ୍ଲାଟୁନ ସ୍ୱେଶାଲ ପୋଲିସ ଅଫିସର ଓ ରିକ୍ୟୁଡ୍ କନ୍‌ଷ୍ଟେବଲ, ୧ଜଣ ଡିଏସପି, ୪ଜଣ ଇନ୍ସପେକ୍ଟର, ଏସଆଇ, ହୋମଗାର୍ଡ ଓ ଏଏସଆଇ ନିୟୋଜିତ ହୋଇଥିଲେ । ଏ ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲାଯାଇ ଏଠାରେ ଖବରଦାତା ରାମକୃଷ୍ଣ ରଥ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶ୍ରୀଧର ମିଶ୍ର, କୈଳାଶ ବାଣ୍ଠ ଓ ସାରଙ୍ଗଧର ଇନ୍ଦ୍ରଜିତ୍, ଅଧ୍ୟାପିକା ପ୍ରିୟମ୍ବଦା ତ୍ରିପାଠୀ, ଶରତ ଆଚାର୍ଯ୍ୟ, ନିର୍ମଳ ଶୂରଦେଓ, ସଂକୀର୍ତ୍ତନ ଗାୟକ ବିଶ୍ୱନାଥ ପ୍ରଧାନ ପ୍ରମୁଖ ରଥଯାତ୍ରା ଉପରେ ଧାରାବିବରଣୀ ପ୍ରଦାନ କରିଥିଲେ । ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଉପସ୍ଥିତ ଥିଲେ ।

- **ମହିଳାମାନେ ଟାଣିଲେ ସୁଭଦ୍ରାଙ୍କ ରଥ**
- **ବାଇକ୍ ଉପରେ ଚଢ଼ିଗଲା ଜଗନ୍ନାଥଙ୍କ ରଥ**

# ଗୋଡିପଡ଼ାରେ ରଥଯାତ୍ରା



**ନୟାଗଡ଼,୨୦।୬ (ଲୋକନାଥ ମିଶ୍ର)**

ନୟାଗଡ, ରଣପୁର ଓ ଓଡଗାଁ ବ୍ଲକର ସୀମାନ୍ତ ଅଞ୍ଚଳ ଗୋଡିପଡାରେ ପୂଜା ପାଉଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି । ଦିନ ୧୧ଟାରେ ଭୋଗ ଓ ଧୂପ ସମ୍ପନ୍ନ ହେବା ପରେ ୩ଘଣ୍ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଦର୍ଶନ ନିମନ୍ତେ ସାହାଣମେଳା କରାଯାଇଥିଲା । ଦିବା ୨ଟାରେ ଶ୍ରୀଜୀଉମାନଙ୍କର ସେନାପଟା କରାଯିବାସହ ଟାହିଆ ବନ୍ଧା ଯାଇଥିଲା । ସାଢ଼େ ୨ଟାରେ ମଙ୍ଗଳାପଣ ଓ ରାଜଭେଟି କରାଯିବାପରେ ଘଣ୍ଟ, କାହାଳୀ, ବାଜା ଧ୍ୱନୀରେ ଜୀଉମାନଙ୍କର ବିଜେ କରାଯାଇଥିଲା । ମଙ୍ଗୁଳି ମହାପାତ୍ର ଛେରାପହଁରା କରିବାପରେ ଅପରାହ୍ନ ୫ଟାରେ ରଥ ଟଣା ହୋଇ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଛି । ପୂଜକ ଗଣେଶ୍ୱର ମିଶ୍ର ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ପୀଠରେ ୧୯୯୬ରୁ ଛୋଟଛୋଟ ପିଲାମାନେ ରଥଯାତ୍ରା କରିଆସୁଥିବାବେଳେ ମନ୍ଦିରରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଉଛନ୍ତି ମହନ୍ତସାହିର ଗ୍ରାମବାସୀ । ବଡତେଲିସାହି ଗ୍ରାମବାସୀ ଗୁଣ୍ଡିଚା ମନ୍ଦିରଠାରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଇଥାନ୍ତି । ସେହିପରି ଓଡଗାଁ ବ୍ଲକର ବଡଗୋରଡା, ଭାଲିଆଡିହି, ବାଉଁଶିଆ, ହରିହରପୁର, କୋତରଙ୍ଗ, ନୟାଗଡ ବ୍ଲକର ବଉଳସାହି, ରଣପୁର ବ୍ଲକର ତଲାରୀବନ୍ଧରେ ଏହି ଯାତ୍ରା ଅନୁଷ୍ଠିତ ହୋଇଛି । ସେହିପରି ନୟାଗଡ ସହରର ୪ ନଂ ୱାର୍ଡର ଆଖଣ୍ଡଳମଣି ସାହିରେ ବସ୍ତିପିଲାମାନେ ରଥ ଟାଣିଥିଲେ ।

# ଘୋଷଯାତ୍ରା ପାଇଁ ଖଣ୍ଡପଡ଼ା ଚଳଚଞ୍ଚଳ



ରଥଟଣା ପୂର୍ବରୁ ଛେରାପହଁରା କରାଯାଉଛି ।

**ଖଣ୍ଡପଡ଼ା,୨୦।୬ (ଅଜୟ କୁମାର ମହାରଣା)**

ଗଡଜାତ ଖଣ୍ଡପଡ଼ା ଅଞ୍ଚଳର ଖଣ୍ଡପଡା, ଖଳିସାହି, ମର୍ଦ୍ଦରାଜପୁର ଓ କୁମ୍ଭାରପଡା ଆଦି ୪ ସ୍ଥାନରେ ମଙ୍ଗଳବାର ଶ୍ରୀଜୀଉଙ୍କ ଘୋଷଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ସମୟରେ ପହଣ୍ଡି ବିଜେ ଓ ଛେରା ପହଁରା ହୋଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଶେଷ ଜନ ସମାଗମ ପରିଲକ୍ଷିତ ହୋଇ ନ ଥିଲା । ମାତ୍ର ରଥ ଟଣା ସମୟରେ ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିଲା । ଖଣ୍ଡପଡାରେ ୨ଟି ରଥ ବାହାରିଥାଏ । ଗୋଟିଏ ରଥରେ ରାଜ ପରିବାର ଦ୍ୱାରା ପ୍ରତିଷ୍ଠିତ ତଥା ପୂଜିତ ଏକକ ଜଗନ୍ନାଥ (ବଡ଼ ଜଗନ୍ନାଥ) ଓ ଦ୍ୱିତୀୟ ରଥରେ ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଥିବା ଶ୍ରୀରଘୁନାଥ ମନ୍ଦିରର ପାର୍ଶ୍ୱ ଠାକୁର ଭାବେ ବିରାଜିତ ତିନି ଠାକୁର ବିଜେ ହୋଇଥାନ୍ତି । ଉଭୟ ଠାକୁରଙ୍କ ସକାଳ ସେବା ନୀତି ଓ ମଧ୍ୟାହ୍ନ ଧୂପ ପରେ ସେନାପଟା ଲାଗି, ଛକଲାଗି କାର୍ଯ୍ୟ ସମ୍ପନ୍ନ ହେବା ପରେ ଠାକୁରମାନଙ୍କୁ ମନ୍ଦିର ବାହାରକୁ ଘୋଷଯାତ୍ରାରେ ଯିବା ପୂର୍ବରୁ ମଙ୍ଗଳାର୍ପଣ କରାଯାଇଥିଲା । ଅପରାହ୍ନ ୪ଟାରେ ବିଗ୍ରହମାନଙ୍କୁ ମନ୍ଦିରରୁ ପହଣ୍ଡି ବିଜେ କରାଯିବା ପରେ ରଥ ଚାରି ପାଖରେ ଛେରା ପହଁରା କାର୍ଯ୍ୟ ଶେଷ ହୋଇଥିଲା । ଖଣ୍ଡପଡ଼ା ରାଜପରିବାର ଦ୍ୱାରା ପରିଚାଳିତ ଏକକ ଜଗନ୍ନାଥଙ୍କ ରଥ ଓ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ରଥ ଚାରି ପାଖରେ ରାଜା ବିଭୁତି ଭୁଷଣ ସିଂ ମର୍ଦ୍ଦରାଜ ଛେରା ପହଁରା କରିଥିଲେ । ଚଳିତ ରଥଯାତ୍ରାରେ ରଥାରୁଢ ଦିଅଁଙ୍କୁ ଦର୍ଶନ ସହ ରଥ ଟାଣିବା ନିମନ୍ତେ ଶତାଧିକ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ସୂର୍ଯ୍ୟ ନଇଁବା ପୂର୍ବରୁ ସମସ୍ତ ରଥ ଗୁଣ୍ଡିଚା ମଣ୍ଡପରେ ପହଞ୍ଚି ଯାଇଥିଲେ । ଖଣ୍ଡପଡ଼ା ବଡ଼ ଦାଣ୍ଡରେ ଠାକୁରଙ୍କ ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା । ଘୋଷଯାତ୍ରା ସୁପରିଚାଳନାରେ ତହସିଲଦାର ଲିପ୍ସା ରାୟ, ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସହିତ ଦମକଳ ବାହିନୀ ଓ ଆମ୍ବୁଲାନ୍ସ ପ୍ରଭୃତି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ଖଣ୍ଡପଡା ଘରୋଇ ବସ ମାଲିକ ସଂଘ ପକ୍ଷରୁ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭକ୍ତ ମାନଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳ ଓ ଦହି ପଣାର ବ୍ୟବସ୍ଥା କରାଯାଇଥିଲା । ସେହିପରି ଖଳିସାହି ଜଗନ୍ନାଥ ମନ୍ଦିର, ମର୍ଦ୍ଦରାଜପୁର ଓ କୁମ୍ଭାରପଡ଼ାରେ ଅନୁଷ୍ଠିତ ଘୋଷଯାତ୍ରାରେ ଯଥାକ୍ରମେ ପବିତ୍ର କୁମାର ପୃଷ୍ଟି, ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ଗୋଚ୍ଛି ଓ ବିଜୟ କୁମାର ଦାଶ ପ୍ରମୁଖ ରଥ ଚାରି ପାଖରେ ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ । ଘୋଷଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଖଣ୍ଡପଡା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

# ଅପରାହ୍ନରେ ରଥାରୂଢ଼ ହେଲେ ଶ୍ରୀଜୀଉ



**ଶରଣକୁଳ,୨୦।୬(ଦୀପକ କର)**

ଶରଣକୂଳ ଲୁଡୁବାବାଙ୍କ ପୀଠରେ ମଙ୍ଗଳବାର ରଥଯାତ୍ରା ମହାଆଡମ୍ବର ସହକାରେ ସମ୍ପର୍ଣ୍ଣ ହୋଇଯାଇଛି । ପୂର୍ବାହ୍ନ ୧୧ଟାରେ ରଥ ପ୍ରତିଷ୍ଠା ଶେଷ ହୋଇଥିଲା । ଅପରାହ୍ନ ୪ଟାରେ ପ୍ରଭୁ ଜଗନ୍ନାଥ, ବଡ଼ ଭାଇ ବଳଭଦ୍ର ଓ ମା ସୁଭଦ୍ରାଙ୍କ ପହଣ୍ଡି ବିଜେ କରାଯାଇଥିଲା । ତିନି ଠାକୁରଙ୍କ ପହଣ୍ଡି ପରେ ମନ୍ଦିର ପରିଛା ତୋଷବନ୍ତ କର ୩ ରଥରେ ଛେରାପହଁରା କରିଥିଲେ । ନୀତିକାନ୍ତି ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ପ୍ରଥମେ ବଳଦେବ ଜୀଉଙ୍କ ତାଳଧଜ ରଥକୁ ଭକ୍ତମାନେ ଟାଣି ଥିଲେ, ସେହିପରି ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ପରେ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣିଥିଲେ । ଗୁଳୁଗୁଳିକୁ ଖାତିର ନ କରି ଭକ୍ତମାନେ ରଥକୁ ଟାଣି ନେଇଥିଲେ । ପରେ ତିନି ଠାକୁରଙ୍କୁ ଗୋଟି ପହଣ୍ଡି କରାଯାଇ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ଶରଣକୂଳ ଥାନା ଅଧିକାରିଣୀ ପୁଷ୍ପଲତା ବେହେରା ଆଇନଶୃଙ୍ଖଳା ବ୍ୟବସ୍ଥା ତଦାରଖ ସହ ଭିଡକୁ ନିୟନ୍ତ୍ରଣ କରିଥିଲେ ।

# ମାଉସୀ ମା'ଙ୍କ ମନ୍ଦିର ସମ୍ମୁଖରେ ପହଞ୍ଚିଲା ରଥ



**ଦଶପଲ୍ଲା,୨୦।୬(ପ୍ରକାଶ କୁମାର ପାଣି)**

ଦଶପଲ୍ଲାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଟଣା ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରରୁ ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥ ଉପରକୁ ଅଣାଯାଇଥିଲା । ରଥ ଉପରେ ଅପରାହ୍ନ ସାଢ଼େ ୩ଟାରେ ଦଶପଲ୍ଲା ରାଜା ଦିଗ ବିଜୟ ଚନ୍ଦ୍ର ଦେଓଭଞ୍ଜ ଛେରାପହଁରା କରିଥିଲେ । ଅପରାହ୍ନ ୪ଟାରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ହଜାର ହଜାର ଭକ୍ତ ଆନନ୍ଦ ଉଲ୍ଲାସରେ ରଥକୁ ଜଗନ୍ନାଥ ମନ୍ଦିର ଠାରୁ ତଳବଜାର ପର୍ଯ୍ୟନ୍ତ ଟାଣିନେଇ ଥିଲେ । ସନ୍ଧ୍ୟାପୂର୍ବରୁ ରଥ ତଳବଜାରସ୍ଥିତ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିଲା ।

# ୨ଘଣ୍ଟା ବିଳମ୍ବରେ ଟଣାହେଲା ରଥ

**ରଣପୁର,୨୦।୬(ସୁକାନ୍ତ କିଶୋର ଡାକୁଆ)**



ଛେରାପହଁରା ପାଇଁ ରାଜା ଆସୁଛନ୍ତି ।



ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି ।

ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୟାଗଡ଼ ଜିଲାର ରଣପୁର ଜଗନ୍ନାଥ ମନ୍ଦିରରୁ ଶ୍ରୀଜୀଉମାନେ ମାଉସୀ ମା' ମନ୍ଦିରକୁ ମଙ୍ଗଳବାର ଘୋଷ ଯାତ୍ରାରେ ବାହାରିଥିଲେ । ଏଥିପାଇଁ ସକାଳୁ ରଣପୁର ଦାଣ୍ଡ ଲୋକାରଣ୍ୟ ହୋଇ ଉଠିଥିଲା । ତିନି ରଥ ପ୍ରତିଷ୍ଠା କରାଯିବା ପରେ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ୨ ଘଣ୍ଟା ବିଳମ୍ବରେ ବାଜି ଥିଲା ବିଜେ କାହାଳୀ । ୧୧ଟାରେ ଆରମ୍ଭ ହୋଇଥିଲା ଠାକୁରମାନଙ୍କ ପହଣ୍ଡି ବିଜେ । ହରିବୋଲ, ହୁଳହୁଳି ଘଣ୍ଟନାଦ ଏବଂ ହରିନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଥିଲା ରଣପୁର ଜଗନ୍ନାଥ ମନ୍ଦିର ପରିସର । ମନ୍ଦିର ଛାଡି ଠାକୁରମାନେ ଆସିଥିଲେ ଦାଣ୍ଡକୁ । ଏହା ପରେ ଭକ୍ତ ଓ ଭଗବାନଙ୍କ ହେଲା ମହାମିଳନ । ଏହି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସେବାୟତଙ୍କ ଦ୍ୱାରା ଠାକୁରଙ୍କ ନୀତିକାନ୍ତିରେ ସାମାନ୍ୟ ଡେରି ହୋଇଥିଲା । ଫଳରେ ଦେବୋତ୍ତର ବିଭାଗ ତରଫରୁ ପ୍ରକାଶ କରାଯାଇଥିବା କାର୍ଯ୍ୟସୂଚୀଠାରୁ ୨ଘଣ୍ଟା ବିଳମ୍ବ ଅର୍ଥାତ୍ ଅପରାହ୍ନ ୩ଟାରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ସମସ୍ତ ନୀତିକାନ୍ତି ପରେ ଠାକୁରମାନେ ସିଂହଦ୍ୱାର ଛାଡିଥିଲେ ।

ପ୍ରଥମେ ସୁଦର୍ଶନଙ୍କୁ ଦେବଦଳନ ରଥରେ ବିଜେ କରିବା ପରେ ବଡ ଠାକୁର ଆସିଥିଲେ । ଦେବୀ ସୁଭଦ୍ରା ପହଣ୍ଡି ହୋଇ ରଥରେ ବିଜେ ହୋଇଥିଲେ । ପରେ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥ ରଥରେ ବିଜେ ହୋଇଥିଲେ । ପହଣ୍ଡି ଶେଷ ହେବା ପରେ ପରମ୍ପରା ଅନୁଯାୟୀ ରଣପୁର ରାଜା ଦିଲୀପ ଚନ୍ଦ୍ର ସିଂହଦେଓ ପାଲିଙ୍କି ଶୋଭାଯାତ୍ରାରେ ମନ୍ତ୍ରୀ ସେନାପତିଙ୍କ ସହିତ ରାଜଉଆସରୁ ଆସି ୩ ରଥରେ ଛେରା ପହଁରା କରିଥିଲେ । ଅପରାହ୍ନ ୧୨ଟାରେ ଛେରା ପହଁରା ପରେ ଅପରାହ୍ନ ଦୁଇଟାରେଟାରେ ତାଳଧ୍ୱଜ ରଥର ଚାର ଖୋଲା ହୋଇ ମାଳଘୋଡା ଲାଗି ହୋଇଥିଲା । ତିନି ରଥରେ ଛେରାପହଁରା କରିବାକୁ ବହୁ ଆଗରୁ ମନା କରୁଥିବା ରଣପୁର ରାଜା ବୁଧବାର ସପରିବାର ସକାଳୁ ରଣପୁର ଜଗନ୍ନାଥ ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ କରି ୩ ରଥରେ ଛେରାପହଁରା କରିବା ପାଇ ପୂଜକ ଓ ସେବାୟତମାନଙ୍କୁ କହିଥିଲେ । ଏହାପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଥିବା ସନ୍ଦେହ ଦୂର ହୋଇଥିଲା । ଯଦି ରାଜା ୩ ରଥକୁ ବୁଧବାର ଛେରା ପହରା କରି ନ ଥାନ୍ତି ତାହା ହେଲେ ୭ଶହ ବର୍ଷର ପରମ୍ପରା ଭାଙ୍ଗି ଥାଆନ୍ତା । ଅପରାହ୍ନ ସାଢେ ୩ଟାରେ ରଥ ଟଣା ଆରମ୍ଭ ହୋଇଥିଲା । ପ୍ରଥମେ ବଡ ଠାକୁରଙ୍କ ତାଳ ଧ୍ୱଜ ରଥକୁ ଭକ୍ତମାନେ ଟାଣି ନେଇ ମାଉସୀ ମା'ମନ୍ଦିର ନିକଟରେ ଥିବା ରଥ ଖଳାରେ ଲଗାଇଥିଲେ । ଏହାପରେ ମହିଳା ଭକ୍ତମାନେ କଡା ସୁରକ୍ଷା ମଧ୍ୟରେ ମା'ଦେବୀ ସୁଭଦ୍ରାଙ୍କ ରଥକୁ ଟାଣି ନେଇ ମାଉସୀ ମା' ମନ୍ଦିର ନିକଟରେ ଥିବା ରଥ ଖଳାରେ ଲଗାଇ ଥିଲେ । ସନ୍ଧ୍ୟା ହୋଇଯିବାରୁ ପ୍ରଶାସନ ତରଫରୁ ରଥ ଟଣା କାର୍ଯ୍ୟ ବନ୍ଦ କରାଯାଇଥିଲା । ବୁଧବାର ଜଗନ୍ନାଥ ରଥ ଟଣା ହୋଇ ମାଉସୀ ମା ମନ୍ଦିର ନିକଟରେ ଲଗାଯିବ । ଏହାପରେ ରାତିରେ ଠାକୁରମାନଙ୍କୁ ପହଣ୍ଡି ବିଜେ କରାଯାଇ ମାଉସୀ ମା ମନ୍ଦିରକୁ ବିଜେ କରାଯିବେ ବୋଲି ଦେବୋତ୍ତର ବିଭାଗ ଅଧିକାରୀ ଇପିଷ୍ଟିଟି ସାହୁ ପ୍ରକାଶ କରିଛନ୍ତି । ଏହି ରଥଯାତ୍ରାରେ ରଣପୁର ପୂର୍ବତନ ସମବାୟ ମନ୍ତ୍ରୀ ସୁରମା ପାଢୀ, ପୂର୍ବତନ ବିଧାୟକ ରବି ନାରାୟଣ ମହାପାତ୍ର, ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପାହି ପ୍ରମୁଖ ଉପସ୍ଥିତ ରହି ରଥ ଟାଣି ଥିଲେ । ନୟାଗଡ ଅତିରିକ୍ତ ଏସ୍‌ପି, ରଣପୁର ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ଆଇନ ଶୃଙ୍ଖଳା ତଦାରଖ କରିବା ସହିତ ରଥ ଟଣା ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ ।

- **ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଲା ତାଳଧ୍ୱଜ,ଦେବଦଳନ**
- **ସୁଭଦ୍ରାଙ୍କ ରଥକୁ ଟାଣିଲେ ମହିଳା, ୩ ରଥରେ ଛେରାପହଁରା କଲେ ରାଜା**

# ଭାପୁରରେ ରଥଯାତ୍ରା

**ଭାପୁର,୨୦।୬ (ଭରତ କୁମାର ବେହେରା):** ଭାପୁର ବ୍ଲକରେ ମଙ୍ଗଳବାର ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାପୁର ବ୍ଲକର ଭାପୁର ବଜାର ,ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗ୍ରାମ ଓ ପଦ୍ମାବତୀ ଗ୍ରାମରେ ଏହି ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଭାପୁର ବଜାରରେ ଏହି ରଥଯାତ୍ରାରେ ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି ନାରାୟଣ ଷଡ଼ଙ୍ଗୀ, ସୁରେଶ ଚନ୍ଦ୍ର ପଣ୍ଡା, ଆର୍ତ୍ତବନ୍ଧୁ ତ୍ରିପାଠୀ, ବଜ୍ରବନ୍ଧୁ ମିଶ୍ର, କେଲୁଚରଣ ନନ୍ଦ, ପିତବାସ ମହାପାତ୍ର, ରଘୁନାଥ ନନ୍ଦ ପ୍ରମୁଖ କରିଥିଲେ । ଛେରାପହଁରା କରିଥିଲେ ସାଧୁ ଚରଣ ସିଂ ଓ ଡାହୁକ ଥିଲେ ଜିତେନ୍ଦ୍ର କୁମାର ସାହୁ । ଅତିଥି ଭାବେ ମାଜିଷ୍ଟ୍ରେଟ ତହସିଲଦାର ଲଗ୍ନଜିତ ବେହେରା, ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣଜିତ୍ କୁମାର ମଲ୍ଲିକ, ଫତେଗଡ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା,ଭାପୁର ବଣିକ ସଂଘର ସଭାପତି କାର୍ତ୍ତିକ ନାୟକ ଓ ରଥଯାତ୍ରା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ଭାପୁର ଅଗ୍ନିଶମ ବିଭାଗ, ଡାକ୍ତର, ବିଦ୍ୟୁତ୍ ବିଭାଗର କର୍ମଚାରୀ ଓ ପୋଲିସ ବାହିନୀ ଉପସ୍ଥିତ ରହି ସମସ୍ତ ପ୍ରକାରର ସହଯୋଗ କରିଥିଲେ । ଭାପୁର ବଜାର ଅଟୋ ଡ୍ରାଇଭର ସଂଘ ଓ ଓଡ଼ିଶା ଡ୍ରାଇଭର ମହାସଂଘ ଭାପୁର ତରଫରୁ ସମସ୍ତ ଭକ୍ତମାନଙ୍କୁ ଘୋଳଦହି ପାନୀୟ ଓ ଖେଚେଡି ଭୋଗ ଖାଇବାକୁ ଦିଆଯାଇଥିଲା । ସୁନାଖଳା ଗ୍ରାମର ବହୁ ପୁରାତନ ରଥଯାତ୍ରାରେ ପୂଜକ ଥିଲେ ବିକଳି ଦାସ, ରାମଚନ୍ଦ୍ର ଦାସ ସନାତନ ଦାସ, ମାଧବ ଚନ୍ଦ୍ର ରଣା, କୁଞ୍ଜ ରଣା, ସୁରେଶ ଚନ୍ଦ୍ର ରଣା । ଛେରାପହଁରା କରିଥିଲେ କାଠିଆ ବରାଡ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗାୟତ୍ରୀ



@ ପ୍ରସନ୍ନ



@ ବିଟ୍ଲୁ



@ ସ୍ୱରୂପ



@ ଅଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ୨୨ ପରିବର୍ତ୍ତେ ୨୩ରେ କଳାହାଣ୍ଡି ଆସିବେ ନଡ୍ଡା

ଭୁବନେଶ୍ୱର, ୨୦।୬(ସୁନିତ୍ ମିଶ୍ର)


ଜେ.ପି. ନଡ୍ଡା

### ବାରମ୍ବାର ବଦଳୁଛି ଭାଜପା କେନ୍ଦ୍ରୀୟ ନେତାଙ୍କ କାର୍ଯ୍ୟକ୍ରମ ସୂଚୀ

ଭାଜପାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡ଼ିଶା ଆସିବାକୁ ଥିବା କେନ୍ଦ୍ରୀୟ ନେତାମାନଙ୍କ ଗସ୍ତ କାର୍ଯ୍ୟକ୍ରମରେ ବାରମ୍ବାର ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳୁଛି। ପ୍ରଥମେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଢେଙ୍କାନାଳ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ଗୁଜରାଟରେ ଲ୍ୟାଣ୍ଡଫଲ୍ କରିଥିବା ବାତ୍ୟା ବିପର୍ଯ୍ୟୟ ପାଇଁ ତାଙ୍କ ଗସ୍ତ ବାତିଲ ହୋଇଥିବା ସୂଚନା ଦିଆଯାଇଥିଲା। ଏହା ପୂର୍ବରୁ ମଧ ଶାହାଙ୍କ ଭଦ୍ରକ ଗସ୍ତ କାର୍ଯ୍ୟକ୍ରମ ଥିଲା, ହେଲେ ପରବର୍ତ୍ତୀ ସମୟରେ ବନ୍ଦ ହୋଇଥିବା ଜଣାପଡ଼ିଥିଲା। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଆସନ୍ତା ୨୨ରେ ଥିବା ସାଧାରଣ ସଭା କାର୍ଯ୍ୟକ୍ରମ ସୂଚୀରେ ପରିବର୍ତ୍ତନ ହୋଇଛି। ତାଙ୍କ ଓଡ଼ିଶା ଆସିବା ନେଇ ଦିଆଯାଇଥିବା ପୂର୍ବ ସୂଚନାରେ ଏବେ ପରିବର୍ତ୍ତନ ହୋଇଛି। ଶାହା ୨୨ ପରିବର୍ତ୍ତେ ୨୩ ତାରିଖରେ କଳାହାଣ୍ଡି ଯିବେ। ଅନିବାର୍ଯ୍ୟ କାରଣବଶତଃ ନଡ୍ଡାଙ୍କ ଗସ୍ତ ଗୋଟିଏ ଦିନ ଘୁଞ୍ଚାଇ ଦିଆଯାଇଥିବା କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି।

ବସନ୍ତ କହିଛନ୍ତି, ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୧ଟାରେ ନଡ୍ଡାଙ୍କ ସଭା ଅନୁଷ୍ଠିତ ହେବ। ଏହା ୨୨ ତାରିଖରେ ହେବାର ଥିଲା। ଏଥିଲାଗି ନଡ୍ଡା ୨୧ ତାରିଖ ରାତିରେ ଓଡ଼ିଶାରେ ପହଞ୍ଚିବାର ଥିଲା। ହେଲେ ଏବେ ସେ ୨୨ ରାତିରେ ଆସି ଝାରସୁଗୁଡ଼ାଠାରେ ପହଞ୍ଚିବେ। ଏହା ପରଦିନ ଭବାନୀପାଟଣା ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବେ। ସାଧାରଣ ସଭା ସରିବା ପରେ ସର୍କିଟ ହାଉସ୍‌ଠାରେ ବରିଷ୍ଠ ନାଗରିକଙ୍କୁ ତାଙ୍କର ଭେଟିବା କାର୍ଯ୍ୟକ୍ରମ ରହିଛି। ଏହାପରେ ଟାଉନ ହଲ୍‌ରେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନଡ୍ଡା ଭେଟିବେ ବୋଲି ବସନ୍ତ କହିଛନ୍ତି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ସାରା ଭାରତରେ ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ୯ ବର୍ଷ ମଧ୍ୟରେ ଦେଶରେ ଜାରି ରହିଥିବା ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତାକୁ ଭାଜପା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି କେନ୍ଦ୍ରୀୟ ନେତାମାନେ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଭାଜପା ଅଧ୍ୟକ୍ଷ କଳାହାଣ୍ଡି ଆସୁଛନ୍ତି ବୋଲି ବସନ୍ତ କହିଛନ୍ତି।


କର୍ନାଟକ ସରକାରଙ୍କ ଅନ୍ନ ଭାଗ୍ୟ ଯୋଜନାରେ କେନ୍ଦ୍ର ସରକାର ଚାଉଳ ଦେବାକୁ ମନାକରିଛନ୍ତି। ଏହାର ପ୍ରତିବାଦରେ ବେଙ୍ଗାଲୁରୁଠାରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ଏବଂ ଦଳୀୟ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସିନ୍ଧିଆ ଗଞ୍ଜା, ନରୋତ୍ତମ ମଶା: କଂଗ୍ରେସ

ଭୋପାଳ,୨୦।୬ : ମଧ୍ୟପ୍ରଦେଶ କଂଗ୍ରେସ ଉପାଧ୍ୟକ୍ଷ ଦାମୋଦର ଦାସ ଯାଦବଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି,ଯେଉଁଥିରେ ସେ କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ସେ ସିନ୍ଧିଆଙ୍କୁ ଗଞ୍ଜା ଏବଂ ନରୋତ୍ତମଙ୍କୁ ମଶା ବୋଲି କହିଛନ୍ତି। ଭାଇରାଲ ଭିଡିଓରେ ଦାମୋଦର କହୁଛନ୍ତି, ଆମେ ସିନ୍ଧିଆଙ୍କୁ ମହାରାଜ କରିଥିଲୁ, କିନ୍ତୁ ଏହା କଂଗ୍ରେସର ଭୁଲ ଥିଲା। ଏହି ବ୍ୟକ୍ତି ରାଜାଙ୍କ ସୈନ୍ୟବାହିନୀରେ ଯୋଗଦେବାକୁ ମଧ ଯୋଗ୍ୟ ନ ଥିଲେ। ମୁଁ ଭାଜପାକୁ କୃତଜ୍ଞତା ଜଣାଇବାକୁ ଚାହୁଁଛି, ସେମାନେ ତାଙ୍କୁ ଭାଇ ସାହେବ କରିଛନ୍ତି। ଆଉ ଗଞ୍ଜା ମଧ କରି ଦେଇଛନ୍ତି। ଏଥିସହିତ ସେ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କୁ ସମାଲୋଚନା କରି କହିଛନ୍ତି, ୨୫ ତାରିଖ ଦିନ ଦତିୟାରେ ମୋର ଯାତ୍ରା ଶେଷ କରିବି। ଆଉ ନରୋତ୍ତମଙ୍କ ରାଜନୀତି ମଧ ଶେଷ ହେବ। ଗୁଣ୍ଡାଗିରି କରୁଥିବା ଲୋକେ ଶୁଣ, ଆମେ ତୁମର ନରୋତ୍ତମକୁ ମଶା ବୋଲି ଭାବୁଛୁ ମାନେ ଅନ୍ୟମାନଙ୍କୁ ହେୟ ଜ୍ଞାନ କରୁଛୁ ବୋଲି ଦାମୋଦର କହିଛନ୍ତି।

# ଆର୍‌ଜେଡିରେ ବିଲୟ ହେବ ଜେଡିୟୁ: ସୁଶୀଲ ମୋଦି

ପାଟନା,୨୦।୬ : ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଜେଡିୟୁ ରାଜ୍ୟର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ସୁଶୀଲ କୁମାର ମୋଦି। ସେ କହିଛନ୍ତି, 'ଜେଡିୟୁ'ର ବିଲୟ ଆରଜେଡିରେ ହିଁ ହେବ । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କ୍ରମାଗତ ଭାବେ ଦୁର୍ବଳ ହେଉଥିବାରୁ ଏହି ଆଶଙ୍କା ବଢିଲାଣି। ତେଣୁ ତାଙ୍କ ଦଳର ବିଲୟ ଆରଜେଡିରେ ହେବା ନିଶ୍ଚିତ ହୋଇଛି। ଅପରପକ୍ଷରେ ଜେଡିୟୁର ୬ରୁ ଅଧିକ ଏମପି ଆମ ସହ ଯୋଗାଯୋଗରେ ଅଛନ୍ତି। କାରଣ ଆରଜେଡିରେ ବିଲୟ ହେବାର ଆଶଙ୍କା ମଧ୍ୟରେ ସେମାନେ ନିଜ ଭବିଷ୍ୟତକୁ ସୁରକ୍ଷିତ ମଣୁ ନାହାନ୍ତି। ଏଥିସହିତ ଚଳିତ ମାସ ୨୩ରେ ପାଟନାରେ ହେବାକୁ ଥିବା ବିରୋଧୀଙ୍କ ସଭା ସମ୍ପର୍କରେ ସୁଶୀଲ କହିଛନ୍ତି, ଏସବୁ ଦଳଗୁଡ଼ିକର ଜନସାଧାରଣଙ୍କ ସହ କୌଣସି ସମ୍ପର୍କ ନାହିଁ। ଯଦିଓ ଏହି ସବୁ ଦଳ ବିରୋଧୀ ଏକତା ବିଷୟରେ କହୁଛନ୍ତି, କିନ୍ତୁ ଯେତେବେଳେ ରାଜ୍ୟର ଅନ୍ୟ ଦଳଙ୍କୁ ସେମାନଙ୍କ ମତାନୁସାରେ ଆସନ ଦେବା କଥା ଉଠିବ ସେତେବେଳେ ସେମାନଙ୍କର ବାସ୍ତବତା ସାମ୍ନାକୁ ଆସିବ। ଗୋଟିଏ ପଟେ ସେମାନେ ବିରୋଧୀ ଏକତା ବିଷୟରେ କହୁଛନ୍ତି, ଅନ୍ୟପଟେ ବିରୋଧୀ ଦଳ ପରସ୍ପରକୁ ଦୁର୍ବଳ କରିବା ପାଇଁ କୌଣସି ସୁଯୋଗ ହାତ ଛଡା କରୁ ନାହାନ୍ତି। ଗଣତନ୍ତ୍ର ଏବଂ ସମାଜ ସହିତ ସେମାନଙ୍କର ସମ୍ପର୍କ ନାହିଁ ବୋଲି କହି ସୁଶୀଲ ତାଚ୍ଛଲ୍ୟ କରିଛନ୍ତି।

## Business

# ଆଇଏମ୍ଏମ୍‌ଟି ଭୁବନେଶ୍ୱର ସହ ଏଏମ୍ଏନ୍ଏସ୍ ଇଣ୍ଡିଆର ବୁଝାମଣା

ଭୁବନେଶ୍ୱର,୨୦।୬: (ଅଭୟ ଦାଶ)

ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ (ଏଏମ୍-ଏନ୍ଏସ୍) ଇଣ୍ଡିଆର ଓଡ଼ିଶା ୟୁନିଟ୍ ଏବଂ କେନ୍ଦ୍ରୀୟ ଗବେଷଣା ସଂସ୍ଥା ସିଏସଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱର ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ନିମ୍ନମାନର ଲୁହାପଥର ଓ ଲୁହାପଥର ପେଲେଟ୍ ପ୍ରକ୍ରିୟାକରଣ କ୍ଷେତ୍ରରେ ଗବେଷଣା ଓ ବିକାଶର ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଉକ୍ତ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି। ଏପରିକି ଏଏମ୍ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଆସେଟସ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ସୁରେଶ ଏବଂ ସିଏସଆଇଆର୍-ଆଇଏମ୍ଏମ୍‌ଟିର ଖଣିଜ ପ୍ରକ୍ରିୟାକରଣ ଓ ବ୍ୟବସାୟ ବିକାଶର ମୁଖ୍ୟ ବୈଜ୍ଞାନିକ ଡ. ଅଶୋକ ସାହୁଙ୍କ ଦ୍ୱାରା ଉକ୍ତ ଏମ୍ଓୟୁ ସ୍ୱାକ୍ଷର ହୋଇଛି।


ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଏବଂ ଏଏମ୍ଏନ୍ଏସ୍ ଇଣ୍ଡିଆ ମଧ୍ୟରେ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

ଏହି ପରିପ୍ରେକ୍ଷୀରେ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ଡ.ରାମାନୁଜ ନାରାୟଣ, ବୈଜ୍ଞାନିକ ଏଚ୍ ଏବଂ ଟିକେଡିଏଲ୍ ସିଏସ୍ଆଇଆର୍ ମୁଖ୍ୟ ଡ. ବିଶ୍ୱଜାନାନୀ, ନୂଆଦିଲ୍ଲୀ ବୈଜ୍ଞାନିକ ଏବଂ ସିଏସଆଇଆର୍-ଆଇଏମ୍ଏମ୍‌ଟି ଏବଂ ଏଏମ୍-ଏନ୍ଏସ୍ ଇଣ୍ଡିଆର ପାରାଦୀପ ୟୁନିଟ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଏସଆଇଆର୍-ଆଇଏମ୍ଏମ୍‌ଟି ଏମ୍‌ଡିର ପ୍ରମୁଖ ବୈଜ୍ଞାନିକ ସଚ୍ଚିଦାନନ୍ଦ ସାହୁ ଓ ଏଏମ୍ଏନ୍ଏସ୍ ଇଣ୍ଡିଆର ଗବେଷଣା ଓ ବିକାଶ ଉପପ୍ରବନ୍ଧକ ସୌମ୍ୟ ସାହୁ ସଂଯୋଜନା କରିଥିଲେ।

# ଇନ୍‌ଫିନିକ୍ସର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨୦।୬

ସ୍ମାର୍ଟଫୋନ୍ ବ୍ରାଣ୍ଡ ଇନ୍‌ଫିନିକ୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଉତ୍ପାଦ 'ନୋଟ୍ ୩୦ ୫ଜି'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ନୋଟ୍ ୩୦ ୫ଜିରେ ଆଇପିଏସ୍ ଏଲ୍‌ଟିପିଏସ୍ ୬.୭୮ ଇଞ୍ଚର ଫୁଲ୍ ଏଚ୍‌ଡି+ ୧୨୦ଏଚ୍‌ଜେଡ୍ ଆଇକେୟାର ଆମୋଲେଡ୍ ଡିସ୍‌ପ୍ଲେ ସହ ଟିୟୁଭି ରେନ୍‌ଲ୍ୟାଣ୍ଡ ଆଇକେୟାର ସାର୍ଟିଫିକେଶନ ସାମିଲ ରହିଛି। ସେହିଭଳି ୪୫ୱାଟ୍ ଟାଇପ୍ ସି ଚାର୍ଜିଂ ସହ ୫୦୦୦ମେଗା ଆମ୍ପିୟର ବ୍ୟାଟେରି, ୧୦୮ଏମ୍‌ପି ଟ୍ରିପଲ ରିୟର କ୍ୟାମେରା ଓ ୧୬ ଏମ୍‌ପି ଫ୍ରଣ୍ଟ କ୍ୟାମେରା, ରିୟର ଫ୍ଲାଶ୍, ଫ୍ରଣ୍ଟ ଡୁଆଲ ଫ୍ଲାଶ୍‌ଲାଇଟ୍, ଡୁଆଲ ଭ୍ୟୁ ଭିଡିଓ, ସୁପର ନାଇଟ୍ ମୋଡ୍, ସ୍କାଏ ରିମ୍ୟାପିଂ, ଏଆଇ କ୍ୟାମ୍ ବିୟୁଟି ଆଦି ଫିଚର ଉପଲବ୍ଧ। ଏପରିକି ନୂଆ ଆଣ୍ଡ୍ରଏଡ୍‌ଟିଏମ୍ ୧୩ ଅପରେଟିଂ ସିଷ୍ଟମରେ ପରିଚାଳନା କରୁଥିବା ନୋଟ୍ ୩୦ ୫ଜି ମିଡିଆଟେକ୍ ଡାଇମେନ୍‌ସିଟି ୬୦୮୦ ଚିପ୍‌ସେଟ୍ ଦ୍ୱାରା ସଶକ୍ତ ଏକ ପ୍ରିମିୟମ ଡିଭାଇସ୍। ଏହା ଉଚ୍ଚମାନର ଫଟୋ, ଭିଡିଓ, ମ୍ୟୁଜିକ୍ ଓ ଡକ୍ୟୁମେଣ୍ଟ ପାଇଁ ୧୬ ଜିବି ପର୍ଯ୍ୟନ୍ତ ରାମ୍ ଓ ୨୫୬ ଜିବିର ସର୍ବବୃହତ୍ ଷ୍ଟୋରେଜ୍ ସହ ସୁସଜ୍ଜିତ ରହିଛି। ଏ ସମ୍ପର୍କରେ ଇନ୍‌ଫିନିକ୍ସ ଇଣ୍ଡିଆର ସିଇଓ ଅନିଶ କପୁର କହିଛନ୍ତି, ଆମେ ଟେକ୍ନୋଲୋଜି ଓ ଉତ୍ପାଦ କ୍ଷେତ୍ରରେ ନିରନ୍ତର ଉଦ୍ଭାବନ ସହିତ ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

# ସାମ୍‌ସଙ୍ଗର ସଲ୍‌ଭ ଫର୍ ଟୁମରୋ

ଭୁବନେଶ୍ୱର,୨୦।୬




ସାମ୍‌ସଙ୍ଗ୍ ଇଣ୍ଡିଆର ଫ୍ଲାଗ୍‌ଶିପ୍ ଯୁବ ଶିକ୍ଷା ଏବଂ ଅଭିନବ ପ୍ରତିଯୋଗିତା 'ସଲ୍‌ଭ ଫର୍ ଟୁମରୋ' ପାଇଁ ଶ୍ରେଷ୍ଠ ୩୦ଦଳର ନାମ ଘୋଷଣା କରାଯାଇଛି। ଏପରିକି ଉକ୍ତ ଦଳଗୁଡିକ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାର, ଓଡ଼ିଶା, ପଶ୍ଚିମବଙ୍ଗ, ହରିୟାଣା, ରାଜସ୍ଥାନ, ଆସାମ, ତେଲଙ୍ଗାନା, କର୍ନାଟକ, ତାମିଲନାଡୁ, କେରଳ, ଗୁଜରାଟ, ମହାରାଷ୍ଟ୍ର ଏବଂ ଦିଲ୍ଲୀ ସମେତ ଭାରତର ୧୫ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରତିଯୋଗୀମାନେ ପ୍ରତିନିଧିତ୍ୱ କରୁଛନ୍ତି। ଉକ୍ତ ଶ୍ରେଷ୍ଠ ୩୦ ଟିମ୍ ମଧ୍ୟରେ ୪୪% ଶିକ୍ଷା ଏବଂ ଶିକ୍ଷଣ ବିଷୟବସ୍ତୁ, ୨୩% ପରିବେଶ ଏବଂ ନିରନ୍ତରତା, ୨୦% ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣ ଏବଂ ୧୩% ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ସେମାନଙ୍କର ଆଇଡିଆକୁ ଉପସ୍ଥାପନ କରିଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ପ୍ରତିଯୋଗିତା ୧୬ ରୁ ୨୨ବର୍ଷ ବୟସ୍କଙ୍କ ମଧ୍ୟରେ ୪ଟି ଥିମ୍ 'ଶିକ୍ଷା-ପଠନ, ସ୍ୱାସ୍ଥ୍ୟ-ସୁସ୍ଥତା, ପରିବେଶ-ନିରନ୍ତରତା ଏବଂ ବିବିଧତା- ଅନ୍ତର୍ଭୁକ୍ତୀକରଣ ସମସ୍ୟାର ସମାଧାନ ପାଇଁ ଆମନ୍ତ୍ରଣ କରାଯାଇଥିଲା। ସେହିଭଳି ସଲ୍‌ଭ ଫର୍ ଟୁମରୋ-୨୦୨୩ ଜରିଆରେ ଦେଶର ବିଭିନ୍ନ ଦଳ ଭାରତ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ଓ ସେମାନଙ୍କର ଅଭିନବ ଚିନ୍ତାଧାରାକୁ ଏକ ବିଶେଷଜ୍ଞ ଟିମ୍‌ଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଭାରତର ନୂତନତ୍ୱ ଏବଂ ଉଦ୍ୟୋଗୀ ମନୋଭାବର ପ୍ରତୀକ ଭାବେ ୫୦୦ ସହର, ଟାଉନ ଏବଂ ଗ୍ରାମର ଯୁବକମାନଙ୍କଠାରୁ ୭୦,୦୦୦ରୁ ଅଧିକ ପଞ୍ଜୀକରଣ ଗ୍ରହଣ କରାଯାଇଥିଲା। ଏ ସମ୍ପର୍କରେ ସାମ୍‌ସଙ୍ଗ୍ ଦକ୍ଷିଣ-ପଶ୍ଚିମ ଏସିଆର କର୍ପୋରେଟ୍ ଭାଇସ୍ ପ୍ରେସିଡେଣ୍ଟ ହ୍ୱାନ୍ କିମ୍ କହିଛନ୍ତି, ଆମେ ଆମର ଯୁବକମାନଙ୍କ ଶକ୍ତି ବ୍ୟବହାର କରିବାରେ ବିଶ୍ୱାସ କରୁ, ଯାହା ସକାରାତ୍ମକ ସାମାଜିକ ପରିବର୍ତ୍ତନ ଆଣିବା ପାଇଁ ବେଶ୍ ସହାୟକ ହୋଇଥାଏ। ଏପରିକି ଆମର ଫ୍ଲାଗ୍‌ଶପ୍ ସିଏସ୍ଆର୍ ପ୍ରୋଗ୍ରାମ ସାମ୍‌ସଙ୍ଗ୍ ସଲ୍‌ଭ ଫର୍ ଟୁମରୋ ଦେଶର ଯୁବକମାନଙ୍କ ମନରେ ନୂତନତ୍ୱର ଉତ୍ସାହକୁ ବିକଶିତ କରିବା ସହିତ ସେମାନଙ୍କର ଦକ୍ଷତା ଏବଂ କ୍ଷମତା ରହିଥାଏ ବୋଲି ସେ ମତପ୍ରକାଶ କରିଛନ୍ତି।


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-994

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.
File No.BBSR File No.BBSR/ELECT/E-4419/23-24/---1428 Date:17.06.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Installation, Testing & Commissioning of Shifting of 11 KV 3 Ph-3wire (0.9 Km) OH Line & 3 Ph-4 wire (0.35 Km) LT OH Line for facilitating construction of road from Rajoda Road to Bamani Industrial Estate.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid Id No. BBSR/ ELECT/ e--12/23-24 | 17.00 Hours of 26.06.2023 | 17.00 Hours of 04.07.2023 |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

OIPR-14003/11/0082/2324 Sd./- Divisional Head (Elect), IDCO, Bhubaneswar

OFFICE OF THE
**NOTIFIED AREA COUNCIL, KESINGA**
No. 1498/NAC(K) Dt.17.06.2023

**TENDER CALL NOTICE**

No. C-600: N.A.C., Kesinga invites tender from experienced, competent and eligible bidders in envelope system for conducting Hydrographic and Drone survey for "Rejuvenation of Water Bodies" under the jurisdiction of Kesinga NAC as per scheduled available in the NAC office on payment of Rs.600/- (Non-refundable) separately for Bathymetric and Drone Survey on production of Demand Draft drawn in any Nationalized Bank should be in favour of Executive Officer, N.A.C., Kesinga. The tender scheduled will be available in the NAC office from 17.06.2023 to 27.06.2023 and the same shall be received on 28.06.2023 upto 05 P.M. by Regd./Speed Post. The technical bid shall be opened on 29.06.2023 at 11 A.M. and on the same day Financial Bid will be opened at 12 Noon at NAC Office, Kesinga. Other terms and conditions can be seen in the tender scheduled. The authority reserves the right to reject any one or all of the quotations without assigning any reason thereof.

Sd./- 17.06.2023
Executive Officer, N.A.C., Kesinga
OIPR-13109/11/0011/2324

Government of Odisha "e" Procurement Notice No.MM-62:
NANDANKANAN
**OFFICE OF THE DEPUTY DIRECTOR NANDANKANAN ZOOLOGICAL PARK**
**Bid Identification No.e-12/DD/NKN of 2023-24**

1. Name of the Work : Building Work 01 No.
2. Estimate Cost : Rs.24,99,956.00
3. Period of Completion : 03 (Three Calendar Months)
4. Date & Time of availability of the Bid documents in the Portal : 10.00 AM of 20.06.2023 to 5.00 PM of 29.06.2023
5. Last date/Time of receipt of the bid in Portal : 29.06.2023 upto 5.00 PM
6. Date of Opening : 30.06.2023 at 11.00 AM
7. Name and Address of the Office : Office of the Deputy Director Nandankanan Zoological Park

Further any amended/cancellation/retender/corrigendum details can be seen from the e-procurement portal "https://tendersorissa.gov.in.

Sd./- Deputy Director Nandankanan Zoological Park
OIPR-08070/11/0004/2324

**WATER AND LAND MANAGEMENT INSTITUTE**
(An Autonomous Training Institute under DOWR, Govt. of Odisha)
Pratapnagari, Telengapentha, Cuttack, Odisha, PIN - 754001
Email Id: walmi_orissa@rediffmail.com
Website: www.walmiodisha.com or www.walmiodisha.org

**ENGAGEMENT OF SPECIAL COUNSEL / LEGAL RETAINER IN WALMI, ODISHA**

No. A-252: Applications in prescribed format are invited from the eligible Advocates practising in High Court of Orissa & duly enrolled under Odisha State Bar Council to be engaged as Special Counsel/Legal Retainer for WALMI having minimum experience of 15 years practice at High Court of Orissa. The selection of Special Counsel/legal Retainer will be purely on merit basis prescribed in the qualifying criteria.
The prescribed format of application, qualifying criteria, other terms & conditions can be downloaded from the WALMI website: **www.walmiodisha.com** or **www.walmiodisha.org** on or before 05.07.2023.
The application along with required documents will be received through Speed Post/Registered Post addressed to the Deputy Director, WALMI, Pratapnagari, Cuttack, PIN - 754001 from 21.06.2023 to 05.07.2023 upto 5.30 P.M. & will be opened on 06.07.2023 at 11.30 A.M.
Any Addendum/Corrigendum/Cancellation will be available in the said website. The authority reserves the right to accept/reject any or all applications without assigning any reason thereof.

Sd./- Deputy Director, WALMI
OIPR-32228/11/0001/2324

OHPC
**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO:BARINIPUT, DIST:KORAPUT-764006, PHONE:06854-242001, FAX:06854-242038
E-mail:sgmel_ukhep@ohpcltd.com,CIN:U40101OR1995SGC003963
E-Tender NOTICE No.UKHEP-04/2023-24, Dated:17.06.2023

**No.CAD-996:**The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Single Cover System in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) | Cost of Bid Document | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Weather coat painting with minor repair works to residential & non residential buildings of Bariniput Colony, UKHE Project, Bariniput | 8,99,757,17/- | 8998/- | 4720/- (Rs.4000+ 18% GST) | "C" & "D" Class | From 10.00 AM of 23.06.2023 to 13.00 Hrs of 03.07.2023 | At 11.30 Hrs. of 04.07.2023 |

1.The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/corrigendum/cancellation of tender can be seen in the same website.

OIPR-04002/11/0017/2324 Sd./- Unit Head, UKHEP, Bariniput

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**KHURDA IRRIGATION DIVISION, KHURDA**
**Dist:Khurda, Odisha-752056**
Tel/Fax:06755-296075, Mail Id:eekhurdairrigationdivision@gmail.com
**'e'-Procurement Notice No.KHD-03 OF 2023-24, Dtd.16.06.2023**

**No.A-248:**1. Name of the Work: 9 (Nine) nos. of Civil Work. 2. Tender Cost: Varies from Rs.4.181 Lakhs to 42.052 Lakhs. 3. Bid document Cost: Varies from Rs.2000/- to Rs.6,000/-. 4. Bid Security: Varies from Rs.4200/- to Rs.42100/-. 5. Class of Contractor: D, C & B. 6. Period of Completion: Varies from 2 (Two) to 6 (Six) Calendar Months. 7. Other details are as follows.

| Procurement Officer | Bid Identification No. | Availability of Tender Online for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD-03-01 of 2023-24 to KHD 03-09 of 2023-24 | 21.06.2023 at 11.00 A.M. | 27.06.2023 upto 5.30 P.M. | 28.06.2023 at 11.00 A.M. |

8. e-mail Id: eekhurdairrigationdivision@gmail.com
9. If required lottery may be held on 29.06.2023 at 3.00 P.M.
Further detail conditions can be seen from the Govt. website www.tendersodisha.gov.in.

OIPR-32078/11/0003/2324 Sd./- Superintending Engineer Khurda Irrigation Division, Khurda

OFFICE OF THE
**CHIEF ENGINEER, MEGA LIFT, BHUBANESWAR**
Plot No. A-8/2, Bhoinagar, Bhubaneswar, Odisha, PIN - 751022
E-Mail: cemlpwr.od@gmail.com

**Government of Odisha**
**"e" Procurement Notice**
**Bid Identification No. 8ML/2023-24**

No. A-251: Online open tender is invited for EPC Contract (Turn Key Basis) for Mega Lift, Odisha.
1. Name of Work: Execution of 5 Nos. of Lift Irrigation Shcemes with intake points on Indravati Reservoir having Command area between 500 Ha. to 2000 Ha. in **Cluster No. XXIV** in the district of Nabarangpur including its distribution network, upto 1 Ha. Chak having total planned Culturable Command Area of 9900 Ha. on "EPC-Turn Key" basis including power system connectivity and Operation & Maintenance of complete commissioned shcemes for fifteen years.
2. Period of Completion: 36 (Thirty-Six) Calendar Months including rainy season.
3. Date & time of availability of bid document in the portal: 22.06.2023, 10 A.M.
4. Last date/time for receipt of bids in the portal: 05.08.2023 upto 5.00 P.M.
5. Name & address of the Officer Inviting Bid: Chief Engineer, Megalift, A-8/2, Bhoi Nagar, Bhubaneswar, PIN - 751022

Further details can be seen from the e-procurement portal **"https://tendersodisha.gov.in"**.

Sd./- Chief Engineer, Megalift, Bhubaneswar
OIPR-32504/11/0015/2324



**ପୁରୀ ବଡ଼ଦାଣ୍ଡରେ ଜନସମୁଦ୍ର:** ତିନି ରଥ ଟାଣିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼।






ଶ୍ରୀକ୍ଷେତ୍ରରେ ବଳଭଦ୍ର, ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ସୁଦର୍ଶନଙ୍କୁ ପହଣ୍ଡି ବିଜେ କରାଯାଉଛି।



ପୁରୀ ଶ୍ରୀମନ୍ଦିର ସମ୍ମୁଖ ତିନି ରଥ ଆଗରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଶ୍ରୀକ୍ଷେତ୍ରରେ ରଥ ପ୍ରତିଷ୍ଠା ଠାକୁରଙ୍କୁ ପୂଜା ପାଇଁ ରଥ ଅଭିମୁଖେ ନିଆଯାଉଛି।



ବଡ଼ଦାଣ୍ଡରେ ଭକ୍ତଙ୍କୁ ଖରା ଦାଉରୁ ରକ୍ଷା କରିବା ପାଇଁ ପାଣି ସିଞ୍ଚନ କରାଯାଉଛି।



କେନ୍ଦୁଝର ରଥଦାଣ୍ଡରେ ଭକ୍ତଙ୍କ ଗହଣରେ ବଳଦେବଜୀଉଙ୍କ ରଥ।



କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି କରାଯାଉଛି।



ରଥାରୂଢ଼ ଶ୍ରୀଜୀଉଙ୍କୁ ଦେଖିବା ପାଇଁ ବାରିପଦାରେ ଶ୍ରଦ୍ଧାଳୁଙ୍କ ଭିଡ଼।



ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ୍‌ର ପାତାଳି ଶ୍ରୀକ୍ଷେତ୍ରରେ ଠାକୁରଙ୍କୁ ପହଣ୍ଡି କରାଯାଉଛି।



ବରଗଡ଼ର ଭଟ୍‌ଲିଠାରେ ଅନୁଷ୍ଠିତ ରଥଯାତ୍ରା।



କଟକ ଦୋଳମୁଣ୍ଡାଇରେ ରଥରୂଢ଼ ତିନି ଠାକୁର।

# ସୁସ୍ୱାସ୍ଥ୍ୟର ଚାବିକାଠି : ଯୋଗ



**ର**ବର୍ଟ ବେନ୍‌ସନ୍ ଥିଲେ ଆମେରିକାସ୍ଥିତ ହାର୍ଭାର୍ଡ ମେଡିକାଲ ସ୍କୁଲର ପ୍ରଫେସର। ନିଜର କେତେଜଣ ସହକର୍ମୀଙ୍କୁ ନେଇ ୧୯୮୫ ମସିହାରେ ସେ ପରିଦର୍ଶନ କରିଥିଲେ ଉତ୍ତର ଭାରତରେ ଥିବା ଏକ ତିବ୍ବତୀୟ ସନ୍ନ୍ୟାସୀ ଆଶ୍ରମ। ଆଶ୍ରମଟି ଅବସ୍ଥିତ ଥିଲା ହିମାଳୟର ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ। ସେଠାରେ କ'ଣ ଦେଖିଲେ ପ୍ରଫେସର ବେନ୍‌ସନ୍ ଓ ତାଙ୍କର ସହଗବେଷକମାନେ ? ସେମାନେ ଦେଖିଲେ ଯେ ଆଶ୍ରମର ସନ୍ନ୍ୟାସୀଗଣ ଗଭୀର ଭାବରେ ଧ୍ୟାନମଗ୍ନ। ବାହାରର ତାପମାତ୍ରା ଥିଲା ମାଇନସ ୨୦ ଡିଗ୍ରୀ ସେଲସିୟସ। ଅଥଚ ସନ୍ନ୍ୟାସୀମାନେ ନିଜ ଶରୀରକୁ ଆବୃତ୍ତ କରି ରଖିଥିଲେ ଓଦା ବସ୍ତ୍ରରେ। ୧୫,୦୦୦ ଫୁଟ ଉଚ୍ଚତାରେ ମଧ୍ୟ ସେମାନେ ବେଶ୍ ଶାନ୍ତି ଓ ଆରାମରେ ନିଦ୍ରା ଯାଉଥିଲେ। ପୁଣି ନିଦ୍ରା ଯାଉଥିଲେ ପଥର ଚଟାଣ ଉପରେ। ସେମାନଙ୍କର ଦେହରେ ଥିଲା କେବଳ ପତଳା ଶାଲ୍।

ତିବ୍ବତୀୟ ସନ୍ନ୍ୟାସୀମାନଙ୍କର ଏପରି ଅସାଧାରଣ ସାମର୍ଥ୍ୟ ବିସ୍ମିତ କରିପକେଇଥିଲା ବେନ୍‌ସନ୍‌ଙ୍କ ଗୋଷ୍ଠୀକୁ। ବେନ୍‌ସନ୍ ଉଲ୍ଲେଖ କରିଛନ୍ତି ଯେ ସନ୍ନ୍ୟାସୀମାନଙ୍କଠାରେ ଏଭଳି ଅନୁକୂଳ ଶାରୀରିକ ଓ ମାନସିକ ସାମର୍ଥ୍ୟ ସମ୍ଭବ ହୋଇଥିଲା ଯୋଗର ପ୍ରଭାବ ଯୋଗୁ। ପରବର୍ତ୍ତୀ ସମୟରେ ବେନ୍‌ସନ୍ ଯୋଗ ଓ ଧ୍ୟାନ ପଦ୍ଧତିକୁ ନିଜର ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଉତ୍କଣ୍ଠା ଓ ଉଦ୍‌ବେଗରେ ତଥା ନିଦ୍ରାହୀନତାରେ ପୀଡ଼ିତ ରୋଗୀଙ୍କଠାରେ ପ୍ରୟୋଗ କରି ବେଶ୍ ସୁଫଳ ପାଇଥିଲେ। ମାନସିକ ପ୍ରଶାନ୍ତି ଓ ଧ୍ୟାନ ଆଧାରିତ ଯୋଗ ଚିକିତ୍ସା ପଦ୍ଧତିର ଅନୁଧ୍ୟାନ ପ୍ରଫେସର ବେନ୍‌ସନ୍ କରିଥିଲେ ବୋଷ୍ଟନସ୍ଥିତ ମାଇଣ୍ଡ/ବଡି ଇନ୍‌ଷ୍ଟିଚ୍ୟୁଟ ବା ମନ/ଶରୀର ପ୍ରତିଷ୍ଠାନରେ। ତାଙ୍କ ଅନୁଧ୍ୟାନର ଫଳାଫଳ ଗବେଷଣା ପତ୍ରିକାଗୁଡିକରେ ପ୍ରକାଶ ପାଇବା ପରେ ପରେ ରୋଗ ଚିକିତ୍ସାରେ ଭାରତୀୟ ଯୋଗ ପଦ୍ଧତିର ପ୍ରୟୋଗ ବିଷୟରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକରେ ବିଶେଷ ଭାବରେ ଆଗ୍ରହ ପ୍ରକାଶ ପାଇଲା।

ମାତ୍ର ପ୍ରଶ୍ନ ଉଠେ, ଧ୍ୟାନ, ପ୍ରାଣାୟାମ, ଆସନ ଆଦି ଯୋଗ ପଦ୍ଧତିମାନ ରୋଗ ଆରୋଗ୍ୟ କରିବାରେ ସହାୟକ ହୋଇପାରୁଛି କିପରି ? ଆଚ୍ଛା କୁହନ୍ତୁ ତ, 'ଆପଣଙ୍କର ପରମ ଶତ୍ରୁ କିଏ ? ପୁଣି କିଏ ଆପଣଙ୍କର ପରମ ମିତ୍ର ? କୁହାଯାଉଛି ଯେ, ଆମ ମନ ହିଁ ଆମର ପରମ ଶତ୍ରୁ ଆଉ ସେହି ମନ ହିଁ ଆମର ପରମ ମିତ୍ର ମଧ୍ୟ। ମନଟା କାଁ ଭାଁ ସିନା ସ୍ଥିର, ଶାନ୍ତ ଓ ଏକାଗ୍ର, ମାତ୍ର ଅଧିକାଂଶ ସମୟରେ ଅସ୍ଥିର, ଅଶାନ୍ତ, ବିକ୍ଷିପ୍ତ, ବିଭ୍ରାନ୍ତ ତଥା ଅନ୍ୟମନସ୍କ। ସେଥିପାଇଁ ମନ ଉପରେ ଲଗାମ ଦେବା ମହାକଷ୍ଟ। କିନ୍ତୁ ମନକୁ ଶୃଙ୍ଖଳିତ ତଥା ନିୟନ୍ତ୍ରିତ କରି ନ ପାରିଲେ ଜୀବନରେ ଆଖିଦୃଶିଆ ଅଗ୍ରଗତି କରିବା ସମ୍ଭବ ନୁହେଁ।

କିଛି ବର୍ଷ ତଳେ ଟାଇମ୍ ମାଗାଜିନ୍ ଉଲ୍ଲେଖ କରିଥିଲା ଯେ ଏକବିଂଶ ଶତାବ୍ଦୀରେ ଜନସାଧାରଣଙ୍କର ସବୁଠାରୁ ମାରାତ୍ମକ ଶତ୍ରୁ ହେଉଛି ମାନସିକ ଚାପ ବା 'ଷ୍ଟ୍ରେସ୍'। ଏହି ଅତ୍ୟଧିକ ମାନସିକ ଚାପ ଯୋଗୁ ସମାଜରେ ବଢ଼ି ବଢ଼ି ଚାଲିଛି ଉଚ୍ଚ ରକ୍ତଚାପ ହାର। ଉଚ୍ଚ ରକ୍ତଚାପକୁ କୁହାଯାଉଛି 'ସାଇଲେଣ୍ଟ କିଲର' ବା ନୀରବ ହତ୍ୟାକାରୀ। ଭାରତରେ ଏହି ରୋଗରେ ଆକ୍ରାନ୍ତ ରୋଗୀମାନଙ୍କର ସଂଖ୍ୟା ପ୍ରାୟ ୧୦ କୋଟିରୁ ଅଧିକ। ହେଲେ ଏହାର ରହିଛି ଏକ ଅତି ସହଜ ତଥା ସରଳ ଆରୋଗ୍ୟ ପଦ୍ଧତି। ତାହା ହେଉଛି ପରମାନନ୍ଦ ବା ପରମ ସୁଖଦ ଅନୁଭବ।

ଶରୀର ଓ ମନ ଏତେ ଅଙ୍ଗାଅଙ୍ଗୀ ଭାବରେ ଯୁକ୍ତ ଯେ ଗୋଟିଏ ଉପରେ କୌଣସି ଏକ ପ୍ରଭାବ ସ୍ୱତଃ ଅନ୍ୟଟିକୁ ପ୍ରଭାବିତ କରିପକାଏ। ତେଣୁ ଯୋଗ କଲେ ମନ ଏକ ଉନ୍ନତ ପର୍ଯ୍ୟାୟକୁ ଉନ୍ନୀତ ହୋଇଯାଏ। ଫଳରେ ମନ ହୋଇଯାଏ ସମ୍ପୂର୍ଣ୍ଣ ପ୍ରଶାନ୍ତ। ମନ ପ୍ରଶାନ୍ତ ହେବା ସଙ୍ଗେ ସଙ୍ଗେ ଶରୀରର କୋଷଗୁଡିକରେ ମେଟାବୋଲିଜମ୍ ବା ଯୋପଚୟ ପ୍ରକ୍ରିୟା ହୋଇପଡେ ସମ୍ପୂର୍ଣ୍ଣ ମନ୍ଥର। ମନ୍ଥର ହୋଇଯାଏ ଶ୍ୱାସକ୍ରିୟାର ହାର। ନିସ୍ତବ୍ଧ ହୋଇଯାଏ ସ୍ନାୟୁତନ୍ତ୍ର।

ଧ୍ୟାନ କରିବା ସମୟରେ ଚିନ୍ତା ପ୍ରକ୍ରିୟାର ଉତ୍ତେଜିତ ଅବସ୍ଥା ପ୍ରଶମିତ ହୋଇ ଜାତ ହୋଇପଡେ ଜୀବକୋଷୀୟ ସନ୍ତୁଳନ ଅବସ୍ଥା ବା ସମାବସ୍ଥା। ସ୍ୱାସ୍ଥ୍ୟ ଉପରେ ଏହି ଅବସ୍ଥାର ପ୍ରଭାବ ଅତ୍ୟନ୍ତ ଅନୁକୂଳ। ସୁତରାଂ ଯୋଗ କଲେ ରକ୍ତଚାପ କମିଯାଏ। ହୃଦ୍‌ରୋଗ ଓ ଡାଇବେଟିସ୍‌ର ହାର ହ୍ରାସ ପାଏ। ଊଣା ହୋଇଯାଏ କ୍ରୋଧ ଓ ମାନସିକ ଚାପ।

ବେଳ ଥିଲା, ଯେତେବେଳେ ଶରୀର ଉପରେ ମନର ପ୍ରଭାବ ବିଷୟରେ ଚିକିତ୍ସକମାନଙ୍କୁ ବିଶେଷ କିଛି ଜଣା ନ ଥିଲା। ଏବେ କିନ୍ତୁ ଧାରଣା ଦୃଢ଼ୀଭୂତ ହେବାରେ ଲାଗିଛି ଯେ, ଶାରୀରିକ କ୍ରିୟାଗୁଡ଼ିକ ବହୁଳାଂଶରେ ପ୍ରଭାବିତ କରିଥାଏ ବ୍ୟକ୍ତିର ମନସ୍ତତ୍ତ୍ୱ। ମନ ଅସୁସ୍ଥ ହୋଇ ଉତ୍କଣ୍ଠିତ ତଥା ଉଦ୍‌ବିଗ୍ନ ରହିଲେ ତାହା ଅନେକ ରୋଗର କାରଣ ହୋଇପଡେ। ସେହି ସବୁ ରୋଗଗୋଷ୍ଠୀକୁ କୁହାଯାଏ ଶାରୀରିକ ବ୍ୟାଧି ବା 'ସାଇକୋ ସୋମାଟିକ୍ ଡିଜିଜେସ୍'। ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ପେପ୍‌ଟିକ୍, ଅଲସର, ଏକ୍‌ଜିମା, ସୋରିଆସିସ୍ ଇତ୍ୟାଦି ଜାତ ହେବା ମୂଳରେ ରହିଛି ମୁଖ୍ୟ ଭୂମିକା।

ସାଂପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଆଦୌ ଅନୁକୂଳ ହୋଇପାରୁନାହିଁ। ଫଳରେ ବଢ଼ି ବଢ଼ି ଚାଲିଛି ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବେଗ ତଥା ଦୀର୍ଘକାଳୀନ ଅଣସଂକ୍ରାମକ ଜୀବନଶୈଳୀ ରୋଗମାନ। ଏଭଳି ଦୁଃସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଯୋଗ ହିଁ ପ୍ରଧାନ ଅବଲମ୍ବନ। ବ୍ୟକ୍ତିଟିଠାରେ ରହିଥାଇପାରେ ଅସାଧାରଣ ଶାରୀରିକ ସାମର୍ଥ୍ୟ, ମାତ୍ର ଏହା ସହିତ ମାନସିକ ସ୍ତରରେ ତା'ପରେ ସନ୍ତୁଳନ ଅବସ୍ଥା ନ ଥିଲେ ତା'ର ଜୀବନ ହୋଇପାରେ ଅତ୍ୟନ୍ତ ଦୁର୍ବିଷହ।

ମନେରଖିବା ଉଚିତ ଯେ, ଶରୀର, ମନ ଓ ଆତ୍ମାର ପୂର୍ଣ୍ଣାଙ୍ଗ ତଥା ସୁସଙ୍ଗତ ବିକାଶରେ ଯୋଗ ସାଧନା ଖୁବ୍ ସହାୟକ ହୋଇଥାଏ। ସୁତରାଂ ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ। ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା। ଏହା ଆବଶ୍ୟକ କରିଥାଏ ନିୟମିତ ଅଭ୍ୟାସ, ଧୈର୍ଯ୍ୟ ଏବଂ ସମୟ। ନିୟମିତ ଯୋଗ କରିଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି।

ଯୋଗ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ଭାରତ ହିଁ ଯୋଗର ଜନ୍ମଭୂମି। ପ୍ରତିବର୍ଷ ଜୁନ୍ ୨୧କୁ 'ବିଶ୍ୱ ଯୋଗ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଦିବସ ପାଳନର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଯୋଗର ବିଭିନ୍ନ ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ସମ୍ପୂର୍ଣ୍ଣ ସୁସ୍ଥ ରହିବା ନିମନ୍ତେ ନିୟମିତ ଯୋଗ କରିବା ପାଇଁ ସେମାନଙ୍କୁ ପ୍ରେରଣା ପ୍ରଦାନ କରିବା।

-ଡା. ନିତ୍ୟାନନ୍ଦ ସ୍ୱାଇଁ
'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ, କଟକ,
ମୋ : ୯୪୩୭୭୬୬୧୧୭

## 'ବସୁଧୈବ କୁଟୁମ୍ବକମ୍' ଏ ବର୍ଷର ସ୍ଲୋଗାନ୍

**ସୁ**ସ୍ଥ ଶରୀର ଚାବିକାଠି ହେଉଛି ଯୋଗ। ଆଉ ଏ କ୍ଷେତ୍ରରେ ବର୍ତ୍ତମାନ ଭାରତର ଭୂମିକା ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ଚଳିତ ବର୍ଷ ଯୋଗ ଦିବସ ଅବସରରେ ଘୋଷିତ ସ୍ଲୋଗାନଟି ହେଉଛି 'ବସୁଧୈବ କୁଟୁମ୍ବକମ୍'। ଏହାର ଅର୍ଥ ଗୋଟିଏ ବିଶ୍ୱ, ଗୋଟିଏ ପରିବାର ଏବଂ ଗୋଟିଏ ଭବିଷ୍ୟତ। ଏଭଳି ବାର୍ତ୍ତା ଉପରେ ଗୁରୁତ୍ୱ ଦେଲେ ଆମେ ଏକାଠି ହେବା ସହ ଯୋଗ ବିଷୟରେ ଅନେକ କଥା ଜାଣିପାରିବା। ବର୍ତ୍ତମାନର ଧାଁଧପଡ ଜୀବନରେ ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ। ତେଣୁ ପ୍ରତିଦିନ ବ୍ୟାୟାମ କରିବା ସହ କିଛି ସମୟ ଯୋଗ କରନ୍ତୁ। ଜନସାଧାରଣଙ୍କୁ ଏ ବିଷୟରେ ସଚେତନ କରାଇବା ଲାଗି ପ୍ରତିବର୍ଷ ଯୋଗ ଦିବସ ପାଳିତ ହେଉଅଛି। ଏବର୍ଷର ବାର୍ତ୍ତାକୁ ଯଦି ଜନସାଧାରଣ ହୃଦୟଙ୍ଗମ କରନ୍ତି, ତେବେ ଯୋଗ ସମଗ୍ର ବିଶ୍ୱରେ ଆହୁରି ପ୍ରସାରିତ ହୋଇପାରିବ।



## ଯୋଗ କରୁଥିଲେ...

**ନି**ଜକୁ ସୁସ୍ଥ ତଥା ନୀରୋଗ ରଖିବା ପଛରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜିକାଲି ଅନେକେ ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିସାରିଲେଣି। ଯୋଗ କରିବା ପୂର୍ବରୁ ଏ ବିଷୟରେ ବିଶଦ୍ ଭାବରେ ଯୋଗ ବିଶେଷଜ୍ଞଙ୍କ ନିକଟରୁ ବୁଝି ନିଅନ୍ତୁ। ଯୋଗ କରିବା ପୂର୍ବରୁ ନିଜେ ସୁସ୍ଥ ରହିବା ନିହାତି ଦରକାର। ଏକ ନିରୋଳା ପରିବେଶରେ ଯୋଗ କରନ୍ତୁ। ପ୍ରତିଦିନ କେତେ ସମୟ ଯୋଗ କରିବେ ତାହା ପ୍ରଥମେ ସ୍ଥିର କରନ୍ତୁ। ଯେତିକି ସମୟ ଯୋଗ କରୁଛନ୍ତି ସେହି ସମୟ ଭିତରେ ନିଜ ମନକୁ ଶାନ୍ତ ରଖନ୍ତୁ। କାରଣ ଟେନ୍‌ସନ ଭିତରେ ଯୋଗକଲେ ତାହାର ସୁଫଳ ମିଳି ନ ଥାଏ। ଯୋଗ କରିବା ସମୟରେ ମନକୁ ରିଲାକ୍ସ ରଖନ୍ତୁ। ଭାରାକ୍ରାନ୍ତ ମନରେ ଆଦୌ ଯୋଗ କରନ୍ତୁ ନାହିଁ। ଯୋଗ ପାଇଁ କେତେକ ସରଞ୍ଜାମର ଆବଶ୍ୟକ ହୋଇଥାଏ। ତେଣୁ ସେଗୁଡ଼ିକୁ ଯୋଗାଡ଼ କରିନିଅନ୍ତୁ। ନିୟମିତ ଯୋଗକଲେ ତାହାର ଅଧିକ ସୁଫଳ ମିଳିଥାଏ। କେତେକ ଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ସେଥିପ୍ରତି ଧ୍ୟାନ ଦିଅନ୍ତୁ। ତରବର ହୋଇ ଯୋଗ କରନ୍ତୁ ନାହିଁ। ଯୋଗ କରିବା ସହ ଜଣେ ଟ୍ରେନରଙ୍କ ସହ ଯୋଗାଯୋଗରେ ରୁହନ୍ତୁ। ଏ ନେଇ କିଛି ସମସ୍ୟାର ସେ ସହଜରେ ସମାଧାନ କରିପାରିବେ।

ଫୁର୍‌ସତ୍

# ସୁସ୍ଥ ମନ ପାଇଁ ସଙ୍ଗୀତ




**ବ୍ୟ**ସ୍ତ ବହୁଳ ଜୀବନରେ ଅବସର ବିନୋଦନର ଆବଶ୍ୟକତା ରହିଛି। ଯାହାର ସହଜ ମାଧ୍ୟମ ହେଉଛି ସଙ୍ଗୀତ ଶୁଣିବା। ଏହାଦ୍ୱାରା ଭାରାକ୍ରାନ୍ତ ମନ ପ୍ରଫୁଲ୍ଲ ହୋଇଥାଏ। ଏକ ସୁସ୍ଥ ଓ ଅବସାଦମୁକ୍ତ ଜୀବନ ପାଇଁ ସଙ୍ଗୀତର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁନ ୨୧ରେ ବିଶ୍ୱ ସଙ୍ଗୀତ ଦିବସ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ସାରା ବିଶ୍ୱରେ ଅନେକ ସାର୍ବଜନୀନ ସ୍ଥାନ ଏବଂ ଅନୁଷ୍ଠାନଗୁଡିକରେ ସଂଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟାଜନ କରାଯାଇଥାଏ। ଏମିତିକି ଦେଶ ବିଦେଶର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ଏବଂ ନୂଆ କଳାକାରମାନଙ୍କ ଦ୍ୱାରା ମାଗଣା କନସର୍ଟ ମଧ୍ୟ ଆୟୋଜିତ ହୋଇଥାଏ। ଫ୍ରାନ୍ସରେ ଏହି ଦିବସକୁ 'ଫେଟେ ଦେ ଲା ମ୍ୟୁଜିକ୍' ବୋଲି କୁହାଯାଇଥାଏ।

୧୯୮୨ ମସିହାରେ ଫ୍ରାନ୍ସର ସଂସ୍କୃତି ମନ୍ତ୍ରୀ ଜ୍ୟାକ ଲାଙ୍ଗ୍ ଏବଂ ମ୍ୟୁଜିକ୍ କମ୍ପୋଜର ତଥା ରେଡିଓ ପ୍ରଡ୍ୟୁସର ମୌରିସ୍ ଫ୍ଲୁରେଟ୍‌ଙ୍କ ମିଳିତ ଉଦ୍ୟମରେ ପ୍ୟାରିସଠାରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ମଣିଷ ଶରୀରରେ ସଙ୍ଗୀତର ସକରାତ୍ମକ ପ୍ରଭାବ ସମ୍ପର୍କରେ ସଭିଙ୍କୁ ଅବଗତ କରାଇବା ଥିଲା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ଧିରେ ଧିରେ ସାରା ବିଶ୍ୱରେ ଏହା ପ୍ରଚାର ପ୍ରସାର ହେବା ପରେ ଭାରତ, ଜର୍ମାନୀ, ଇଟାଲୀ, ଗ୍ରୀସ, ରୁଷିଆ, ଅଷ୍ଟ୍ରେଲିଆ, ପେରୁ, ବ୍ରାଜିଲ, ଇକ୍ୱାଡର୍, ମେକ୍ସିକୋ, କାନାଡା, ଆମେରିକା, ବ୍ରିଟେନ ଏବଂ ଜାପାନ ସମେତ ୧୨୦ଟି ଦେଶର ୭୦୦ରୁ ଅଧିକ ସହରରେ ଏହି ଦିବସ ଏକ ବାର୍ଷିକ ଉତ୍ସବରେ ପରିଣତ ହୋଇଛି।

# ବାପା ହେଲେ ରାମଚରଣ

ମୁମ୍ବାଇ


ରାମଚରଣ-ଉପାସନା

ସାଉଥ୍ ଅଭିନେତା ରାମଚରଣ, ସ୍ତ୍ରୀ ଉପାସନା କାମିନେନି କୋନିଡେଲାଙ୍କ ବିବାହର ୧୧ ବର୍ଷ ପରେ ତାଙ୍କ ଘରକୁ ଖୁସି ଖବର ଆସିଛି। ସେମାନଙ୍କ ୯ ମାସର ଅପେକ୍ଷା ଏବେ ଶେଷ ହୋଇଛି। ରାମଚରଣଙ୍କ ସ୍ତ୍ରୀ ଉପାସନା ମଙ୍ଗଳବାର ସକାଳେ ହାଇଦ୍ରାବାଦ୍‌ର ଆପୋଲୋ ହସ୍ପିଟାଲରେ ତାଙ୍କ ପ୍ରଥମ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ରାମଚରଣ ଗତବର୍ଷ ଡିସେମ୍ବରରେ ଉପାସନା ଗର୍ଭବତୀ ଥିବା କଥା ସୂଚନା ଦେଇଥିଲେ। କନ୍ୟା ସନ୍ତାନକୁ ଘରକୁ ଆଣି ରାମଚରଣଙ୍କ ବାପା ତଥା ଭେଟେରାନ୍ ଅଭିନେତା ଚିରଞ୍ଜୀବୀ ଖୁସିରେ ନାଚି ଉଠିଛନ୍ତି। ସେ ଟୁଇଟ୍ କରି ଏହି ସୂଚନା ଦେବା ସହ ଶୁଭେଚ୍ଛା ଜଣାଇଛନ୍ତି। କନ୍ୟା ସନ୍ତାନକୁ ପରିବାରରେ ଆଡ଼ମ୍ବର ସହକାରେ ସ୍ୱାଗତ କରାଯାଇଛି। ରିପୋର୍ଟ ମୁତାବକ, ଶିଶୁ ଏବଂ ମା' ଉଭୟ ସୁସ୍ଥ ଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି। ରାମଚରଣଙ୍କୁ ତାଙ୍କ ପ୍ରଶଂସକଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏଥିସହ ତାଙ୍କୁ ଅନେକ ଅଭିନେତ୍ରୀ ଓ ଅଭିନେତା ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଉପାସନା ଗର୍ଭବତୀ ଥିବା ସମୟରେ ରାମଚରଣଙ୍କ ସହ ଅନେକ ସହର ଏବଂ ଦେଶ ଭ୍ରମଣ କରିଥିଲେ। ତେବେ ଫିଲ୍ମ 'ଆର୍‌ଆର୍‌ଆର୍' ଅଧିକ ଆଦୃତ ହେବା ପରେ ରାମଚରଣଙ୍କ ଡିମାଣ୍ଡ ଅଧିକ ବଢ଼ିଯାଇଛି। ଏହାପରେ ତାଙ୍କ ହାତରେ ଏବେ ଅନେକ ଫିଲ୍ମ ରହିଛି। ତାଙ୍କୁ ଶେଷ ଥର ପାଇଁ ଫିଲ୍ମ 'କିସି କା ଭାଇ କିସି କି ଜାନ୍'ରେ ଦେଖିବାକୁ ମିଳିଥିଲା। ୨୦୦୭ରୁ ସେ ତାଙ୍କ ଚଳଚ୍ଚିତ୍ର କ୍ୟାରିୟର ଆରମ୍ଭ କରିଥିବାବେଳେ ଏହା ମଧ୍ୟରେ ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇସାରିଲେଣି। ତାଙ୍କୁ ଆଗାମୀ ମୁଭି 'ଗେମ୍ ଚେଞ୍ଜର'ରେ ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ସହ ଏକାଠି ଦେଖିବାକୁ ମିଳିବ।

# ସୂର୍ଯ୍ୟଙ୍କ ପୃଷ୍ଠଭୂମିର ଚିତ୍ର ପଠାଇବ ଏସ୍‌ୟୁଆଇଟି



**ପୁଣେ:** ପୁଣେର ଇଣ୍ଟର ୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ (ଆଇୟୁସିଏଏ) ନିକଟରେ ଏକ ସୂର୍ଯ୍ୟ ମିଶନ ପାଇଁ ଟେଲିସ୍କୋପ ପ୍ରସ୍ତୁତ କରିଛି। ସୋଲାର ଅଲ୍ଟ୍ରାଭାଓଲେଟ୍ ଇମେଜିଂ ଟେଲିସ୍କୋପ(ଏସ୍‌ୟୁଆଇଟି) ବର୍ତ୍ତମାନ ଭାରତୀୟ ମହାକାଶ ଅନୁସନ୍ଧାନ ଅନୁଷ୍ଠାନ(ଇସ୍ରୋ) ପକ୍ଷରୁ ଛଡ଼ାଯିବ। ଏହି ଟେଲିସ୍କୋପ ଆଦିତ୍ୟ-ଏଲ୍‌୧ ମିଶନ ସହିତ ଏକୀଭୂତ ହେବାକୁ ଯାଉଛି, ଯାହା ଚଳିତ ବର୍ଷ ମଧ୍ୟ-ଅଗଷ୍ଟ ସୁଦ୍ଧା ସୂର୍ଯ୍ୟଙ୍କ ନିକଟକୁ ପଠାଯିବ ବୋଲି ଜଣାପଡିଛି। ଆଇୟୁସିଏଏ କର୍ତ୍ତୃପକ୍ଷ ପ୍ରଫେସର ଶ୍ରୀଆନନ୍ଦ କହିଛନ୍ତି, ଆଦିତ୍ୟ-ଏଲ୍‌୧ ମିଶନ ଏହି ସୂର୍ଯ୍ୟ ମିଶନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଉପକରଣ। ଆଦିତ୍ୟ-ଏଲ୍‌୧ ସୂର୍ଯ୍ୟଙ୍କ ଅଧ୍ୟୟନ କରିବାରେ ଇସ୍ରୋର ପ୍ରଥମ ମହାକାଶ ପରୀକ୍ଷଣକାରୀ ହେବ। ଏହା ପୃଥିବୀଠାରୁ ପାଖାପାଖି ୧.୫ ମିଲିୟନ୍ କିଲୋମିଟର ଦୂରରେ ଉଡ଼ିବ। ସୂର୍ଯ୍ୟଙ୍କ ପମୃଷ୍ଠଭୂମି ଏବଂ ସେଠାକାର ବାୟୁମଣ୍ଡଳୀୟ ପାଣିପାଗ ଉପରେ ନିୟମିତ ଚିତ୍ର ପଠାଇବା ଏହି ମିଶନର ଲକ୍ଷ୍ୟ। ବିଦ୍ୟୁତ୍ ଚୁମ୍ବକୀୟ ସ୍ପେକ୍ଟ୍ରମ୍ ଏବଂ ସୋଲାର ପବନରେ ସୂର୍ଯ୍ୟଙ୍କ ଉପରେ ବିଭିନ୍ନ ଘଟଣା ଅଧ୍ୟୟନ କରିବାରେ ସକ୍ଷମ ଥିବା ଆଦିତ୍ୟ-ଏଲ୍‌୧ ମିଶନର ୭ଟି ଭିନ୍ନ ପେଲୋଡ୍ ବହନ କରିବ। ପ୍ରଫେସର ଏନ୍ ରାମପ୍ରକାଶ ଏବଂ ପ୍ରଫେସର ଦୁର୍ଗେଶ ତ୍ରିପାଠୀଙ୍କ ନେତୃତ୍ୱରେ ଆଇୟୁସିଏଏରେ ପ୍ରସ୍ତୁତ ଏସ୍‌ୟୁଆଇଟି ନିର୍ମିତ ହୋଇଛି। ଏହି ଦୁଇ ପ୍ରଫେସର କହିଛନ୍ତି, ଆଦିତ୍ୟ-ଏଲ୍‌୧ କଠିନ ଏକ୍ସ-ରେରୁ ଇନ୍‌ଫ୍ରାରେଡ୍ ପର୍ଯ୍ୟନ୍ତ ସୋଲାର ବିକିରଣ ସହ ସେଥିରେ ଥିବା କଣିକାର ମାପ କରିବାରେ ସକ୍ଷମ ହେବ। ଏଥିସହ ପବନ ଏବଂ ଏଲ୍-୧ ପଏଣ୍ଟରେ ସୂର୍ଯ୍ୟଙ୍କ ଚୁମ୍ବକୀୟ କ୍ଷେତ୍ର ମଧ୍ୟ ମାପିବ। ପ୍ରଫେସର ତ୍ରିପାଠୀ କହିଛନ୍ତି, ଏସ୍‌ୟୁଆଇଟି ପ୍ରଥମ ଥର ପାଇଁ ବାୟୁମଣ୍ଡଳରେ ଓଜନ ଓ ଅମ୍ଳଜାନକୁ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଏହି ତରଙ୍ଗର ପ୍ରତିଛବିକୁ ମାପ କରିବ। ଏଥିସହ ଚର୍ମ କର୍କଟ ଘଟାଉଥିବା ଅତିବାଇଗଣୀ ରଶ୍ମିକୁ ମଧ୍ୟ ଏସ୍‌ୟୁଆଇଟି ମାପିବ। ଏହି ଉପକରଣ ଛଡ଼ାଯିବା ପରେ ହାଲୋ ଅର୍ବିଟ୍‌ର ଏଲ୍-୧ ପଏଣ୍ଟରେ ପହଞ୍ଚିବାକୁ ଏହାକୁ ୧୦୦ ଦିନ ସମୟ ଲାଗିବ। ଏସ୍‌ୟୁଆଇଟିକୁ ପ୍ରସ୍ତୁତ କରିବାକୁ ୧୦ ବର୍ଷ ହେବ ୨୦୦ରୁ ୩୦୦ ବୈଜ୍ଞାନିକ ନିୟୋଜିତ ହୋଇଥିଲେ।

# ୧୦୦ କୋଟିର ଅଣ୍ଡା



**କାନବେରା:** ଆଜିକାଲି ଦୋକାନରେ ଗୋଟେ ଅଣ୍ଡା ୬/୭ ଟଙ୍କାରେ ମିଳୁଛି। ହେଲେ ଅଷ୍ଟ୍ରେଲିଆର ସୁପରମାର୍କେଟରେ ଏପରି ଏକ ଅଣ୍ଡା ମିଳୁଛି, ଯାହାର ଦାମ୍ ୧୦୦ କୋଟି ଟଙ୍କା। ସେହି ଅଣ୍ଡାଟି ସାଧାରଣ ଅଣ୍ଡାର ଆକାର ଭଳି ନୁହେଁ, ତା'ର ଆକାର ଗୋଲାକାର। ସେଥିପାଇଁ ତା' ଦାମ୍ ଏତେ ଅଧିକ ବୋଲି କୁହାଯାଉଛି। ଜଣେ ମହିଳା ସୋସିଆଲ ମିଡିଆରେ ଏହି ଅଣ୍ଡାର ଫଟୋ ଶେୟାର କରିଛନ୍ତି। ରିପୋର୍ଟ ଅନୁସାରେ, ଏହି ଗୋଲାକାର ଅଣ୍ଡା ଅଷ୍ଟ୍ରେଲିଆର ମେଲବର୍ଣ୍ଣର ଏକ ସୁପରମାର୍କେଟ୍‌ରେ ମିଳିଛି। ମହିଳା ଜଣକ କହିଛନ୍ତି, ସେ ଏହି ଅଣ୍ଡା ଦେଖିବା ପରେ ଗୁଗଲରେ ଏହା ବିଷୟରେ ଖୋଜିଥିଲେ। କୋଟି କୋଟି ମଧ୍ୟରୁ ଗୋଟିଏ ଅଣ୍ଡା ହିଁ ଗୋଲାକୃତି ହୋଇଥାଏ। ଏହା ପୂର୍ବରୁ ଯେଉଁ ଗୋଲ ଅଣ୍ଡା ମିଳିଥିଲା, ତାହା ୭୮ ହଜାର ଟଙ୍କାରେ ବିକ୍ରି ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ-ବାଂଲାଦେଶ ଫାଇନାଲ

**ମଙ୍ଗ କକ୍, ୨୦।୬ (ହଂକଂ ):** ଚଳିତ ୨୩ ବର୍ଷରୁ କମ୍ ଓମେନ୍ସ ଏମର୍ଜିଂ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲ ମ୍ୟାଚ ବର୍ଷା ଯୋଗୁ ମଙ୍ଗଳବାର ଖେଳାଯାଇପାରି ନାହିଁ। ଫଳରେ ବର୍ତ୍ତମାନ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଭାରତ ଓ ବାଂଲାଦେଶ ମଧ୍ୟରେ ହେବ। ଭାରତ-ଶ୍ରୀଲଙ୍କା ସେମିଫାଇନାଲ ମ୍ୟାଚ ପ୍ରକୃତରେ ସୋମବାର ଖେଳାଯାଇଥାନ୍ତା। ମାତ୍ର ବର୍ଷା ଯୋଗୁ ଏହାକୁ ଦିନେ ଘୁଞ୍ଚାଇ ଦିଆଯାଇଛି। ଫଳରେ ଭାରତ ମାତ୍ର ଗୋଟିଏ ମ୍ୟାଚ ଖେଳି ଫାଇନାଲରେ ପ୍ରବେଶ କରିଛି। ଦଳ ହଂକଂ ବିପକ୍ଷ ଏହାର ଓପନିଂ ମ୍ୟାଚ ୯ ଉଇକେଟରେ ଜିତିନେଇଥିଲା। ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲ ବ୍ୟତୀତ ଭାରତର ଅନ୍ୟ ୩ଟି ମ୍ୟାଚ ମଧ୍ୟ ବର୍ଷା ଯୋଗୁ ଖେଳାଯାଇ ପାରିନାହିଁ। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ଏକ ସେମିଫାଇନାଲ ମ୍ୟାଚରେ ବାଂଲାଦେଶ ୬ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଦଳ ବୁଧବାର ଭାରତ ସହ ଫାଇନାଲ ଖେଳିବ।

# ଉଜ୍‌ବେକିସ୍ତାନଠାରୁ ହାରିଲା ଭାରତ

**ଭୁବନେଶ୍ୱର, ୨୦।୬ (ବିଜୟ ରଣା)**

ଥାଇଲାଣ୍ଡର ପାଥୁମ୍ ଥାନିସ୍ଥିତ ଥାମାସତ୍ ଷ୍ଟାଡିୟମରେ ଚାଲିଥିବା ୧୭ବର୍ଷରୁ କମ୍ ଏଏଫ୍‌ସି ଏସିଆ କପ୍‌ର ଗ୍ରୁପ୍ 'ଡି'ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚ ଅଳ୍ପକେ ୧-୦ ଗୋଲରେ ଉଜ୍‌ବେକିସ୍ତାନ ଠାରୁ ହାରିଯାଇଛି। ବଦଳ ଖେଳାଳି ମୁଖାମେଦାଲି ରିମୋଭ୍ ମ୍ୟାଚର ଏକ ମାତ୍ର ଗୋଲ୍ ସ୍କୋର କରିଥିଲେ। ଭାରତ ମୁଖ୍ୟ କୋଚ୍ ବିବିଆନୋ ଫର୍ନାଣ୍ଡିଜ ଏହି ମ୍ୟାଚ ପାଇଁ ତାଙ୍କ ଚୂଡ଼ାନ୍ତ ଏକାଦଶରେ ଗୋଟିଏ ପରିବର୍ତ୍ତନ କରିଥିଲେ। ଆକାଶ ଟିର୍କୀଙ୍କ ସ୍ଥାନରେ ସେ ଥଙ୍ଗ୍‌ଲାଲ୍‌ସୋନ୍ ଗାଙ୍ଗଟେଙ୍କୁ ନେଇଥିଲେ।

# ଶ୍ରାବଣୀଙ୍କୁ ୩ ପଦକ, କିଶୋରଙ୍କ ପ୍ରଥମ

## ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍

## ପ୍ରଭାବିତ କଲେ ତୁର୍, ଶ୍ରୀଶଙ୍କର

**ଭୁବନେଶ୍ୱର, ୨୦।୬ (ସରୋଜ ଜେନା)**



ଶ୍ରାବଣୀ ନନ୍ଦ, କିଶୋର ଜେନା, ତାଜିନ୍ଦର ପାଲ୍ ତୁର୍।

କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି ୬୨ତମ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ମିଟ୍। ନୀରଜ ଚୋପ୍ରା, ଅବିନାଶ ସାବ୍‌ଲେଙ୍କ ପରି ବଡ ନାମ ଏହି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ। ତେବେ ଦେଶର ଅନ୍ୟ ଏଲିଟ୍ ଆଥ୍‌ଲେଟମାନେ ନିଜ ପ୍ରଦର୍ଶନ ଜରିଆରେ ସ୍ୱତନ୍ତ୍ର ଛାପ ଛାଡିବାରେ ସଫଳ ହୋଇଛନ୍ତି। ଏସିଆନ୍ ଗେମ୍ସ ଓ ଏସିଆନ୍ ଚାମ୍ପିୟନଶିପ୍ ପାଇଁ ଏହା ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ରହିଥିଲା। ଭୁବନେଶ୍ୱରର ଆର୍ଦ୍ର ଓ ଗରମ ପରିବେଶ ସତ୍ତ୍ୱେ ୭୦ ଜଣ ଆଥ୍‌ଲେଟ ଏସିଆନ୍ ଗେମ୍ସ ପାଇଁ ସ୍ଥିରୀକୃତ ମାନଦଣ୍ଡ ଛୁଇଁବାରେ ସଫଳ ହୋଇଥିଲେ। ଏହା ସହିତ ଦୁଇ ଜଣ ଖେଳାଳି ଉଭୟ ଏସିଆନ୍ ଚାମ୍ପିୟନଶିପ୍ ଓ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ତାରିଖ ଯାଏ ଚାଇନାର ହାଙ୍ଗଝୌରେ ଏସିଆନ୍ ଗେମ୍ସ ଅନୁଷ୍ଠିତ ହେବ। ପ୍ରତି ଇଭେଣ୍ଟରୁ ମାତ୍ର ଦୁଇ ଜଣ ଲେଖାଏ ଖେଳାଳି ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବେ। ଅନେକ ଇଭେଣ୍ଟରେ ୩ ଜଣ ଲେଖାଏ ଖେଳାଳି ସ୍ଥିରୀକୃତ ମାନଦଣ୍ଡ ଅତିକ୍ରମ କରିଥିବା ବେଳେ ଏହା ଚୟନ କମିଟି ପାଇଁ ଚିନ୍ତାର କାରଣ ରହିବ। ଉଭୟ ଏସିଆନ୍ ଚାମ୍ପିୟନଶିପ ସହିତ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି ଶଟ୍‌ପୁଟର ତାଜିନ୍ଦର ପାଲ୍ ତୁର୍ ଓ ମୁରଲୀ ଶ୍ରୀଶଙ୍କର। ତୁରଙ୍କୁ ଶ୍ରେଷ୍ଠ ପୁରୁଷ ଆଥଲେଟ ଓ ଜ୍ୟୋତି ୟାରାଜିଙ୍କୁ ଶ୍ରେଷ୍ଠ ମହିଳା ଆଥଲେଟ ଘୋଷଣା କରାଯାଇଛି। ତେବେ ଓଡ଼ିଆ ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ଓ ଜାଭେଲିନ୍ ଥ୍ରୋୟର କିଶୋର ଜେନା ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଶ୍ରାବଣୀ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ସହିତ ୩ଟି ପଦକ ହାସଲ କରିଥିଲେ। ୧୦୦ ମିଟର ସ୍ପ୍ରିଣ୍ଟରେ ଶ୍ରାବଣୀ ରୌପ୍ୟ ପଦକ ହାସଲ କରିଥିବା ବେଳେ ୪x୧୦୦ ମିଟର ରିଲେ ଦଳ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅନ୍ତିମ ଦିନରେ ୨୦୦ ମିଟର ମହିଳା ସ୍ପ୍ରିଣ୍ଟରେ ଶ୍ରାବଣୀ ୨୩.୭୭ ସେକେଣ୍ଡର ସମୟ ସହିତ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ଜାଭେଲିନ୍ ଥ୍ରୋୟର କିଶୋର ଜେନା ରୌପ୍ୟ ପଦକ ହାସଲ କରିଥିଲେ। ୮୦ ମିଟର ମାର୍କ ଅତିକ୍ରମ କରିଥିବା କିଶୋର ୮୨.୮୭ ମିଟରର ଦୂରତ୍ୱ ସହିତ ଏସିଆନ ଚାମ୍ପିୟନଶିପ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ।

ପ୍ରତିଯୋଗିତାର ଅନ୍ତିମ ଦିନରେ ତାଜିନ୍ଦର ପାଲ୍ ତୁର୍ ନିଜର ଜାତୀୟ ରେକର୍ଡ ଓ ଏସିଆନ୍ ରେକର୍ଡ ଭାଙ୍ଗିଥିଲେ। ୨୧.୭୭ ମିଟରର ଦୂରତା ଅତିକ୍ରମ କରିବା ସହିତ ଦୁଇ ବର୍ଷ ପୂର୍ବରୁ ନିଜ ନାମରେ ଥିବା ଏସିଆନ୍ ରେକର୍ଡ ଭାଙ୍ଗିଥିଲେ। ଜେଜେମାଙ୍କ ଦେହାନ୍ତର କିଛି ଦିନ ମଧ୍ୟରେ ଏଭଳି ଲଢୁଆ ପ୍ରଦର୍ଶନ ପାଇଁ ତୁରଙ୍କୁ ଚାମ୍ପିୟନଶିପର ଶ୍ରେଷ୍ଠ ପୁରୁଷ ଆଥଲେଟ ବିବେଚିତ କରାଯାଇଥିଲା।

ଆନ୍ଧ୍ର ପ୍ରଦେଶର ଜ୍ୟୋତି ୟାରାଜୀଙ୍କୁ ଶ୍ରେଷ୍ଠ ମହିଳା ଆଥଲେଟ ଭାବରେ ଘୋଷଣା କରାଯାଇଥିଲା। ଉଭୟ ୧୦୦ ମିଟର ସ୍ପ୍ରିଣ୍ଟ ଓ ବାଧାଦୌଡରେ ସ୍ୱର୍ଣ୍ଣ ପଦକ ସହିତ ଜ୍ୟୋତି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ୧୦୦ ମିଟର ବାଧାଦୌଡରୁ ୩ ଜଣ ଖେଳାଳି ଏସିଆନ୍ ଗେମ୍ସ ପାଇଁ ସ୍ଥିରୀକୃତ ମାନଦଣ୍ଡ ଅତିକ୍ରମ କରିଛନ୍ତି।

ଏହା ସହିତ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ରେକର୍ଡ ହାସଲ କରିବା ସହିତ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରବେଶ କରିଛନ୍ତି କେରଳର ମୁରଲୀ ଶ୍ରୀଶଙ୍କର। ଡାଏମଣ୍ଡ ଲିଗ୍‌ରୁ ପଦକ ଜିତି ଫେରିଥିବା ଶ୍ରୀଶଙ୍କରଙ୍କଠାରୁ ଭଲ ପ୍ରଦର୍ଶନର ଆଶା ରହିଥିବା ବେଳେ ମାତ୍ର ଦେଢ ସେମି ପାଇଁ ସେ ଜେସଓ୍ୱିନ୍ ଆଲଡ୍ରିନଙ୍କ ଜାତୀୟ ରେକର୍ଡରୁ ପଛରେ ରହିଥିଲେ।


## ନିରୁଦ୍ଦିଷ୍ଟ



କଲୋଲ୍ ମାନ୍ନା ଖଡ଼୍‌ଗପୁରରୁ ବ୍ୟାଙ୍ଗ୍‌ଲୋର୍ ଯାଉଥିବା ସମୟରେ ଭୁବନେଶ୍ୱର ଷ୍ଟେସନରେ କେଉଁଆଡ଼େ ହଜି ଯାଇଛନ୍ତି। ତା ୧୯।୦୬।୨୦୨୩ ବ୍ଲାକ୍ ଶାର୍ଟ ଆଉ ବ୍ଲୁ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା, ମୁହଁରେ ଦାଢ଼ି ଥିଲା। ବୟସ- 28 ଉଚ୍ଚତା- 5ଫୁଟ୍। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି ଏହି ନମ୍ବରରେ ଜଣାଇବାକୁ ଅନୁରୋଧ। Mob: 9867344983, 9933552020, 9732003608. ଧ-୦୬୧୮


# ଖ୍ୱାଜାଙ୍କ ଲଢୁଆ ଅର୍ଦ୍ଧଶତକ

## ଆଶେସ ଟେଷ୍ଟ

**ବର୍ମିଂହାମ, ୨୦।୬**

ବର୍ମିଂହାମ ସ୍ଥିତ ଏଜବାଷ୍ଟନରେ ଅନୁଷ୍ଠିତ ପ୍ରଥମ ଆଶେସ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ରହିଛି। ଅନ୍ତିମ ଦବସରେ ଉସ୍‌ମାନ ଖ୍ୱାଜା ଲଢୁଆ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଦଳ ଚା ପାନ ବିରତି ସୁଦ୍ଧା ୫୮ ଓଭରରେ ୫ ଉଇକେଟ ହରାଇ ୧୮୩ ରନ୍ ସଂଗ୍ରହ କରିଛି। ଖ୍ୱାଜା ୧୫୯ ବଲ୍ ଖେଳି ୫୬ ଓ କାମେରନ୍ ଗ୍ରୀନ୍ ୪୮ ବଲ୍ ଖେଳି ୨୨ ରନ୍‌ରେ ବ୍ୟାଟିଂ କରୁଛନ୍ତି।

ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୦୭/୩ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ନାଇଟ୍ ୱାଚମ୍ୟାନ୍ ସ୍କଟ୍ ବୋଲାଣ୍ଡ ୨୦ ରନ୍ ସ୍କୋର କରି ଆଉଟ ହେବା ବେଳକୁ ଦଳୀୟ ସ୍କୋର ୧୨୧ରେ ପହଞ୍ଚିଥିଲା। ପ୍ରଥମ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିବା ଟ୍ରାଭିସ୍ ହେଡ୍ ୧୬ ରନ୍ କରି ଆଉଟ ହୋଇଥିଲେ। ତେବେ ଷଷ୍ଠ ଉଇକେଟରେ ଖ୍ୱାଜା (୫୬) ଓ କାମେରନ୍ ଗ୍ରୀନ୍ (୨୨)ଙ୍କ ମଧ୍ୟରେ ୪୦ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୧୫୯ ବଲ୍ ଖେଳି ଖ୍ୱାଜା ୭ ଚୌକା ସହିତ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ ୩ ଉଇକେଟ ନେଇଥିବା ବେଳେ ଓଲି ରବିନ୍‌ସନ୍ ଓ ମୋଇନ୍ ଅଲୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ-୩୯୩/୮।
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୩୮୬/୧୦।
ଇଂଲଣ୍ଡ ଦ୍ୱିତୀୟ ଇନିଂସ-୨୭୩/୧୦।
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୫୮ ଓଭରରେ ୧୮୩/୫(ଉସ୍‌ମାନ ଖ୍ୱାଜା-୫୬*, ଡେଭିଡ ୱାର୍ନର-୩୬, କାମେରନ୍ ଗ୍ରୀନ୍-୨୨*, ଷ୍ଟୁଆର୍ଟ ବ୍ରଡ୍-୩/୪୨, ଓଲି ରବିନ୍‌ସନ୍-୧/୨୭, ମୋଇନ୍ ଅଲୀ-୧/୫୦)।


# Classified Everyday

0674-2580101, 2549949



MATRIMONIAL

BRIDE WANTED

Match for MBBS Doctor Hindu Bengali boy, age 41 yrs, 5ft 9ht, near Pune, Caste/ Language no bar. Doctor, Dentist/other education people ready to relocate contact 8378050149, 8329865948. D-0591

GROOM WANTED

45 ବର୍ଷର ମହିଳା Govt. Schoolରେ Teacher ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-0597

38 ବୟସ୍କା Widow ବଣିଆ ଜାତିର Govt. ଚାକିରିଆ ଭୁବନେଶ୍ୱର ବାସିନ୍ଦା ଝିଅଙ୍କୁ ଯେକୌଣସି ଜାତିର ବିବାହିତ/ ଅବିବାହିତ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 6371049105. D-0621

43 ବୟସ୍କା Govt. ଚାକିରିଆ Widow କରଣ ଜାତିର ଝିଅଙ୍କୁ Govt./ Private/ Business କରୁଥିବା ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଯୋଗାଯୋଗ- 7008080967. D-0622

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

33 ବୟସ୍କା Govt. ଚାକିରିଆ Widow ଖଣ୍ଡାୟତ ଜାତିର ଝିଅଙ୍କୁ Govt./ Private/ Business କରୁଥିବା ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଯୋଗାଯୋଗ: 6371085658. D-0623

27 ବୟସ୍କା ଅବିବାହିତା Private ଚାକିରିଆ ଖଣ୍ଡାୟତ ଜାତିର ଝିଅଙ୍କୁ Govt./ Private/ Business କରୁଥିବା ବିବାହିତ/ ଅବିବାହିତ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 7749076723. D-0624

ଏକାକୀ ରହୁଥିବା 50 ବୟସ୍କା Govt. Teacher ଭାବେ କାର୍ଯ୍ୟରତ ବିଧବା କଂସାରି ମହିଳାଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7606067313. D-0625



REAL ESTATE

SALE

One gharabari plot with Boundary sale at Pratapa nagar Cuttack 4050sqft. near Suzuki showroom, 65lacks-9937136074, 9938812818. D-73391

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872



CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-0627




Newly open Salon/ SPA with expert therapist (health benefits). 8114322659. D-75120

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74697

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Spa Kerala body Massage only best Therapist @699/-, Bhubaneswar. 9337672475. D-0610

AFFIDAVIT

Before Notary Public, Berhampur Ganjam, I V.Sairam Raju, S/o- V. Chandrasekharam Raju, Badabazar, P.O.- Badabazar, P/S- Badabazar, Berhampur say that my son's actual name is V. Vijet Raju as per Birth Certificate and Aadhaar Card but in Education (St. Joseph's Convent School record mentioned as V. Vijetraju. Both V. Vijetraju and V. Vijet Raju same and one person. I swear this affidavit that I known as V. Vijet Raju to avoid future ambiguity. D- 0628

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ଓଁ ସୁକାନ୍ତି ସାହୁ
ଆବିର୍ଭାବ: ୧୦।୧୨।୧୯୭୦
ତିରୋଧାନ: ୦୩।୦୬।୨୦୨୩

ଓଁ ରବୀନ୍ଦ୍ର ସାହୁ
ଆବିର୍ଭାବ: ୦୪।୦୬।୧୯୫୫
ତିରୋଧାନ: ୧୦।୦୬।୨୦୨୩

ଓଲ୍ଡ ଟାଉନ୍, ଭୁବନେଶ୍ୱର
Owner of Laxmi Jewellers Hotel Apsara

ତୁମମାନଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମୃତିସବୁ ଅଭୁଲା ଦାଗ ହୋଇ ରହିବ। ତୁମମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର: ବାସୁ, କପିଲ୍, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ। ଧ-୦୬୬୬

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ତମାଳଲତା ରଥ
୨୬୭/୩୩୫୫, ଜୟଦେବ ବିହାର
ତିରୋଧାନ: ୧୮।୦୭।୨୦୧୫
(ଆଷାଢ଼ ମାସ, ଶୁକ୍ଳ ପକ୍ଷ, ତୃତୀୟା ତିଥି)

ବୋଉ, ଆଜି ତୁମର ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ୍ଭମାନଙ୍କ ପ୍ରତି ସର୍ବଦା ଅତୁଟ ରହିଥାଉ।

ଶୋକସନ୍ତପ୍ତ ପରିବାରବର୍ଗ। ଧ-୦୬୦୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୧୪ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ବିଦ୍ୟୁଲତା ମହାପାତ୍ର
ସ୍ୱାମୀ: ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର
A/94, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୭।୧୧।୧୯୩୮
ତିରୋଧାନ: ୨୫।୦୬।୨୦୦୯

ମମତାମୟୀ ମାଆ, ୧୪ବର୍ଷ ବିତିଗଲା। ପବିତ୍ର ରଥଯାତ୍ରାରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା, ପରୋପକାରିତା, ଅସୀମ ତ୍ୟାଗ, ସଦ୍‌ଭାବ ଆମମାନଙ୍କ ହୃଦୟରେ ସଦାସର୍ବଦା ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଦିଲ୍ଲୀପ, ଦୀପକ, ଆଲୋକ (ପୁତ୍ର) ଶୁଭ୍ରା, ସବିତା, ସିନାଳୀ (ପୁତ୍ରବଧୂ), ସଂଗ୍ରାମ, ଲୀନା (ଜାମାତା, କନ୍ୟା), ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ। ଧ-୦୬୧୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ପୂର୍ବାଞ୍ଚଳ ପ୍ରଥମ ମ୍ୟାଚରେ କେନ୍ଦ୍ରାଞ୍ଚଳକୁ ଭେଟିବ

## ଦୁଲୀପ ଟ୍ରଫି

**ନୂଆଦିଲ୍ଲୀ, ୨୦।୬ (ପି.ଟି.):** ବେଙ୍ଗାଲୁରୁଠାରେ ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଚଳିତମାସ ୨୮ରୁ ଆରମ୍ଭ ହେବ। ପୂର୍ବାଞ୍ଚଳ ଏହାର ପ୍ରଥମ ମ୍ୟାଚରେ କେନ୍ଦ୍ରାଞ୍ଚଳକୁ ଭେଟିବ। ସେହିଦିନ ଉତ୍ତରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ମ୍ୟାଚ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। କେନ୍ଦ୍ରାଞ୍ଚଳ-ପୂର୍ବାଞ୍ଚଳ ମ୍ୟାଚ ଅଲୁର କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏହି ଦୁଇଟି ମ୍ୟାଚ କ୍ୱାର୍ଟର ଫାଇନାଲଭାବେ ପରିଗଣିତ ହେବ। ଏହାର ବିଜେତା ସେମିଫାଇନାଲରେ ପ୍ରବେଶ କରିବେ। ଗତଥରର ଦୁଲିପ ଟ୍ରଫି ବିଜେତା ପଶ୍ଚିମାଞ୍ଚଳ ଓ ରନରଅପ୍ ଦକ୍ଷିଣାଞ୍ଚଳ ସିଧାସଳଖ ସେମିଫାଇନାଲ ଖେଳିବାକୁ ଏଣ୍ଟ୍ରି ପାଇଛନ୍ତି। ପ୍ରତିଯୋଗିତାର ଫାଇନାଲ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୧୨ ତାରିଖରେ ଅନୁଷ୍ଠିତ ହେବ।

# ରାଜ୍ୟସ୍ତରୀୟ ଫିଡେ ରେଟିଂ ଚେସ୍ ୨୮ରୁ

**ଭୁବନେଶ୍ୱର, ୨୦।୬ (ତପନ ସ୍ୱାଇଁ):** ମୟୂରଭଞ୍ଜ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚଳିତମାସ ୨୮ରୁ ଜୁଲାଇ ୨ ପର୍ଯ୍ୟନ୍ତ ବାରିପଦା ଷ୍ଟାଡିୟମ୍ କନ୍‌ଫରେନ୍ସ ହଲ୍‌ରେ ୬୩ତମ ରାଜ୍ୟ ସିନିୟର ଫିଡେ ରେଟିଂ ଚେସ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଶ୍ରେଷ୍ଠ ୪ ଜଣ ଖେଳାଳି ଆସନ୍ତା ଅଗଷ୍ଟ ୧୫ରୁ ୨୭ ପର୍ଯ୍ୟନ୍ତ ମହାରାଷ୍ଟ୍ରର ନାସିକଠାରେ ହେବାକୁ ଥିବା ଜାତୀୟ ଚେସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନଙ୍କୁ ମୋଟ ୫୦ହଜାର ଟଙ୍କାର ଅର୍ଥରାଶି ସହିତ ୩୪ଟି ଟ୍ରଫି ପ୍ରଦାନ କରାଯିବ। ସମସ୍ତ ଖେଳାଳିଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ। ପ୍ରଦର୍ଶନ ଆଧାରରେ ଶୀର୍ଷ ୨୦ ଖେଳାଳିଙ୍କ ସହ ଶ୍ରେଷ୍ଠ ବରିଷ୍ଠ , ମହିଳା ଖେଳାଳି ଏବଂ ୪ ଜଣ ଅଣରେଟେଡ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏହା ବ୍ୟତୀତ ମୟୂରଭଞ୍ଜ ଜିଲାର ଶ୍ରେଷ୍ଠ ୫ ଖେଳାଳି, ଶ୍ରେଷ୍ଠ ୫ଜଣ ସ୍କୁଲ ଛାତ୍ର ଏବଂ ବିଭିନ୍ନ ବୟସ ବର୍ଗର ୨୪ ଖେଳାଳିଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଟୁର୍ନାମେଣ୍ଟ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଜିଲା ଚେସ ସମ୍ପାଦକ ଅନନ୍ତ ନାରାୟଣ ମିଶ୍ରଙ୍କ ସହ ଯୋଗାଯୋଗ କରିବାକୁ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

# ଚିରାଗ-ସାତ୍ୱିକଙ୍କୁ ଶ୍ରେଷ୍ଠ ର‍୍ୟାଙ୍କିଂ

**ନୂଆଦିଲ୍ଲୀ, ୨୦।୬(ପି.ଟି.):** ନିକଟରେ ପ୍ରଥମ ସୁପର ୧୦୦୦ ପୁରୁଷ ଡବଲ୍ସ ଟାଇଟଲ ଜିତିଥିବା ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ଶେଟ୍ଟି ସଦ୍ୟ ପ୍ରକାଶିତ ବିଡବ୍ଲ୍ୟୁ ର‍୍ୟାଙ୍କିଂରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩ୟ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ଭାରତୀୟ ବିଜୟୀ ଯୋଡ଼ି ବର୍ତ୍ତମାନର ବିଶ୍ୱଚାମ୍ପିୟନ ମାଲେସିଆର ଆରନ ଚିଆ ଓ ସୋ ଉଇ ୟିକ୍‌ଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଇଣ୍ଡୋନେସିଆ ଓପନ ଜିତିଛନ୍ତି। ଏକ ସୁପର ୧୦୦୦ ଇଭେଣ୍ଟ ଜିତିବାରେ ସେମାନେ ଦେଶର ପ୍ରଥମ ଯୋଡ଼ି ହେବାର ଗୌରବ ଅର୍ଜନ କରିଥିଲେ। ପୁରୁଷ ସିଙ୍ଗଲ୍ସରେ କିଡାମ୍ବି ଶ୍ରୀକାନ୍ତ ୩ ସ୍ଥାନ ଉପରକୁ ଉଠି ଟପ୍ ୨୦ (ବିଶ୍ୱର ୧୯ ନମ୍ବର)ରେ ପ୍ରବେଶ କରିଛନ୍ତି। ଲକ୍ଷ୍ୟ ସେନ୍‌ଙ୍କ ଦୁଇଟି ସ୍ଥାନ ପଦୋନ୍ନତି ଘଟିଥିବା ବେଳେ ସେ ୧୮ତମ ସ୍ଥାନରେ ଅଛନ୍ତି। ସେମିଫାଇନାଲରେ ବିଶ୍ୱର ନମ୍ବର ୱାନ ଭିକ୍ଟର ଏକ୍ସେଲସେନ୍‌ଙ୍କଠାରୁ ପରାଜିତ ହୋଇଥିବା ଏଚ୍‌ଏସ୍ ପ୍ରଣୟ ର‍୍ୟାଙ୍କିଂ ତାଲିକାରେ ତାଙ୍କ ୯ମ ସ୍ଥାନ ବଜାୟ ରଖିଛନ୍ତି। ଭାରତୀୟଙ୍କ ମଧ୍ୟରେ ସେ ଶ୍ରେଷ୍ଠ ର‍୍ୟାଙ୍କିଂପ୍ରାପ୍ତ ଖେଳାଳି। ପୁରୁଷ ସିଙ୍ଗଲ୍ସ ଟପ୍ ୩୦ ମଧ୍ୟରେ ରହିଥିବା ୪ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରିୟାଂଶୁ ରାଜାୱତ ଅନ୍ୟତମ। ସେ ୪ ସ୍ଥାନ ଉପରକୁ ଉଠି ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩୦ତମ ସ୍ଥାନରେ ଅଛନ୍ତି।

## ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଲାଗିଲେ..



ଡାଲୁଅ ଧାନଜମିରେ କାଣ୍ଡ ବିନ୍ଧାପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋର୍‌ପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମହିଷା ରୋଗ ଦମନ ଲାଗି ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇ ସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ମଲ୍ଲୀ ଗଛ: ଶୀଘ୍ର ଚେର ହେବାର ଉପାୟ

ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗ୍ରୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି. ଲମ୍ବ,୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା. ରୁ ୧୦କି.ଗ୍ରା . ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ।



## ଆଖୁ କାଟିବା ସମୟରେ...



ଆଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଭଲ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲାବେଳେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



ଡା. ବୀରକିଶୋର ପରିଡ଼ା

# ପ୍ରାଣୀଙ୍କ ରୋଗ ଓ ପ୍ରତିକାର

" ଆନ୍ଥ୍ରାକ୍ସ ରୋଗ ବାସିଲସ୍ ଆନ୍ଥ୍ରାସିସ୍ ନାମକ ଜୀବାଣୁ ଯୋଗୁ ସମସ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ । ଗୋରୁଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଓ ଉପଯୁକ୍ତ ବ୍ୟାୟାମର ଅଭାବ କିମ୍ବା ଅଳସୁଆମି ଯୋଗୁ ଏହି ରୋଗ ସହଜରେ ଆକ୍ରମଣ କରେ । ଏହି ଜୀବାଣୁ ଲାଗିଥିବା ଖାଦ୍ୟ କିମ୍ବା ପାଣି ପିଇଲେ ସୁସ୍ଥ ପ୍ରାଣୀଙ୍କୁ ଏହି ରୋଗ ସଂକ୍ରମଣ କରେ । ଗୋରୁଙ୍କ ଶରୀରରେ କ୍ଷତ ମାଧ୍ୟମରେ ମଧ୍ୟ ଏହି ଜୀବାଣୁ ସୁସ୍ଥ ପ୍ରାଣୀ ଦେହରେ ପ୍ରବେଶ କରିଥାନ୍ତି । ଆନ୍ଥ୍ରାକ୍ସ ରୋଗ ବିଭିନ୍ନ ନଦୀ ବା ଝରଣା ମାଂସାସୀ ପ୍ରାଣୀ, ଜଙ୍ଗଲ ପକ୍ଷୀ, ଆକ୍ରାନ୍ତ ଗୋରୁର ଚମଡ଼ା ପରିବହନ, ହାଡ଼ଗୁଣ୍ଡ ଓ ଲୋମ ମାଧ୍ୟମରେ ସହଜରେ ବ୍ୟାପିଥାଏ । ପାହାଡ଼ିଆ ମାଳ ଅଞ୍ଚଳରେ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ ।"

ଆମ ଦେଶର କିଛି ଅଂଶରେ ମୌସୁମୀ ଆସିଯାଇଥିଲେ ମଧ୍ୟ ଖରା ପ୍ରକୋପ କମି ନାହିଁ। ଓଡ଼ିଶାରେ ଗତ କିଛିଦିନ ହେବ ପ୍ରବଳ ଗରମ ଅନୁଭୂତ ହେଉଛି। ଏହି ସମୟରେ ପ୍ରାଣୀଙ୍କ ଯତ୍ନ ଅଧିକ ଜରୁରୀ ହୋଇପଡ଼େ। ତେବେ ଏସମୟରେ ପ୍ରାଣୀଙ୍କୁ ହେଉଥିବା ରୋଗ ଏବଂ ତା'ର ପ୍ରତିକାର ସମ୍ପର୍କରେ ସୂଚିତ କରାଯାଉଛି।

**ଥନହରା ରୋଗ :** ଦୁଧିଆଳୀ ଗାଈଙ୍କ ପାଇଁ ଏହା ଏକ ମାରାତ୍ମକ ରୋଗ ଏବଂ କରାଇନେବ୍ୟାକ୍ଟେରିୟମ୍ ପାଓଜିନିସ୍ ନାମକ ଜୀବାଣୁ ଦ୍ୱାରା ମୁଖ୍ୟତଃ ଏହି ରୋଗ ସୃଷ୍ଟି ହୋଇଥାଏ । ଠିକ୍ ଭାବରେ ଦୁଗ୍ଧ ନ ଦୁହିଁଲେ, ପହ୍ନାରେ କ୍ଷତ ବା ପ୍ରଦାହ ସୃଷ୍ଟି ହେଲେ, ଗୁହାଳ ଅପରିଷ୍କାର ରହିଲେ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଦୁଗ୍ଧ ଦୁହିଁଲେ ଏହି ରୋଗ ଖରାଦିନେ ଦେଖାଦେଇଥାଏ । ଖାଦ୍ୟାଭାବ ଯୋଗୁ ଦେହରେ ରୋଗ ପ୍ରତିରୋଧକାରୀ ଶକ୍ତି ହ୍ରାସ ପାଇଲେ, ପହ୍ନାରେ ଲୁକ୍କାୟିତ ଅବସ୍ଥାରେ ଥିବା ଜୀବାଣୁ ଏହି ରୋଗ ସୃଷ୍ଟି କରେ । କୀଟପତଙ୍ଗ, ମଶା, ମାଛି ଆଦି କାମୁଡ଼ିଲେ ମଧ୍ୟ ଏହି ଜୀବାଣୁ ଶରୀରରେ ସହଜରେ ପ୍ରବେଶକରି ରୋଗ କରିଥାଏ । ଖରାଦିନେ ସାଧାରଣତଃ ଛଡ଼ା ଓ ପଡ଼ିଆ ହୋଇଆସୁଥିବା ଗାଈଙ୍କଠାରେ ଏହା ମୁଖ୍ୟତଃ ଦେଖାଦେଇଥାଏ ।

**ଲକ୍ଷଣ :** ଏହି ରୋଗ ହେଲେ ଗାଈ ଦୁହିଁବାକୁ ସୁଯୋଗ ଦିଅନ୍ତି ନାହିଁ। ପହ୍ନାରେ ସଂକ୍ରମିତ ଚିରଗୁଡ଼ିକ ଫୁଲି ବଡ଼ ହୋଇ ଲାଲ ଦିଶେ ଓ କଷ୍ଟ ଦିଏ । ଧୀରେ ଧୀରେ ପହ୍ନା ବା ଚିରର ଉପର କ୍ୱାର୍ଟରକୁ ଫୁଲା ବଢ଼ିଯାଏ ଏବଂ ଚିକିତ୍ସାରେ ବିଳମ୍ବ ଘଟିଲେ ଶେଷକୁ ବଡ଼ ଗେଟା ପରି ଟାଣ ବା କଠିନ ପରି ହାତକୁ ଲାଗେ । ବହଳ ପୂଜ ବା ଛେନା ଛିଡ଼ିଲା ପରି କ୍ଷୀର ସଂକ୍ରମିତ ଚିର ଦୁହିଁଲେ ବାହାରି ଆସେ । ଶେଷରେ ଚିରର ବାଟ ସବୁଦିନ ପାଇଁ ବନ୍ଦହୋଇ ପହ୍ନାକୁ ଅକାମୀ କରିଦିଏ ।

**ଚିକିତ୍ସା :** ଏହି ରୋଗ ଆରମ୍ଭ ହେବା ମାତ୍ରେ ଏକ ବିଶୁଦ୍ଧ ଶିଶି ବା ପାତ୍ରରେ ଆକ୍ରାନ୍ତ ଚିରରୁ କ୍ଷୀର ସଂଗ୍ରହକରି ଜିଲା ପ୍ରାଣୀରୋଗ ଚିହ୍ନଟ ପରୀକ୍ଷାଗାର, ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ, ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ, କ୍ଲିନିକାଲ, ପର୍ଯ୍ୟବେକ୍ଷଣ ବିଜ୍ଞାନ ପରୀକ୍ଷାଗାରକୁ ପଠାଇ ପରୀକ୍ଷା କଲାପରେ କି ପ୍ରକାର ଆଣ୍ଟିବାଓଟିକ୍ସ ବା ଔଷଧ ସଂକ୍ରମିତ ପହ୍ନାର ଚିକିତ୍ସା ପାଇଁ ପ୍ରଯୁଜ୍ୟ ସେହିପରି ଚିକିତ୍ସା କରିବା ଆବଶ୍ୟକ । ପେଣ୍ଡିଷ୍ଟ୍ରିନ୍ ଏସ୍.ଏଚ୍. ଭେଟ୍‌କ୍ଲକ୍ସ ଫର୍ଟି, ଫ୍ଲୋକକ୍ସ, ନେଫୁରାନ, ସାଇପ୍ରୋଫ୍ଲକ୍ସାସିନ, ଏନ୍‌ରୋଫ୍ଲକ୍ସାସିନ୍ ଭଳି ଔଷଧ ମଧ୍ୟ ଆକ୍ରାନ୍ତ ଚିରରେ ଦିଆଯିବା ସହିତ ଆଣ୍ଟିବାଓଟିକ୍ସ ଇଞ୍ଜେକଶନ ଆକାରରେ ଦେଲେ ପହ୍ନା ପ୍ରଦାହ ଶୀଘ୍ର ଭଲ ହୁଏ। ଆକ୍ରାନ୍ତ ପହ୍ନାରେ ଫୁଲା ଅଂଶକୁ ବରଫ ଲଗାଇଲେ ଓ ଦରଜ କମାଇବାପାଇଁ ଇଞ୍ଜେକଶନ ଦେଲେ ରୋଗାକ୍ରାନ୍ତ ଗାଈଙ୍କ ଯନ୍ତ୍ରଣା ଶୀଘ୍ର ଉପଶମ ହୁଏ । ଏହି ରୋଗ ନ ହେବାପାଇଁ ଗୁହାଳର ଚଟାଣ ସିମେଣ୍ଟ କିମ୍ବା ଟାଇଲରେ ହେବା ଦରକାର। ଏଥିସହ ଦୁହିଁବା ପୂର୍ବରୁ ଓ ପରେ ଗାଈର ପହ୍ନାକୁ ଡେଟଲ ମିଶା ପାଣି କିମ୍ବା ୧% ପୋଟାସିୟମ ପରମାଙ୍ଗାନେଟ୍ ପାଣିରେ ଧୋଇବା ସହିତ ଦୁହାଁଳି ଦୁହିଁବା ପୂର୍ବରୁ ହାତକୁ ସାବୁନରେ ଧୋଇବା ଆବଶ୍ୟକ।



**ପ୍ଲିହା ଜ୍ୱର ବା ଆନ୍ଥ୍ରାକ୍ସ ରୋଗ :** ଏହି ରୋଗ ବାସିଲସ୍ ଆନ୍ଥ୍ରାସିସ୍ ନାମକ ଜୀବାଣୁ ଯୋଗୁ ସମସ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ । ଗୋରୁଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଓ ଉପଯୁକ୍ତ ବ୍ୟାୟାମର ଅଭାବ କିମ୍ବା ଅଳସୁଆମି ଯୋଗୁ ଏହି ରୋଗ ସହଜରେ ଆକ୍ରମଣ କରେ । ଏହି ଜୀବାଣୁ ଲାଗିଥିବା ଖାଦ୍ୟ କିମ୍ବା ପାଣି ପିଇଲେ ସୁସ୍ଥ ପ୍ରାଣୀଙ୍କୁ ଏହି ରୋଗ ସଂକ୍ରମଣ କରେ। ଗୋରୁଙ୍କ ଶରୀରରେ କ୍ଷତ ମାଧ୍ୟମରେ ମଧ୍ୟ ଏହି ଜୀବାଣୁ ସୁସ୍ଥ ପ୍ରାଣୀ ଦେହରେ ପ୍ରବେଶ କରିଥାନ୍ତି । ଆନ୍ଥ୍ରାକ୍ସ ରୋଗ ବିଭିନ୍ନ ନଦୀ ବା ଝରଣା ମାଂସାସୀ ପ୍ରାଣୀ, ଜଙ୍ଗଲ ପକ୍ଷୀ, ଆକ୍ରାନ୍ତ ଗୋରୁର ଚମଡ଼ା ପରିବହନ, ହାଡ଼ଗୁଣ୍ଡ ଓ ଲୋମ ମାଧ୍ୟମରେ ସହଜରେ ବ୍ୟାପିଥାଏ । ପାହାଡ଼ିଆ ମାଳ ଅଞ୍ଚଳରେ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ ।

